୬ ଆଇସିସି ପ୍ଲେୟାର ଅଫ୍ ଦି ଇୟର : ସଂକ୍ଷିପ୍ତ ତାଲିକାରେ ସଞ୍ଜୁ ସାମ୍ସନ ଓ ଯଶପ୍ରୀତ୍ ବୁମ୍ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୬୭ ● ୭ ଅପ୍ରେଲ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-67 ● 7th April 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27




## ବିଧାନସଭା ନିର୍ବାଚନ ପ୍ରଚାର ସରଗରମ

# 'ଏକ ଦେଶ, ଏକ ନିର୍ବାଚନ' ପ୍ରସଙ୍ଗରେ ଚାଲିଛି ସକାରାତ୍ମକ ଆଲୋଚନା

**ବାରପେଟା (ଆସାମ), ୬।୪**

୨୦୨୬ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଏବେ ଜୋରସୋରରେ ଚାଲିଛି। ଏପ୍ରିଲ ୯ରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ହେବାର ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ପ୍ରଚାର କରୁଛନ୍ତି। ଏହି ଅବସରରେ ଆସାମର ବାରପେଟାରେ ଏକ ରାଲିକୁ ସମ୍ବୋଧିତ କରି ସେ ସୋମବାର ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରିବାକୁ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ମହିଳାଙ୍କ ଅଧିକାରକୁ ମଜଭୁତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସର୍ବସମ୍ମତିକ୍ରମେ ଏହି ବିଲ୍ ପାରିତ ହେବା ପାଇଁ ରାଜନେତାମାନଙ୍କ ଉପରେ ଚାପ



ପକାଇବାକୁ ସେ ମହିଳା ଭୋଟରମାନଙ୍କୁ ନିବେଦନ କରିଛନ୍ତି।ତେଣେ ତାମିଲନାଡୁରେ ପ୍ରଚାର କରୁଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ବର୍ଦ୍ଧିତ ସମର୍ଥନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତାକୁ ଦର୍ଶାଇ ବିଜେପି ନେତୃତ୍ୱାଧୀନ ମେଣ୍ଟ କ୍ଷମତାକୁ ଆସିବ ବୋଲି ଦୃଢ଼ତା ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜି କିଷନ ରେଡ୍ଡୀ ସୋମବାର ତାମିଲନାଡୁର ଅବିନାଶୀ ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏଲ ମୁରୁଗାନଙ୍କ ପାଇଁ ପ୍ରଚାର କରି କହିଛନ୍ତି ଯେ, ଭୋଟରମାନେ ବଂଶବାଦ ରାଜନୀତି ଅପେକ୍ଷା ବିକାଶକୁ ପସନ୍ଦ କରନ୍ତି।

ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ଏବଂ 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଉପରେ ଗମ୍ଭୀର ଓ ସକାରାତ୍ମକ ଆଲୋଚନା ଚାଲିଛି ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ବିଜେପିର ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ କର୍ମୀମାନଙ୍କୁ ଆଭାସୀ *(ପୃଷ୍ଠା ୭ରେ)*

# ୧୪ଟି ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ

**ଭୁବନେଶ୍ୱର, ୬।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ ହୋଇଛନ୍ତି। ସୋମବାର ଦିନ ଏନେଇ ଲୋକ ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି। ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ହୋଇଥିବା ବେଳେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି , ପ୍ରଫେସର ସଞ୍ଜୟ କୁମାର ପାତ୍ର ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି,



ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି, ପ୍ରଫେସର ଅସୀମା ସାହୁ ଖଲ୍ଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟ କୁଳପତି, ପ୍ରଫେସର ପବନ କୁମାର ଅଗ୍ରୱାଲ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ପ୍ରଫେସର ଶିବରାମ ତ୍ରିପାଠୀ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି, ପ୍ରଫେସର ବିଭୂତି ଭୂଷଣ ମଲିକ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି, ପ୍ରଫେସର ଜ୍ୟୋତ୍ସ୍ନା କେବି ରାଉତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି , ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି, ପ୍ରଫେସର ହୃଷିକେଶ ସେନାପତି ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି।

# ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା

**ଭୁବନେଶ୍ୱର, ୬।୪**
**ନ୍ୟୁଜ୍ ବ୍ୟୁରୋ**

୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା କରାଯାଇଛି । ଅନୁଗୁଳ- ବଶିଷ୍ଠ ନାୟକ (ଅଧ୍ୟକ୍ଷ), ସୁରୁମଣି ଛତର(ଉପାଧ୍ୟକ୍ଷ), ବଲାଙ୍ଗୀର- ବଲ୍ଲଭ ଧରୁଆ (ଅଧ୍ୟକ୍ଷ), ଜୟନ୍ତୀ ଭୋଇ (ଉପାଧ୍ୟକ୍ଷ), ବାଲେଶ୍ୱର- ବିପିନ ମାରାଣ୍ଡି (ଅଧ୍ୟକ୍ଷ), ଝରଣା ସିଂ (ଉପାଧ୍ୟକ୍ଷ), ବରଗଡ଼- ଗୋବର୍ଦ୍ଧନ ଭୋଏ (ଅଧ୍ୟକ୍ଷ), ତିଳୋତ୍ତମା ଭୁଏ (ଉପାଧ୍ୟକ୍ଷ), ବୌଦ୍ଧ- ଡମରୁ ଧର କହଁର (ଅଧ୍ୟକ୍ଷ), ଝରଣା ଜାନି (ଉପାଧ୍ୟକ୍ଷ), ଦେବଗଡ଼- ପ୍ରଶାନ୍ତ ବେହେରା (ଅଧ୍ୟକ୍ଷ), ପ୍ରମିଳା କିଶାନ (ଉପାଧ୍ୟକ୍ଷ), ଢେଙ୍କାନାଳ- ନାଉରି ସିଂ (ଅଧ୍ୟକ୍ଷ), ସେବତୀ ଭୋଇ (ଉପାଧ୍ୟକ୍ଷ), ଗଜପତି- କାମଦେବ ବଡ଼ନାୟକ (ଅଧ୍ୟକ୍ଷ), ପଙ୍କଜିନୀ ଦଳାଇ (ଉପାଧ୍ୟକ୍ଷ), ଗଞ୍ଜାମ- ନୀଳମାଧବ ପାତ୍ର (ଅଧ୍ୟକ୍ଷ), ଲଳିତା ପ୍ରଧାନ (ଉପାଧ୍ୟକ୍ଷ), ଯାଜପୁର- ରାଜେନ୍ଦ୍ର କାନ୍ଦୁଲିଆ (ଅଧ୍ୟକ୍ଷ), ଶାନି ଜରିକା (ଉପାଧ୍ୟକ୍ଷ), ଝାରସୁଗୁଡ଼ା- ସାମଲ ନାଏକ (ଅଧ୍ୟକ୍ଷ), ସଂଯୁକ୍ତା ଓରାମ (ଉପାଧ୍ୟକ୍ଷ), କଳାହାଣ୍ଡି- ବିଜୟ ଦିଶାରୀ (ଅଧ୍ୟକ୍ଷ), ରୀନା ଭୋଇ (ଉପାଧ୍ୟକ୍ଷ), କନ୍ଧମାଳ- ମାନଗୋବିନ୍ଦ ପ୍ରଧାନ (ଅଧ୍ୟକ୍ଷ), କଳ୍ପନା କହଁର (ଉପାଧ୍ୟକ୍ଷ), କେନ୍ଦୁଝର- ମମିତା ନାଏକ (ଅଧ୍ୟକ୍ଷ), ମାନସ ନାଏକ (ଉପାଧ୍ୟକ୍ଷ), କୋରାପୁଟ- ଭଗବାନ ମୁଦୁଲି (ଅଧ୍ୟକ୍ଷ), ସୁକାନ୍ତୀ ମାଝୀ (ଉପାଧ୍ୟକ୍ଷ), ମାଲକାନଗିରି- ଗଙ୍ଗାଧର ସୋଡ଼ି (ଅଧ୍ୟକ୍ଷ), ସାବିତ୍ରୀ ପଡ଼ିଆମି (ଉପାଧ୍ୟକ୍ଷ), ମୟୂରଭଞ୍ଜ- ବୁଧାନ ମୁର୍ମୁ (ଅଧ୍ୟକ୍ଷ), କୌଶଲ୍ୟା ନାଏକ (ଉପାଧ୍ୟକ୍ଷ), ନବରଙ୍ଗପୁର- ବାସନ୍ତୀ ମାଝି (ଅଧ୍ୟକ୍ଷ), ଲିଙ୍ଗରାଜ ଭତ୍ରା (ଉପାଧ୍ୟକ୍ଷ), ନୟାଗଡ଼- ତ୍ରିନାଥ ମଲ୍ଲିକ (ଅଧ୍ୟକ୍ଷ), ସମିତା ଦେହୁରୀ (ଉପାଧ୍ୟକ୍ଷ), ନୂଆପଡ଼ା- ହୋମେସିଂ ମାଝୀ (ଅଧ୍ୟକ୍ଷ), ବେଳାମତି ମାଝୀ (ଉପାଧ୍ୟକ୍ଷ), ରାୟଗଡ଼ା- ବିଦ୍ୟାଧର ଶବର (ଅଧ୍ୟକ୍ଷ), ମଞ୍ଜୁଳା ମିନିଆକା (ଉପାଧ୍ୟକ୍ଷ), ସମ୍ବଲପୁର- ଭଗିନ୍ଦ୍ର କିଶାନ (ଅଧ୍ୟକ୍ଷ), ସୁଷମା ମୁଣ୍ଡା (ଉପାଧ୍ୟକ୍ଷ), ସୁନ୍ଦରଗଡ଼- ସନ୍ତୋଷ ଅମାତ (ଅଧ୍ୟକ୍ଷ), ଗାଙ୍ଗି କିଣ୍ଡୋ (ଉପାଧ୍ୟକ୍ଷ)ଙ୍କ ନାମ ଘୋଷଣା କରାଯାଇଛି।

## ସ୍ୱାଭାବିକ ହେଲା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନୀତିକାନ୍ତି



**ଭୁବନେଶ୍ୱର, ୬।୪**
**ନ୍ୟୁଜ୍ ବ୍ୟୁରୋ**

ସ୍ୱାଭାବିକ ହେଲା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନୀତିକାନ୍ତି। ଦୁଇ ସେବାୟତ ଗୋଷ୍ଠୀ ଭିତରେ ଘୋଡଣି ଉଠେଇବା ନେଇ ବିବାଦ ଉପୁଜି ଥିଲା। ଉଭୟ ପକ୍ଷଙ୍କୁ ଡାକି ଆଲୋଚନା ପରେ ସମସ୍ୟାର ସମାଧାନ ହେଲା। ଏହି ଘଟଣାକୁ ନେଇ ଆଗାମୀ ୨୦ରେ ଟ୍ରଷ୍ଟ ବୋର୍ଡ ବୈଠକରେ ନିଷ୍ପତ୍ତି କରାଯିବ। ସୋମବାର ମନ୍ଦିର ପରିସରରେ ଯେଉଁ ଘଟଣା ଘଟିଲା ତାହାର ତଦନ୍ତ ହେବ। ପୁଣି ଶ୍ରୀ ଲିଙ୍ଗରାଜ ମନ୍ଦିରରେ ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗ ବିବାଦ ସୋମବାର ଦେଖିବାକୁ ମିଳିଥିଲା। ସକାଳ ୧୦ଟା ସାହାଣ ମେଲା ପରଠାରୁ ବନ୍ଦ ରହିଥିଲା ପ୍ରଭୁଙ୍କ ନୀତିକାନ୍ତି। ମନ୍ଦିର କାର୍ଯ୍ୟନିର୍ବାହୀ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଉଭୟ ନିଯୋଗ। ରୁପା ଘୋଡକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପ୍ରଭୁଙ୍କ ସୁରକ୍ଷା ପାଇଁ ଲାଗିଥାଏ ରୁପା ଘୋଡ।

# ଟ୍ରମ୍ପଙ୍କ ଧମକ ପରେ ହର୍ମୁଜ ଖୋଲିବାକୁ ନେଇ ସର୍ତ୍ତ ରଖିଲା ଇରାନ

**ତେହେରାନ, ୬।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଏକ ସମୟସୀମା ଜାରି କରିଛନ୍ତି। ସେ କହିଛନ୍ତି ଯେ ଇରାନ ମଙ୍ଗଳବାର ସା ପର୍ଯ୍ୟନ୍ତ ଏହି ପ୍ରଣାଳୀ ଖୋଲିବା ପାଇଁ ସମୟ ରଖିଛି। ଯଦି ଏହା ବିଫଳ ହୁଏ, ତେବେ ଏହାର ଶକ୍ତି କେନ୍ଦ୍ର ଏବଂ ସେତୁ ନଷ୍ଟ ହୋଇଯିବ। ଏକ ସାକ୍ଷାତକାରରେ, ଟ୍ରମ୍ପ ପୁଣି ଥରେ ଇରାନକୁ ଧମକ ଦେଇଛନ୍ତି। ତଥାପି, ଆମେରିକା



ରାଷ୍ଟ୍ରପତିଙ୍କ ଧମକ ଇରାନ ଉପରେ କୌଣସି ସ୍ପଷ୍ଟ ପ୍ରଭାବ ପକାଇବା ପରି ମନେ ହେଉନାହିଁ ବରଂ ଇରାନ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଆମେରିକାକୁ ଏକ ପ୍ରମୁଖ ସର୍ତ୍ତ ଉପସ୍ଥାପନ କରିଛି।

ଇରାନ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସହିତ ଜଡିତ ଜଣେ ଅଧିକାରୀ ମେହଦି ତବାତାବାଇ ଟ୍ରମ୍ପଙ୍କ ଧମକର ଜବାବ ଦେଇ କହିଛନ୍ତି ଯେ ଯୁଦ୍ଧ ସମୟରେ ହୋଇଥିବା କ୍ଷତିର କ୍ଷତିପୂରଣ ପାଇଁ ପରିବହନ *(ପୃଷ୍ଠା ୭ରେ)*

# ଶପଥ ନେଲେ ଓଡ଼ିଶାର ନବ ନିର୍ବାଚିତ ସାଂସଦ



**ଭୁବନେଶ୍ୱର, ୬।୪ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସଭାରେ ସୋମବାର ଓଡ଼ିଶାର ନବ ନିର୍ବାଚିତ ସାଂସଦ ଶପଥ ନେଇଛନ୍ତି । ଓଡ଼ିଶାରୁ ୩ ସାଂସଦ ମନମୋହନ ସାମଲ, ସନ୍ତୃପ୍ତ ମିଶ୍ର ଓ ଦିଲ୍ଲୀପ ରାୟ ନେଇଛନ୍ତି । ହେଲେ ସୁଜିତ କୁମାର ଶପଥ ନେଇନାହାନ୍ତି । ରାଜ୍ୟସଭା ଅଧ୍ୟକ୍ଷ ସି. ପି. ରାଧାକ୍ରିଷ୍ଣନ୍ ଓଡ଼ିଶାରୁ ନବନିର୍ବାଚିତ ୩ ସାଂସଦଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ।

ସୂଚନାଯୋଗ୍ୟ ଯେ, ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମାର୍ଚ୍ଚ ୧୬ରେ ନିର୍ବାଚନ ହୋଇଥିବା ବେଳେ ଫଳାଫଳ ମଧ୍ୟ ଘୋଷଣା ହୋଇଥିଲା । ନିର୍ବାଚନରେ ଭାଜପା ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର ଜିତିଥିବା ବେଳେ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ମଧ୍ୟ ବାଜି ମାରିଥିଲେ । ସେହିପରି ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ଜିତିଥିଲେ ।

# ଦେଶରେ ମହଜୁଦ ରହିଛି ପର୍ଯ୍ୟାପ୍ତ ଏଲ୍‌ପିଜି : କେନ୍ଦ୍ର

**ନୂଆଦିଲ୍ଲୀ, ୬।୪**

କେନ୍ଦ୍ର ସରକାର ଲିକ୍ୟୁଫାଇଡ ପେଟ୍ରୋଲିୟମ୍ ଗ୍ୟାସ୍(ଏଲ୍‌ପିଜି) ଏବଂ ଇନ୍ଧନର ଆପୂର୍ତ୍ତିକୁ ନେଇ ସୋସିଆଲ ମିଡିଆରେ ବ୍ୟାପୁଥିବା ଅନେକ ପ୍ରକାର ଭ୍ରମାତ୍ମକ ଖବର ଏବଂ ଗୁଜବ ଉପରେ ଲୋକ ବିଶ୍ୱାସ ନକରିବାକୁ ଅପିଲ କରିଛନ୍ତି। ସରକାର କହିଛନ୍ତି ଯେ ଭାରତରେ ଇନ୍ଧନ ଏବଂ ଗ୍ୟାସ୍‌ର ପର୍ଯ୍ୟାପ୍ତ ଷ୍ଟକ୍ ଅଛି। ଉପଭୋକ୍ତା ନିଜ ଆବଶ୍ୟକତା ଅନୁଯାୟୀ କିଣାକିଣି କରନ୍ତୁ ଏବଂ ଭୟ କରି ଅନାବଶ୍ୟକ ସଂଗ୍ରହ ନକରନ୍ତୁ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ସୁଜାତା ଶର୍ମା ସୋମବାର ଦିନ ରାଷ୍ଟ୍ରୀୟ ମିଡିଆ କେନ୍ଦ୍ରରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଦେଶରେ ଗ୍ୟାସର ପର୍ଯ୍ୟାପ୍ତ ଷ୍ଟକ୍ ରହିଛି ଏବଂ ପ୍ରତିଦିନ ପ୍ରାୟ ୫୦ ଲକ୍ଷ ସିଲିଣ୍ଡର ବିକ୍ରି କରାଯାଉଛି। ଗତ ୧୪ ଦିନରେ ୬.୭୫ ଲକ୍ଷରୁ ଅଧିକ ଛୋଟ ସିଲିଣ୍ଡର ବିକ୍ରି କରାଯାଇଛି। ଶର୍ମା କହିଛନ୍ତି ଯେ ବୃଦ୍ଧି ପାଉଥିବା ଚାହିଦାକୁ ଦେଖି ସରକାର ୫ କିଲୋଗ୍ରାମର ଛୋଟ ଏଲ୍‌ପିଜି ସିଲିଣ୍ଡରର ବ୍ରିକି ତୀବ୍ର କରିଦେଇଛନ୍ତି। ଏଥିପାଇଁ ଉପଭୋକ୍ତା କେବଳ ଏକ ବୈଧ ପରିଚୟ ପତ୍ର ସହିତ ନିକଟତମ ବିକ୍ରେତାଙ୍କ ଠାରୁ ୫ କିଲୋର ସିଲିଣ୍ଡର ନେଇପାରିବେ। ଏଥିପାଇଁ ଆବାସ ପ୍ରମାଣ ପତ୍ରର ଆବଶ୍ୟକତା ନାହିଁ। ଚାରି ଅପ୍ରେଲକୁ ଏହାର ବିକ୍ରି ୯୦ ହଜାର ପାର ପହଞ୍ଚିଯାଇଛି। କୌଣସି ବିକ୍ରେତାଙ୍କ ପାଖରେ ଷ୍ଟକ୍ *(ପୃଷ୍ଠା ୭ରେ)*

## ରାଜ୍ୟରେ ଏଲପିଜିର ଅଭାବ ନାହିଁ : ଯୋଗାଣ ସଚିବ

**ଭୁବନେଶ୍ୱର, ୬।୪ : ନ୍ୟୁଜ୍ ବ୍ୟୁରୋ**

ମାସକ ଭିତରେ ଏଲପିଜିକୁ ନେଇ ଅନେକ ପଦକ୍ଷେପ ନିଆଯାଇଛି। ଏଲପିଜି, ପେଟ୍ରୋଲ ଓ ଡିଜେଲର ରାଜ୍ୟରେ କୌଣସି ଅଭାବ ନାହିଁ । ଗୋଟେ ଦୁଇଟି ସ୍ଥାନରେ ପେଟ୍ରୋଲ ଡିଜେଲ ମିଳିବାରେ ସମସ୍ୟା ହେଉଛି କିନ୍ତୁ ଅସୁବିଧା ନାହିଁ । ଏଲପିଜି ଗ୍ୟାସରେ କୌଣସି ସମସ୍ୟା ନାହିଁ ବୋଲି ଯୋଗାଣ ସଚିବ ସଞ୍ଜୟ ସିଂ କହିଛନ୍ତି । ୭୦ ପ୍ରତିଶତ ବାଣିଜ୍ୟିକ *(ପୃଷ୍ଠା ୭ରେ)*

## ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନସୂଚକ ପୁରସ୍କାର ପାଇବ ଓଡିଶା ପୋଲିସ

**ଭୁବନେଶ୍ୱର, ୬।୪ : ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନସୂଚକ ପୁରସ୍କାର ପାଇବ ଓଡିଶା ପୋଲିସ । ଏଥିପାଇଁ ଓଡ଼ିଶା ଆସିବେ ମହାମହିମ ରାଷ୍ଟ୍ରପତି। ରାଜ୍ୟ ପୋଲିସକୁ ଦେବେ ପ୍ରେସିଡେଣ୍ଟ କଲର୍ ଆୱାର୍ଡ। ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଭାରତରେ ଏକ ସାମରିକ ୟୁନିଟ୍, ତାଲିମ ପ୍ରତିଷ୍ଠାନ କିମ୍ବା ପୋଲିସ୍ ଫୋର୍ସକୁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର ହେଉଛି ପ୍ରେସିଡେଣ୍ଟ କଲର ସାହସିକତା ଏବଂ ବୃତ୍ତିଗତ ସେବାକୁ ସ୍ୱୀକୃତି ଦେଇଥାଏ ଏହି ପୁରସ୍କାର। ଏକ ଆନୁଷ୍ଠାନିକ ପତାକା ଏବଂ ଉତ୍କର୍ଷତାର ପ୍ରତୀକ ଭାବରେ ଏହା କାର୍ଯ୍ୟ କରେ । ଏହି ପୁରସ୍କାର ବା ସମ୍ମାନର ପ୍ରତୀକ । *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଗାଁ ଗହଳିରେ ଡେରା ପଡିଲାଣି
ଭିଡ ଜମେଇବେ ନେତା
ଜନତା କାନରେ ମନ୍ତର ଫୁଙ୍କିବେ
ଇଏ ଭବିଷ୍ୟତ ଚିନ୍ତା
ପଞ୍ଚାୟତ ନିର୍ବାଚନ ବାର୍ତ୍ତା
ଘର ଘର ବୁଲି ସବୁମୁଣ୍ଡ ଗୁଡା
କରିକି ଖାଇବେ ଭର୍ତ୍ତା

# ଅନ୍ତ ହେଲା ଲାଲ୍ ସଲାମ



**ଭୁବନେଶ୍ୱର, ୬।୪**
**ନ୍ୟୁଜ୍ ବ୍ୟୁରୋ**

ଦିନ ଥିଲା ଟିଭି ଖୋଲିଲେ କିମ୍ବା ଖବର କାଗଜର ପୃଷ୍ଠା ଓଲଟାଇଲେ ମାଓବାଦୀଙ୍କ ବର୍ବରତାର ଚିତ୍ର ଦେଖିବାକୁ ମିଳୁଥିଲା । ସବୁଦିନ ସୀମାନ୍ତବର୍ତ୍ତୀ ଇଲାକାରୁ ନକ୍ସଲଙ୍କ ନିଷ୍ଠୁରତାର ଖବର ସାମ୍ନାକୁ ଆସୁଥିଲା । କେଉଁଠି ପୋଲିସ ଇନଫର୍ମର ସନ୍ଦେହରେ କାହାକୁ ମାଓବାଦୀ ଘରୁ ଟେକିନେଇ ଗାଁ ମୁଣ୍ଡରେ ହତ୍ୟା କରୁଥିଲେ ତ ପୁଣି କେଉଁଠି ବିକାଶ କାମକୁ ବିରୋଧ କରି ନକ୍ସଲମାନେ ଟିପର ଜାଳିଦେଉଥିଲେ । କେବେ ଜିଲ୍ଲାପାଳଙ୍କୁ ତ କେବେ ବିଦେଶୀ ନାଗରିକଙ୍କୁ ଅପହରଣ କରି ରଖୁଥିଲେ । ଅସ୍ତ୍ରାଗାର ଲୁଟ୍, ଜେଲ ପୋଡ଼ି ପରି ଅନେକ ବର୍ବରକାଣ୍ଡ ଲାଲ୍ ଆତଙ୍କର ଗୋଟେ ଗୋଟେ ରକ୍ତାକ୍ତ ଦସ୍ତାବିଜ ହୋଇ ରହିଛି ଓଡ଼ିଶା ଛାତିରେ । ଖାଲି ଆମ ରାଜ୍ୟ ନୁହେଁ ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ରେ ସକ୍ରିୟ ଥିଲେ ମାଓବାଦୀ । ଗୋଟେ ସମୟ ଥିଲା ମାଓବାଦୀଙ୍କ ପାଇଁ ସାଧାରଣ ଲୋକଙ୍କ ମନରେ କୋକୁଆ ଭୟ ଖେଳିଯାଇଥିଲା । ଗଳାକାଟି ଲୋକଙ୍କୁ ନିର୍ମମ ହତ୍ୟା କରି ପୋଲିସ-ପ୍ରଶାସନର ନିଦ ହଜାଇ ଦେଇଥିଲେ ନକ୍ସଲ । ପାଖାପାଖି ୫୬ ବର୍ଷ ମାଓ ଆତଙ୍କରେ ଆତଙ୍କିତ ହୋଇ ରହିଥିଲେ ମଣିଷ ଆଉ ସେହି ନକ୍ସଲମାନଙ୍କ ସହ *(ପୃଷ୍ଠା ୭ରେ)*

# ୧୦ ଯାଏଁ କାଳବୈଶାଖୀ

**ଭୁବନେଶ୍ୱର, ୬।୪**
**ନ୍ୟୁଜ୍ ବ୍ୟୁରୋ**

ଅସହ୍ୟ ଖରା, ଗରମରୁ ମିଳିଲା ଆଶ୍ୱସ୍ତି। ବଦଳିଲା ପାଗ। ବିଭିନ୍ନ ସ୍ଥାନରେ କାଳବୈଶାଖୀ , ଘଡଘଡି, ବିଜୁଳି, ପବନ ମାଡ, କୁଆପଥର ସହ ହୋଇଛି ପ୍ରବଳ ବର୍ଷା। ବିଶେଷ କରି ବରଗଡ଼, ପାଟଣାଗଡ଼, କଳାହାଣ୍ଡି କଲମପୁର ସହିତ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ କାଳବୈଶାଖୀର ତାଣ୍ଡବ ଦେଖାଯାଇଛି। ପ୍ରବଳ ମାତ୍ରାରେ କୁଆପଥର ବର୍ଷା ହୋଇଛି। ଗଛ ଉପୁଡ଼ିବା ସହ ବିଦ୍ୟୁତ୍ ସେବା ମଧ୍ୟ ବ୍ୟାହତ ହୋଇଛି। ଫସଲ ନଷ୍ଟ ହେବା ସହ ଘରର ଛପର ଉଡି କ୍ଷତିଗ୍ରସ୍ତ ହୋଇଛି। ଗତ କିଛି ଦିନ ହେବ ଦିନରେ ପ୍ରବଳ ଖରା, ଗରମ କାରଣରୁ ତାତିରେ ଅସ୍ତବ୍ୟସ୍ତ ହେଉଥିଲେ ରାଜ୍ୟବାସୀ। ଦିନରେ ଖରା ପରେ ସନ୍ଧ୍ୟାରେ ଆଶ୍ୱସ୍ତି ଆଣୁଛି କାଳବୈଶାଖୀ।

ରାଜ୍ୟରେ ୧୦ ତାରିଖ ଯାଏ କାଳବୈଶାଖୀର ପ୍ରଭାବ ରହିବ। ଆସନ୍ତା ସପ୍ତାହ ଯାଏ ପଶ୍ଚିମା ଝଡ ଓ କାଳବୈଶାଖୀ ପ୍ରଭାବ ରହିବ। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଓ ରାୟଗଡ଼ାରେ ଘଡଘଡି, ବର୍ଷା ସହ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ୭ ଓ ୮ ତାରିଖରେ ଉତ୍ତର ଓଡିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଓ ଘଡଘଡି ନେଇ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ୯ ଯାଏ ଉପକୂଳ ଓଡିଶାର ବିଭିନ୍ନ ସ୍ଥାନରେ ଝଡ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।





# 'ଓଡ଼ିଆ ଭାଷାର ସୁରକ୍ଷା ହିଁ ଓଡ଼ିଶା ଅସ୍ମିତା ରକ୍ଷାର ପ୍ରଥମ ସୋପାନ'

**ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ**

ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ,ଢେଙ୍କାନାଳ ପରିସରରେ ଓଡ଼ିଶା ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ଦଳେଇଙ୍କ ଅବାହକତ୍ୱରେ ଓ ମାର୍ଗଦର୍ଶନରେ ପ୍ରାକ୍ତନ ବରିଷ୍ଠ ସହକାରୀ ଶିକ୍ଷକ ତଥା ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟ ପୁରସ୍କାର ପ୍ରାପ୍ତ ଢେଙ୍କାନାଳ ଜିଲ୍ଲା ସଂଯୋଜକ ଡ଼ା.ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସ୍ୱୀୟ ବକ୍ତବ୍ୟରେ ଓଡ଼ିଶା ଦିବସ ପାଳନର ଆବଶ୍ୟକତା,ଉଦ୍ଦେଶ୍ୟ,ଯଥାର୍ଥତା,ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ସୁରକ୍ଷା ହିଁ ଓଡ଼ିଶାର ଅସ୍ମିତା ରକ୍ଷାର ପ୍ରଥମ ସୋପାନ ବୋଲି ଦୃଢ଼ ମତପୋଷଣ କରି ସମସ୍ତେ ଏଥିପାଇଁ ସମ୍ମିଳିତ ଉଦ୍ୟମ ଜାରି ରଖିବାକୁ ଦୃଢ଼ ଆହ୍ୱାନ ଜଣାଇଥିଲେ ଓ ଓଡ଼ିଆ ଭାଷା ସୁରକ୍ଷା ସମ୍ପର୍କରେ ସ୍ୱରଚିତ ଦୁଇଟି ଓଡ଼ିଆ ସନେଟ୍ କବିତା ଆବୃତ୍ତି କରିଥିଲେ ।ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର,ସଂସ୍କୃତ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀଙ୍କ ସଂଯୋଜନା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା କର୍ମଚାରୀବୃନ୍ଦଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ଶିକ୍ଷୟିତ୍ରୀ ତଥା ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱାଗତିକା ରଥ ସଭାପତିତ୍ୱ କରିଥିଲେ ।ଓଡ଼ିଶା ଦିବସ ଉପଲକ୍ଷେ ଅନୁଷ୍ଠିତ ବ୍ଲକ୍ ସ୍ତରରେ, ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ଯୋଗଦାନ କରି ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଥିବା ବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ରୀ ସୁଶ୍ରୀ ସାଗରିକା ସ୍ୱାଇଁଙ୍କ ସମେତ ଅନେକ ଛାତ୍ରୀ,ଛାତ୍ର ସ୍ୱୀୟ ବକ୍ତବ୍ୟରେ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରି ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ସହଭାଗୀ ହୋଇ ଆଗେଇ ଆସିବାକୁ ଦୃଢ଼ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ବିଦ୍ୟାଳୟରେ ଅବସ୍ଥାପିତ ପଞ୍ଚସଖା,ବ୍ରଜନାଥ ବଡ଼ଜେନା,ନୃସିଂହ କାନୁନଗୋ,ଉତ୍କଳ ଗୌରବ ମଧୁସୂଦନ ଦାସ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଗଣେଶ,ସରସ୍ୱତୀ ଓ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ,ଧୂପ ଦୀପ ଅର୍ପଣ କରାଯାଇ ସମ୍ମିଳିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତଗାନ କରାଯାଇଥିଲା ।ବିଦ୍ୟାଳୟର ଆଜିର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ରଥ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ,ଉପସଭାପତି ସୁପ୍ରଭା ସ୍ୱାଇଁ,ସଦସ୍ୟା ଝରଣା ପାତ୍ର,ମୀନା ନାଏକ,ସୀମା ରାଣୀ ସାହୁ,ପ୍ରଭାସିନୀ ସାହୁ,ବିଜୟଲକ୍ଷ୍ମୀ ଜେନା,ଲକ୍ଷ୍ମୀକାନ୍ତ ଜେନା, ଦିଲାବର ହୁସେନ, ବିରଞ୍ଚି ନାଏକ, ପ୍ରାକ୍ତନ ବରିଷ୍ଠ ଶିକ୍ଷକ ଡ଼ା.ଦେବୀ ପ୍ରସାଦ ମିଶ୍ର, ସ୍ୱାଗତିକା ରଥ, ନଳିନୀ ବେହେରା, ସୁଜାତା ପଣ୍ଡା, ଜ୍ୟୋତିରଞ୍ଜନ ନାୟକ, ସୁଚିତ୍ରା ସାହୁ, ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର, ବରିଷ୍ଠ ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ,କିରଣମୟୀ ମାହାଳିକ, କଲ୍ୟାଣୀ ବଡ଼ଜେନା, ସ୍ୱପ୍ନାମୟୀ ପଣ୍ଡା, ରାକେଶ ସାହୁ, ଶୁଭସୁନ୍ଦର ବେହେରା,ଅପରାଜିତା ସାମଲ, ସୁଚିସ୍ମିତା ମହାନ୍ତି, ଦିପ୍ତୀଶ କୁମାର ଶତପଥୀ,ସ୍ମିତିସୁଧା ଜେନା, କ୍ଷୀରାବଧିତନୟା ମହାପାତ୍ର, ସ୍ମିତା ପଟ୍ଟନାୟକ, ଅନିତା ସାହୁ, ଶୁଭଶ୍ରୀ ଦେବସ୍ମିତା ରାଉତ, ସୁଜିତ କୁମାର ବାରା, କାର୍ଯ୍ୟାଳୟ ସହକାରୀ ସୁଦର୍ଶନ ସାହୁ, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡନାୟକ, ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।ପି ଏମ୍ ଶ୍ରୀ ଶତାୟୁ,ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ବରିଷ୍ଠ ସହକାରୀ ସଂସ୍କୃତ ଶିକ୍ଷୟିତ୍ରୀ ଡ.ଅନୁପମା ମିଶ୍ର ଆଜିର ସମସ୍ତ କାର୍ଯ୍ୟକ୍ରମର ସାମଗ୍ରିକ ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋରାପୁଟ ଜିଲ୍ଲା : ବିନା ବହିରେ ଆରମ୍ଭ ହେଲା ନୂଆ ଶିକ୍ଷାବର୍ଷ

**ଜୟପୁର, ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲାରେ ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବା ବେଳେ ନୂଆ ଶ୍ରେଣୀରେ ନୂତନ ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ପଢ଼ିବେ । ଏଥିପାଇଁ ସରକାରୀ ଓ ଘରୋଇ ବିଦ୍ୟାଳୟରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ପ୍ରବେଶ ଉତ୍ସବ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ହେଲେ ପିଲାଙ୍କ ନିକଟରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇପାରି ନାହିଁ । ଉଭୟ ରାଜ୍ୟ ସରକାର ଓ ଏନ୍‌ସିଇଆରଟି ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇବାରେ ବିଫଳ ହୋଇଛନ୍ତି । ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ଏପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନାହିଁ । ବଜାରରେ ବିକ୍ରି ହେଉଥିବା ବହି ମଧ୍ୟ ମିଳୁନି । ବିଗତ ବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏନ୍‌ସିଇଆରଟି ଠିକ୍ ସମୟରେ ପାଠ୍ୟପୁସ୍ତକ ବଜାରକୁ ଛାଡି ପାରିନାହିଁ । କଷ୍ଟେମଷ୍ଟେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ରେ ପାଠ୍ୟପୁସ୍ତକ ଉପଲବ୍ଧ କରାଯାଇଛି । ତେବେ ୯ମ ଶ୍ରେଣୀ ସିଲାବସ୍ ପରିବର୍ତ୍ତନ ହୋଇଥିବାରୁ ତାହା ଏବେ ସମସ୍ୟା ସୃଷ୍ଟି କରିଛି । ନୂତନ ସିଲାବସ୍ ଅନୁଯାୟୀ ଏପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ସରି ନ ଥିବାରୁ ଛପା ଯାଇପାରି ନାହିଁ । ବଜାରକୁ ଆସିବାକୁ ଆହୁରି କେତେ ସମୟ ଲାଗିବ ତାହା କେହି କହିପାରୁ ନାହାନ୍ତି । ଏହାଦ୍ୱାରା ପିଲାମାନେ ବହୁ ପରିମାଣରେ ହଇରାଣ ହେଉଛନ୍ତି । ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ପିଲାଙ୍କୁ କେଉଁଭଳି ପଢ଼ାଇବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । କେବଳ ସିବିଏସ୍‌ଇ ଛାତ୍ରଛାତ୍ରୀ ନୁହନ୍ତି, ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ବହି ପହଂଚି ପାରିନାହିଁ । ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ମାଗଣା ପାଠ୍ୟପୁସ୍ତକ ଯୋଗାଇ ଦେବାର ନିୟମ ରହିଛି । ହେଲେ ଆଜି ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଦିଆଯାଇ ନାହିଁ । ଉପାନ୍ତ ତଥା ଆଦିବାସୀବହୁଳ ଜିଲ୍ଲାଗୁଡ଼ିକର କିଛି ବିଦ୍ୟାଳୟକୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ହୋଇଛି । ସରକାରୀ ହିସାବ କହୁଛି, ୩୦ ପ୍ରତିଶତ ବିଦ୍ୟାଳୟରେ ମାଗଣା ପାଠ୍ୟପୁସ୍ତକ ପହଂଚିଛି । ତେବେ ଏହି ସଂଖ୍ୟା ଆହୁରି କମ୍ ହେବ ବୋଲି ଶିକ୍ଷକ ସଙ୍ଗଠନଗୁଡ଼ିକ କହିଛନ୍ତି। ସମସ୍ତ ଜିଲ୍ଲାରେ ପାଠ୍ୟପୁସ୍ତକ ପହଂଚି ନଥିବାରୁ ପ୍ରବେଶ ତଥା ଖଡ଼ିଛୁଆଁ ଉତ୍ସବକୁ ଘୁଂଚାଇ ଦିଆଯାଇଥିବା ନେଇ ଚର୍ଚ୍ଚା ଚାଲିଛି। କାରଣ ପ୍ରବେଶ ଉତ୍ସବରେ ହିଁ ପିଲାମାନଙ୍କୁ ନୂତନ ପାଠ୍ୟପୁସ୍ତକ ସମେତ ଅନ୍ୟାନ୍ୟ ସାମଗ୍ରୀ ବଂଟନ କରାଯିବ । ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ୯ମ ଓ ୧୦ମ ଶ୍ରେଣୀ ପାଠ୍ୟପୁସ୍ତକରେ ମଧ୍ୟ ସମାନ ସ୍ଥିତି ଲାଗିରହିଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ପାଠ୍ୟପୁସ୍ତକ ଛପାଯାଇ ନ ଥିବାରୁ ପିଲାଙ୍କ ପାଖରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇ ପାରିନାହିଁ । ସମସ୍ତ ବିଦ୍ୟାଳୟରେ ବହି ପହଂଚିବାକୁ ଆହୁରି ୧୫ ଦିନ ଲାଗିବ ବୋଲି ଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି । ତେଣୁ ଶିକ୍ଷା ବିଭାଗ ତୁରନ୍ତ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ 'ଓଡ଼ିଆ ପକ୍ଷ -୨୦୨୬' ପାଳନ



**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ -୨୦୨୬ ସମାରୋହ ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସମାରୋହରେ ଅଧାପକ ଶୁକଦେବ ପଣ୍ଡା, ଅକ୍ଷୟ କୁମାର ପାଣିଗ୍ରାହୀ, ମଞ୍ଜୁଳତା ମହାପାତ୍ର, ମିଳନ ପଣ୍ଡା ଓ ପ୍ରଭାତୀ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଉତ୍କଳର ଐତିହ୍ୟ, ପରମ୍ପରା, ରୀତିନୀତି, ଚାଲିଚଳନ, ପର୍ବପର୍ବାଣି, ସଂସ୍କୃତି, ପିଠା ପଣା ଓ ବେଶପୋଷାକ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଆ ପକ୍ଷ ଏପ୍ରିଲ ଏକରୁ ଆରମ୍ଭ ହୋଇ ଚଉଦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ ବୋଲି ସଂଯୋଜକ ଘୋଷଣା କରିଛନ୍ତି। ଦ୍ୱିତୀୟ ଦିବସରେ ବେଶ ପୋଷାକ ସମ୍ପର୍କରେ ଆଲୋଚନା ଚକ୍ର ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ ମାନେ ଭାଗ ନେଇ ନିଜର ଭାଷଣ ରଖିଥିଲେ । ଉକ୍ତ ସଭାକୁ ରଘୁନାଥ ନାୟକ, ଆଶୁତୋଷ ସିଂ ଓ ଗୌରାଙ୍ଗ ଦାସ ପ୍ରମୁଖ ସଂଚଳନା କରିଥିଲେ । ପରିଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ଅବକାରୀ ବିଭାଗରେ କୋଟି କୋଟି ଟଙ୍କାର ଠକେଇ ମାମଲା

# ଅବସରପ୍ରାପ୍ତ ଏଏସଆଇ ଓ କନିଷ୍ଠ କିରାଣି ଗିରଫ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଅବକାରୀ ବିଭାଗରେ କୋଟି କୋଟି ଟଙ୍କାର ଠକେଇ ମାମଲାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ୩ କୋଟି ୬୭ ଲକ୍ଷ ଟଙ୍କାର ହେରଫେର୍ ନେଇ ଅଇଁଠାପାଲି ଥାନାରେ ଅଭିଯୋଗ ପରେ ଅବସରପ୍ରାପ୍ତ ଏଏସଆଇ ଶରତ ଚନ୍ଦ୍ର ବେହେରା ଓ ଅବକାରୀ ବିଭାଗର କନିଷ୍ଠ କିରାଣି ସନ୍ଦୀପ କୁମାର ପଟ୍ଟନାୟକଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ନିକଟରୁ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଜବତ ହୋଇଛି । ବିଭିନ୍ନ ବ୍ୟାଙ୍କ ଆକାଉଂଟରେ ଥିବା ୪୪ ଲକ୍ଷ ଟଙ୍କା ଫ୍ରିଜ କରାଯାଇଛି । ଅଇଁଠାପାଲି ଥାନାରେ ରୁଜୁ ହୋଇଥିବା ମାମଲା ଅନୁସାରେ, ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ ନଭେମ୍ବର ୨୦୨୨ ଠାରୁ ଅକ୍ଟୋବର ୨୦୨୫ ମଧ୍ୟରେ ଏହି ଅନିୟମିତତା ଘଟିଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସନ୍ଦୀପ କୁମାର ପଟ୍ଟନାୟକ (ଜୁନିୟର ଅସିଷ୍ଟାଂଟ) ଓ ଶରତ ଚନ୍ଦ୍ର ବେହେରା(ଅବସରପ୍ରାପ୍ତ ଏଏସଆଇ) । ଉଭୟେ ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ସହିତ ମିଳିତ ଭାବେ ସରକାରୀ ଧନ ଆତ୍ମସାତ୍ କରିଥିବା ଅଭିଯୋଗ ରହିଛି । ତଦନ୍ତରେ ପ୍ରକାଶ ପାଇଛି ଯେ, ଆଇଏଫଏମଏସ ପୋର୍ଟାଲ ମାଧ୍ୟମରେ ଭୁଲ୍ ଅନୁମୋଦନ ଆଦେଶ ସୃଷ୍ଟି କରି ପେନସନ ଓ ବେତନ ବକେୟା ନାମରେ ଧନ ଉଠାଯାଇଥିଲା। ସରକାରୀ ରେକର୍ଡରେ ମଧ୍ୟ ହେରାଫେର୍ କରାଯାଇଥିବା ଜଣାପଡ଼ିଛି। ଏହି ମାମଲାରେ ଅଭିଯୁକ୍ତଙ୍କ ଠାରୁ ନଗଦ ୨୩,୪୬,୫୦୦/ତଥା ୧୪ ଲକ୍ଷ ଡିଡିଓ ଖାତାରେ ଜମା, ୨୦ ଲକ୍ଷ ଓ ୧୦ ଲକ୍ଷ ବ୍ୟାଙ୍କ ଖାତାରେ ବ୍ଲକ୍ । ବ୍ୟାଙ୍କ ତଦନ୍ତରେ ଅନେକ ସନ୍ଦେହଜନକ ଟ୍ରାଞ୍ଜାକ୍ସନ ଓ ଧନ ହସ୍ତାନ୍ତର ଘଟଣା ମଧ୍ୟ ଧରାପଡ଼ିଛି। ପୋଲିସ କହିଛି ଯେ, ଏହି ଘଟଣାରେ ଆହୁରି ଲୋକଙ୍କ ସମ୍ପୃକ୍ତି ଥାଇପାରେ, ତେଣୁ ଏବେ ଏହା ତଦନ୍ତାଧୀନ ରହିଛି ।

# ଚହଟା ରାମଲୀଳା ମହୋତ୍ସବ ଉଦଯାପିତ

**ଧର୍ମଶାଳା,ନ୍ୟୁଜ ବ୍ୟୁରୋ**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଚହଟା ପଞ୍ଚାୟତସ୍ଥିତ ଗ୍ରାମଦେବତୀ ମା' ଯମୁନାଶୁଣୀ ପୀଠରେ ତ୍ରିଦିନାତ୍ମକ ରାମଲୀଳା ମହୋତ୍ସବ ଉଦଯାପିତ ହୋଇଯାଇଛି। ପ୍ରଥମ ଦିବସରେ ସୁନ୍ଦରକଣ୍ଡ ପାଠ, ଶ୍ରୀ ରାମ ଲକ୍ଷ୍ମଣ ଓ ମାତା ସୀତା, ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା, ବହୁବାନର ସେନାଦ୍ୱାରା ଚହଟା, ଚୋରମୁହାଁ, କୁମାରୀ, ଜାରକା ପଞ୍ଚାୟତ ପରିକ୍ରମା, ଦ୍ୱିତୀୟ ଦିବସରେ ଗ୍ରାମବାସୀଙ୍କ ଦ୍ୱାରା କଳସଯାତ୍ରା, ଜ୍ୱଳନ୍ତା ଅଗ୍ନିରେ ମା'ଙ୍କ କଳସ ଧରି କାଳିସ ଓ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଅଗ୍ନିପଦକ୍ଷେଣ, ଝାମୁଯାତ୍ରା, ଗୋପୀନୃତ୍ୟ, ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରାମଲୀଳା ନାଟକ ପରିବେଷଣ ମ୍ୟାଜିକ୍ ସୋ ଓ ଉଡନ୍ତା ହନୁମାନ ପ୍ରଦର୍ଶିତ ହୋଇଥିଲା। ଏହାକୁ ରାମଲୀଳା ମହୋତ୍ସବ କମିଟି ପକ୍ଷରୁ ସହଯୋଗ କରିଥିବାବେଳେ ଗ୍ରାମବାସୀମାନଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି। ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ନିଃସ୍ୱାର୍ଥପର ସେବା ପାଇଁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡାଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବରୀ ଯାଯପୁର ଜିଲ୍ଲା ଅଞ୍ଚଳର ଇଛାପୁର ଗ୍ରାମର ବାଇଁଶିରିଆ ଅଞ୍ଚଳର ସତ୍ୟରଞ୍ଜନ କରଙ୍କୁ ନିଃସ୍ୱାର୍ଥପର ପରୋପକାରୀ ବ୍ୟକ୍ତି ଭାବେ ସମ୍ବର୍ଦ୍ଧିତ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅଂଚଳର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଛୋଟ ଝିଅ ଦୁର୍ଘଟଣାର ଶିକାର ହୋଇଥିଲା। ଏହି ବାଟେ ଦେଇ ଯାଉଥିବାସତ୍ୟରନ ଦୁର୍ଘଟଣାକୁ ଦେଖି ରକ୍ତରେ ଜୁଡୁବୁଡୁ ହେଉଥିବା ଝିଅକୁ ନିଜ ଗାଡିରେ ଧରି ନିଜ କାମ ଛାଡି ତୁରନ୍ତ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଇଥିଲେ। ବର୍ତ୍ତମାନ ସେ ସୁସ୍ଥ ଥିବାରୁ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସଡକ ସୁରକ୍ଷା ଅଧିକାରୀ ଲୋକନାଥ ମେହେର ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ନଗଦ ରାଶି ପ୍ରଦାନ କରିତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଲିପିକ ସଂଜୟ କୁମାର ନାୟକ, ଏମ୍‌ଭିଆଇ କାଜଲ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଟେଲୀୟର୍ସ ଆସୋସିଏସନ ଉଦ୍‌ଘାଟିତ

**ରାଉରକେଲା,ନ୍ୟୁଜ ବ୍ୟୁରୋ**



ଗତ ୧ ତାରିଖ ଦିନ ରାଉରକେଲା ସହରରେ ନବ ଗଠିତ ହୋଟେଲିୟର୍ସ ଆସୋଏସନ ପକ୍ଷରୁ ପବିତ୍ର ଓଡ଼ିଶା ଦିବସ ଅବସରରେ ଏହାର ଉଦଘାଟନୀ ଉତ୍ସବ ମେଫେୟାର ଭିଲେଜଠାରେ ଆୟୋଜନ କରାଯାଇ ଥିଲା। କାର୍ଯ୍ୟକ୍ରମ ସନ୍ଧ୍ୟାରେ ଆରଏସପିର ପୂର୍ବତନ ଡିଆଇସି ଡ଼ ଅତନୁ ଭୌମିକ ମୁଖ୍ୟ ଅତିଥି, ପଶ୍ଚିମ ଓଡ଼ିଶା ହୋଟେଲ ଆସୋସିଏସନର ସଭାପତି ତଥା (ହାରୋ)ର ଭାଇସ ଚେୟାରମ୍ୟାନ୍ ଆଶିଷ ପାଲିତ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ଝାରସୁଗୁଡା ହୋଟେଲ ଆସୋସିଏସନର ସଭାପତି ଅଭିଷେକ ଲାଠଙ୍କ ସମେତ ବଣିକ ସଂଘର ପୂର୍ବତନ ସଭାପତି ସୁବ୍ରତ ପଟନାୟକ, ସୁନୀଲ କୟଲ ଓ ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ ସମ୍ମାନନିୟ ଅତିଥି ଭାବେ ଯୋଗ ଦେଇ ହାରର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏକ ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ରେ ତିଆରି ହୋଇଥିବା ରଥ ହାର ପକ୍ଷରୁ ପୂର୍ବାହ୍ନରେ ଓଡ଼ିଶା ଦିବସ ପାଳନ କମିଟିର ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା କରି ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ବରିଷ୍ଠ ସଦସ୍ୟ ବିଜୟ ପ୍ରସାଦ (ପପୁ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାନୀୟ ଜଳ ଓ ସର୍ବତ ବଣ୍ଟନ କରାଯାଇଥିଲା ସାନ୍ଧ୍ୟ କାର୍ଯ୍ୟକ୍ରମରେ ହାରର ସଦସ୍ୟତା ନେଇଥିବା ୫୦ରୁ ଉର୍ଦ୍ଧ୍ୱ ହୋଟେଲ ଓ ରେଷ୍ଟୁଆରାଣ୍ଟ ମାଲିକ ଯୋଗ ଦେଇଥିବା ବେଳେ ଅତିଥିମାନଙ୍କ ଦ୍ୱାରା ସେମାନଙ୍କୁ ଆସୋସିଆସନର ସଦସ୍ୟ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଥିଲା ଓ କର୍ମକର୍ତ୍ତାଙ୍କ ଶପଥ ପାଠ କରାଯାଇଥିଲା । ହାରର ଚଳିତ ବର୍ଷ ପାଇଁ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ଉପସଭାପତି ବି.କେ. ମିଶ୍ର ଓ ପ୍ରକାଶ ସେନାପତି ସାଧାରଣ ସମ୍ପାଦକ ମୋହମଦ କୈସର ଜମିଲ, ଯୁଗ୍ମ ସମ୍ପାଦକ ପ୍ରମୋଦ ନାୟକ ଓ କୋଷାଧ୍ୟକ୍ଷ ଭାବେ ରଜନୀ ରଞ୍ଜନ ଝାଙ୍କ ନାମ ଘୋଷଣା କରାଯାଇଥିଲା ।

# ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ର ବୈଠକ

**ଜୟପୁର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶ୍ରୀ ଜଗନ୍ନାଥ ମାଝୀ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଙ୍କ ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲା ର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ମାନେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ସ୍ତରୀୟ ଅମଲା ମାନେ ଅବହେଳିତ ହୋଇ ରହୁଥିବାରୁ ସମସ୍ତ ଉପସ୍ଥିତ ଅମଲା ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅପର ପକ୍ଷରେ ସରକାର ୨ ବର୍ଷ ପୂର୍ବରୁ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର କ୍ୟାଡ଼ର ପୁନଃର୍ଗଠନ ନେଇ ଏକ ନିର୍ଦ୍ଧାରଣ ଜାରି କରିଥିଲେ ବର୍ତମାନ ସୁଦ୍ଧା ତାହା କାର୍ଯ୍ୟକାରି ବି ହୋଇ ପାରୁନାହିଁ ଯଦ୍ୱାରାକି ଜିଲ୍ଲା ସ୍ତରୀୟ ଅମଲା ମାନେ ପଦୋନ୍ନତି ପାଇବାରୁ ବଂଚିତ ହେବା ନେଇ ସମସ୍ତେ କ୍ଷୁବ୍ଧ ହୋଇଥିଲେ । ଏପଟେ ରାଜ୍ୟ ସଂଘ ନିରବଦ୍ରଷ୍ଟା ସାଜିଥିବା କାରଣକୁ ନେଇ ସମସ୍ତେ ପ୍ରଶ୍ନ କରିଥିଲେ। ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର ଆଗାମୀ ପଦକ୍ଷେପ ନିମନ୍ତେ ଓଡ଼ିଶା ଅମଲା ସଂଘ ର ଅମଲା ଚିନ୍ତନ କାର୍ଯ୍ୟକ୍ରମ ଆଦିବାସୀ ସଂଗ୍ରାହଳୟ କୋରାପୁଟ ଠାରେ ତା ୧୨.୦୪.୨୦୨୬ ରିଖ ଦିନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଥିଲା । ସେହି ଦିନ ଓଡ଼ିଶା ଅମଲା ସଂଘ ର ରାଜ୍ୟ ନିର୍ବାଚନ ର ତାରିଖ ଓ ସ୍ଥାନ ଘୋଷଣା କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଶ୍ରୀ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କୁ ଅନୁରୋଧ କରାଯାଇଥିଲା ସେ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଅମଲା ସଂଘର ରାଜ୍ୟ ନେତୃବୃନ୍ଦ ଓ ସମସ୍ତ ଜିଲ୍ଲାର ନେତୃବୃନ୍ଦ ଯୋଗଦାନ କରିବା ନିମନ୍ତେ ଅନୁରୋଧ କରିବେ । ଏ ନେଇ ଶ୍ରୀ ଦାଶ୍ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କ ସମେତ ସମସ୍ତ ରାଜ୍ୟ ନେତୃବୃନ୍ଦ ଓ ସମସ୍ତ ଜିଲ୍ଲାର ନେତୃବୃନ୍ଦଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ନିମନ୍ତେ ଅନୁରୋଧ କରିବା ନେଇ ସୁଚନା ଦେଇଥିଲେ ।

# ଅପ୍ରେଲ ୨୦ରେ କୃଷକ ସମବାୟ ସମିତି ପକ୍ଷରୁ ବିରାଟ ଚାଷୀ ସମାବେଶ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର କୃଷି ସମବାୟ ସମିତି ପକ୍ଷରୁ ବିରାଟ ଚାଷୀ ସମାବେଶ ପାଇଁ ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଏହି ସମାବେଶ ପାଇଁ ପ୍ରସ୍ତୁତି ବୈଠକ ହୋଇଛି। ଏହି ବୈଠକରେ କୃଷି କ୍ଷେତ୍ର ସମ୍ପର୍କୀୟ ବିଭିନ୍ନ ରାଜ ନେତା, ଉଚ୍ଚ ଅମଳାତନ୍ତ୍ର ଅଧିକାରୀ, ବିଭିନ୍ନ ବୈଜ୍ଞାନିକମାନଙ୍କୁ ଅକ୍ଷୟ ତୃତୀୟା ଦିବସରେ ଏହି ସମାବେଶରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ସମାବେଶରେ ଅବିଭକ୍ତ କଟକ ଜିଲ୍ଲାର ଚାଷୀ ଭାଇ ଭଉଣୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ କୃଷି ଏବଂ ଆନୁସାଙ୍ଗିକ କ୍ଷେତ୍ରରେ ବିଭିନ୍ନ ବର୍ଗର ସଫଳ ଚାଷୀ ଓ ଅନ୍ୟାନ୍ୟ କୃତୀ ପ୍ରତିଭାମାନଙ୍କୁ ସମ୍ମାନୀତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଜିର ଏହି ବୈଠକରେ ଉପସଭାନେତ୍ରୀ ପ୍ରାର୍ବତୀ ନାୟକଙ୍କ ସମେତ ନିର୍ଦ୍ଦେଶକ ନୃସିଂହ ଚରଣ ମହାନ୍ତି, ରଂଜନ କୁମାର ସେଠୀ, ଅଭୟ ସାମଲ, ମହେଶ୍ୱର ଜେନା, ରବିନ୍ଦ୍ର ଧଳ, ନିର୍ଦ୍ଦେଶିକା ମାନସୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ସମିତିର ସମ୍ପାଦକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମପୁର ସହରରେ ପୋଲିସ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଗଣଦୁର୍ଷ୍କର୍ମ ଘଟଣାରେ ରୋକ ଲାଗୁନି

**ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ**

ପୋଲିସ ଜିଲ୍ଲାରେ ୨ ବର୍ଷ ମଧ୍ୟରେ ଘଟିଲାଣି ୪ଟି ଗଣ ଦୁଷ୍କର୍ମ ମାମଲା । ଯାହା ସହରକୁ ଲଜ୍ଜିତ କରିଛି । ସବୁ ମାମଲାରେ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏପରିକି ଗୋଟିଏ ମାମଲାରେ କୋର୍ଟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ ମଧ୍ୟ କରିଛି । ତଥାପି ଗଣଦୁଷ୍କର୍ମ ମାମଲାରେ ରୋକ୍ ଲାଗୁନି । ନିକଟରେ ଗୋସାଇଁନୂଆଗାଁ ଥାନା ଅଚଂଳରେ ୧୭ ବର୍ଷୀୟା ନାବାଳିକାକୁ ଗଣଦୁଷ୍କର୍ମ ଅଭିଯୋଗ ପରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ନାବାଳିକାକୁ ବାଳସୁଧାର ଗୃହରେ ହାଜର କରିଛି । ଗତବର୍ଷ ଜୁନ ୩ ରାତିରେ ଗୋଳନ୍ଥରା ଥାନା ଅଚଂଳରେ ଏକ ଗାଁରେ ଚାଲିଥିବା ଶୁଭ କାର୍ଯ୍ୟରେ ଦୁଇ ନାବାଳିକା ସମ୍ପର୍କୀୟ ଭଉଣୀ ଯୋଗଦେବାକୁ ଯାଇ ଗଣଦୁଷ୍କର୍ମର ଶିକାର ହୋଇଥିଲେ । ସମ୍ପୃକ୍ତ ଦୁଇ ନାବାଳିକା ଭଉଣୀଙ୍କୁ ଏକ ପରିତ୍ୟକ୍ତ ସ୍ଥାନରେ ୪ଜଣ ଯୁବକ ମିଶି ଦୁଇ ଗଣଦୁଷ୍କର୍ମ କରିଥିଲେ । ତା ପରଦିନ ମଧ୍ୟ ଅନ୍ୟ ଏକ ସ୍ଥାନରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ ୪ ଯୁବକ । ଏପରିକି ଦୁଇ ନାବାଳିକାଙ୍କୁ ନିଜ ଘରକୁ ଡ଼ାଇବା ଆଳରେ ୪ଜଣ ମଧ୍ୟରୁ ୨ ଯୁବକ ଗଣଦୁଷ୍କର୍ମ କରିଥିଲେ। ଏଭଳି ଦୁଇ ନାବାଳିକାଙ୍କୁ ଦୁଇ ଦିନରେ ତିନୋଟି ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ ଯୁବକମାନେ । ଏନେଇ ନାବଳିକାଙ୍କ ପରିବାର ଲୋକେ ଜାଣିବା ପରେ ଗୋଳନ୍ଥରା ଥାନାରେ ଗତ ୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ବିଶାଖାପାଟଣାରୁ କେ. ଶିବା (୨୧), କେ. ସାଇ (୨୧), ଜି. ଗରେୟା (୨୧) ଓ ଏନ୍. ଶ୍ରୀନୁ (୨୨) ଆଦି ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ସେହିଭଳି ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ ତାରିଖରେ ଜଣେ ଯୁବତୀଙ୍କୁ ୪ ଯୁବକ ଗଣଦୁଷ୍କର୍ମ କରିଥିବା ବେଳେ ୬ ଜଣ ସହଯୋଗ କରିଥିଲେ । ଯାହା ଫଳରେ ପୋଲିସ ୧୦ ଜଣଙ୍କୁ ଧରିଥିଲା । ୬ ଜଣ ସାବାଳାକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା । ସେଥିରେ ୫ ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ୍ ପ୍ରଧାନ. ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ ଜଣ ନାବାଳିକାଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା । ଏଥିରେ ଅନ୍ୟତମ ସାବାଳକ ଓମ୍ ପ୍ରଧାନଙ୍କୁ ଚାର୍ଜସିଟ୍‌ରୁ ବାଦ ଦିଆଯାଇଛି । ଏହି ମାମଲା ବର୍ତ୍ତମାନ କୋର୍ଟରେ ବିଚାରଧୀନ ରହିଛି । ୨୦୨୪ ମାର୍ଚ୍ଚ ୩ ତାରିଖରେ ବୈଦ୍ୟନାଥପୁର ଥାନା ଅଚଂଳରେ ଏକ ବ୍ୟାଚଲର ରୁମ୍‌ରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଥିଲା । ଏହି ମାମଲାରେ ପୋଲିସ ରୁତୁନ୍ କୁମାର ଦାସ, ରୁଦ୍ର ଜେନା, ଅଭିଲାଶ ପଲାଇ, ଆକାଶ ନାୟକ, ଓମକାର ଜେନା ଓ ଜୁମନ୍ ଗୌଡ଼ ଆଦି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଚଳିତ ବର୍ଷ ଜାନୁଆରୀ ୨୯ ରେ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ପୋକ୍ ସୋ କୋର୍ଟରେ ବିଚାରପତି ପ୍ରଣତୀ ପଟ୍ଟନାୟକ ଉକ୍ତ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାରଣା କରି ୬ ଜଣ ଯୁବକଙ୍କୁ ୨୦ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଅପରପକ୍ଷେ ଗତ ୨୬ ତାରିଖରେ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ଜଜ୍ ରୋହିତ ଲାଲ ପଣ୍ଡା ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ସମ୍ପୃକ୍ତ ଅଭିଯୁକ୍ତକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଞ୍ଚଳର କେଶବ ନାହାକ ଓରଫ୍ କେଶା । ଏହି ଦଣ୍ଡାଦେଶ ପରେ ଅପରାଧୀମାନେ ଭୟଭୀତ ହୋଇ ଏଭଳି କାର୍ଯ୍ୟରୁ ନିବୃତ୍ତି ରହିବେ ଭାବିବା ବେଳକୁ ଗୋସାଇଁନୂଆଗାଁ ଥାନା ଅଚଂଳରେ ଆଉ ଏକ ଗଣଦୁଷ୍କର୍ମ ମାମଲା ଚାଂଚଲ୍ୟ ଖେଳାଇଦେଇଛି ।

# ବରଗଡ଼ ମହିଳା ସମିତିର ବାର୍ଷିକ ସାଧାରଣ ସଭା ମନ୍ଦାକିନୀ ପତି ସଭାନେତ୍ରୀ ମନୋନୀତ

**ବରଗଡ଼, ନ୍ୟୁଜ ବ୍ୟୁରୋ**




ମହିଳା ଅଧିକାରକୁ ସୁଦୃଢ଼ କରିବା, ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ସମାଜରେ ମହିଳାମାନଙ୍କର ସ୍ଥିତିକୁ ଉନ୍ନତ କରିବା ମୁଖ୍ୟ ଲକ୍ଷ୍ୟ ନେଇ ବରଗଡ଼ ମହିଳା ସମିତି ବେଶ ଦକ୍ଷତାର ସହିତ ଦାୟିତ୍ୱ ନିର୍ବାହ କରି ଆସିଛି ବୋଲି ବାର୍ଷିକ ସାଧାରଣ ସଭାରେ ମତ ପ୍ରକାଶ ପାଇଛି । ଏହି କାର୍ଯ୍ୟଧାରା ଆଗକୁ ମଧ୍ୟ ଅବ୍ୟାହତ ରହିବ ବୋଲି ପ୍ରତିଷ୍ଠାତା ସଦସ୍ୟା ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ମନ୍ଦାକିନୀ ପତି ସଭାନେତ୍ରୀ, ସସ୍ମିତା ପଟ୍ଟନାୟକ ଉପସଭାନେତ୍ରୀ, ରିନୁ ପତି ସମ୍ପାଦିକା, ସୁଜାତା ପ୍ରଧାନ ସହ ସମ୍ପାଦିକା ଓ ତନିମା ଦାଶ କୋଷାଧ୍ୟକ୍ଷା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟା ଭାବରେ ଦୀବ୍ୟକାନ୍ତି ଭୋଇ, ଭାଗ୍ୟଲକ୍ଷ୍ମୀ ଦୋରା, ସବିତା ଗୁରୁ, କବିତା ଦେବତା, ସୁନିତା କର, ଡ଼ା. କମଳିନୀ ଶତପଥୀ, ପ୍ରଣତି ପ୍ରଧାନ ପ୍ରମୁଖ ମନୋନୀତ ହୋଇଥିଲେ । ପ୍ରାରମ୍ଭରେ ବିଦାୟୀ ସଭାନେତ୍ରୀ ଅଞ୍ଜନା ଦାସ ବିଦାୟ କାଳୀନ ସମ୍ଭାଷଣ ପ୍ରଦାନ ଏବଂ ବିଦାୟୀ କୋଷାଧ୍ୟକ୍ଷା ମମତା ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଆତ୍ମ-ଅନୁଶାସନ ମାଧ୍ୟମରେ ମହିଳାମାନଙ୍କର ସଶକ୍ତିକରଣ ଏବଂ ମହିଳାମାନଙ୍କର ପ୍ରାୟତଃ ବାଧ୍ୟତାମୂଳକ ସାମାଜିକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଇ ବରଗଡ଼ ମହିଳା ସମିତି ତାହାର କାର୍ଯ୍ୟଧାରାକୁ ଅବ୍ୟାହତ ରଖିବ ବୋଲି ନବ ନିର୍ବାଚିତ ସଭାନେତ୍ରୀ ମନ୍ଦାକିନୀ ପତି ସ୍ପଷ୍ଟ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହେବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଅପିଲ୍

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ଭାରତ ସରକାରଙ୍କ ଜନଗଣନା କାର୍ଯ୍ୟକ୍ରମ ରେ ସାମିଲ ହେବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି । ଯାହାକି ୱେବ୍ସାଇଟକୁ ଯାଇ ନିଜେ ପଞ୍ଜିକରଣ କରିପାରିବେ । ଏହା ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ବେଳେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ୧୬ ତାରିଖରୁ ମେ' ମାସ ୧୫ ପର୍ଯ୍ୟନ୍ତ ଜନଗଣନା ଅଧିକାରୀମାନେ ଘରକୁ ଘର ଯାଇ ଜନଗଣନା କରିବେ । ଏଇ ଅଧିକାରୀମାନଙ୍କୁ ସଠିକ୍ ବିବରଣୀ ପ୍ରଦାନ କରିବେ । କାରଣ ଏହା ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନର ଭିତ୍ତିଭୂମି ଭାବରେ କାମ କରିବ । ତେଣୁ ଏହି ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ଅପ୍ରେଲ ୨୦୨୬ ମଙ୍ଗଳବାର





//////////////////////////// ସମ୍ବାଦ କଳିକା'ର ପ୍ରଭାବ ////////////////////////////

# ୫୧ ଛାତ୍ରଛାତ୍ରୀଙ୍କୁ ବାଧ୍ୟତାମୂଳକ ଟିସି ଦେବା ଘଟଣାରେ ମଙ୍ଗଳ ବିଭାଗର କାରଣ ଦର୍ଶାଅ ନୋଟିସ୍ ଜାରି

**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଭାରସିଂ ଗ୍ରାମରେ ଅବସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସରେ ମଧ୍ୟାହ୍ନ ଭୋଜନ ନଦେବା ଓ ୨୦୨୫-୨୬ ଶିକ୍ଷା ବର୍ଷର ୫୧ ଜଣ ଛାତ୍ରଛାତ୍ରୀ ଟିସି ନେବା ଘଟଣା ସମ୍ପର୍କରେ 'ସମ୍ବାଦ କଳିକା' ପତ୍ରିକାରେ ଖବର ପ୍ରକାଶ ପରେ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଜିଲ୍ଲା ମଙ୍ଗଳ ବିଭାଗର ଅଧିକାରୀ ଅସିମା ରାଓଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ ଦେବେନ୍ଦ୍ର ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହାପରେ ଛାତ୍ରଛାତ୍ରୀ ଟିସି ନେବା ଘଟଣା ଉପରେ ତିନି ଅଧିକାରୀଙ୍କୁ ତଦନ୍ତ ଭାର ଦିଆଯାଇଛି। ଟିସି ନେବା ଘଟଣା ଉପରେ ଗୁଣୁପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ପୁଟାସିଂ ଲାଞ୍ଜିଆ ସୌରା ଉନ୍ନୟନ ପରିଷଦର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦ୍ମନାଭ ଭୋଳ, ଗୁଣୁପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହା ଘଟଣାର ତଦନ୍ତ ପୁଙ୍ଖାନୁପୁଙ୍ଖ କରିବା ନେଇ ନିର୍ଦ୍ଦେଶ ରହିଥିବା ଗୁଣୁପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ଉତ୍କଳ ଦିବସ ଦିନ ୫୬୦ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇନଥିଲା। ଘଟଣା ସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅଶିମା ରାଓଙ୍କ ନିର୍ଦ୍ଦେଶରେ



ଗୁଣୁପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ରିର୍ପୋଟ ପ୍ରଦାନ କରିଥିଲେ। ଅନ୍ୟପଟେ, ୨୦୨୫–୨୬ ଶିକ୍ଷାବର୍ଷ ମଧ୍ୟରେ ୫୧ଜଣ ଛାତ୍ରଛାତ୍ରୀଙ୍କୁ ଟିସି ପ୍ରଦାନ କରାଯାଇଥିବା ଚିନ୍ତାଜନକ ତଥ୍ୟ ମଧ୍ୟ ସାମ୍ନାକୁ ଆସିଥିଲା। ଏପରିସ୍ଥଳେ ବିତିଯାଇଥିବା ପୂର୍ବ ଦୁଇ ବର୍ଷରେ ଆଉ କେତେ ପିଲାଙ୍କୁ ବାଧ୍ୟତା ମୁଳକ ଟିସି ଦେଇ ପିଲାଙ୍କୁ ସ୍କୁଲରୁ ବିଦାୟ କରାଯାଇଛି ଏହାର ବି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ ୩୧ରେ ଆଉ ୩ ଜଣଙ୍କୁ ଟିସି ଦିଆଯାଇଥିବା ଜଣାପଡିଥିଲା। ଚିନାସାରି ପଞ୍ଚାୟତର ଆରଙ୍ଗୁଲ ଗ୍ରାମର ପ୍ରତ୍ୟୁଷ ଶବର ନାମକ ତୃତୀୟ ଶ୍ରେଣୀ ଛାତ୍ରଙ୍କୁ ବଳପୂର୍ବକ ଟିସି ଦିଆଯାଇଥିବା ଅଭିଯୋଗ କରିଛନ୍ତି ତାଙ୍କ ବାପା ପ୍ରବୀଣ ଶବର। ସେ କହିଛନ୍ତି, ଧଳା କାଗଜରେ ଦସ୍ତଖତ ନେଇ ପରେ ଟିସି ପ୍ରଦାନ କରାଯାଇଥିଲା। ଏନେଇ ଖବର ପ୍ରକାଶ କରାଯାଇଥିଲା। ସୂଚନା ଅନୁଯାୟୀ, ବିଦ୍ୟାଳୟରେ ୬୨୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୫୬୦ ଜଣ ଅନ୍ତେବାସୀ। ୧୩ ଜଣ ଶିକ୍ଷକ, ମହିଳା ହଷ୍ଟେଲ୍ ସକାଶେ ୨ଟି ମେଟ୍ରନ୍ ଓ ୩୬ଟି ସିସି କ୍ୟାମେରା ବ୍ୟବସ୍ଥା ରହିଛି।

# ଦଲାଲଙ୍କ ଜାଲରେ ଉଜ୍ଜ୍ୱଳା ଉପଭୋକ୍ତା:ନିରବଦ୍ରଷ୍ଟା ସାଜିଛି ଯୋଗାଣ ବିଭାଗ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାରେ ଏଲ୍‌ପିଜି ସିଲିଣ୍ଡରର କଳାବଜାରୀ ଏବେ ଚରମ ସୀମାରେ ପହଞ୍ଚିଛି । ସାଧାରଣ ଲୋକଙ୍କୁ ସୁବିଧାରେ ରନ୍ଧନ ଗ୍ୟାସ୍ ଯୋଗାଇବା ପାଇଁ ଜିଲ୍ଲାପାଳ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ହେଁ, ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବିଶେଷକରି ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ସ୍ଥିତିର ଆଳ ଦେଖାଇ ଦଲାଲମାନେ ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ଏକ ସଂଗଠିତ ଚୋରା କାରବାର ଚଳାଉଛନ୍ତି । ଆଶ୍ଚର୍ଯ୍ୟଜନକ ଭାବେ ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ 'ଉଜ୍ଜ୍ୱଳା ଯୋଜନା'ର ସିଲିଣ୍ଡର ଏବେ ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ ଓ ଫାଷ୍ଟଫୁଡ୍ ସେଣ୍ଟର ଗୁଡ଼ିକରେ ବହୁଳ ଭାବେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳରେ ଥିବା ଉଜ୍ଜ୍ୱଳା ଉପଭୋକ୍ତାମାନେ ପୂର୍ବରୁ ସିଲିଣ୍ଡର ରିଫିଲ୍ କରୁନଥିବା ବେଳେ, ଏବେ ଦଲାଲଙ୍କ ପ୍ରରୋଚନାରେ ସମସ୍ତେ ସିଲିଣ୍ଡର ବୁକିଂ କରୁଛନ୍ତି । ଦଲାଲମାନେ ଲୋକଙ୍କୁ ସିଲିଣ୍ଡର ପିଛା ଅତିରିକ୍ତ ୫୦୦ ଟଙ୍କା ଲୋଭ ଦେଖାଇ ପ୍ରାୟ ୧୫୦୦ ଟଙ୍କାରେ ସିଲିଣ୍ଡର କିଣି ନେଉଛନ୍ତି । ପରବର୍ତ୍ତୀ ସମୟରେ ଏହି ଘରୋଇ ସିଲିଣ୍ଡରଗୁଡ଼ିକୁ କଟକ ସହରକୁ ଅଣାଯାଇ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନଙ୍କୁ ଅଢ଼େଇରୁ ୩ ହଜାର ଟଙ୍କାରେ ବିକ୍ରି କରାଯାଉଛି । କମର୍ସିଆଲ୍ ସିଲିଣ୍ଡର (୧୯ କେଜି)ର ଦର ଘରୋଇ ସିଲିଣ୍ଡର ତୁଳନାରେ ଅଧିକ ହୋଇଥିବାରୁ, ବ୍ୟବସାୟୀମାନେ ଅଧିକ ମୁନାଫା ଆଶାରେ ଏହି ଚୋରା ସିଲିଣ୍ଡରକୁ ଆପଣେଇ ନେଉଛନ୍ତି । ସହରର ବିଭିନ୍ନ ଗଳିକନ୍ଦିରେ ଥିବା ଫାଷ୍ଟଫୁଡ୍ ସେଣ୍ଟର ଗୁଡ଼ିକରେ ଦିନ ଦ୍ୱିପ୍ରହରରେ ଘରୋଇ ସିଲିଣ୍ଡର ବ୍ୟବହାର ହେଉଥିଲେ ହେଁ ଯୋଗାଣ ବିଭାଗ କିମ୍ବା ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କୌଣସି କଡ଼ା ଚଢ଼ଉ କରାଯାଉନାହିଁ । ଏହି ଚୋରା କାରବାର ଯୋଗୁଁ ସରକାରୀ ରିହାତିର ଅପବ୍ୟବହାର ହେବା ସହ ପ୍ରକୃତ ହିତାଧିକାରୀମାନେ ଗ୍ୟାସ୍ ପାଇବାରୁ ବଞ୍ଚିତ ହେଉଛନ୍ତି । ଏଭଳି କଳାବଜାରୀ ଉପରେ ରୋକ୍ ନଲାଗିଲେ ଆଗାମୀ ଦିନରେ ସାଧାରଣ ଖାଉଟିମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ବାଲେଶ୍ୱରରେ ବିଶାଳ 'ଐତିହ୍ୟ ଗଣଦୌଡ଼'

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ବାଲେଶ୍ୱରର ଶାନ୍ତି କାନନ ଠାରେ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନଙ୍କ ମିଳିତ ସହଯୋଗରେ ଏକ ବିଶାଳ 'ଐତିହ୍ୟ ଗଣଦୌଡ଼' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବର୍ଗର ଲୋକମାନେ ଉତ୍ସାହର ସହିତ ସାମିଲ ହୋଇଥିଲେ। ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାର ଦଳର ଉପ ମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅଧକ୍ଷା, ବାଲେଶ୍ୱର ପୌରପାଳିକା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ, ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ସବୁଜ ପତାକା ଦେଖାଇ ଐତିହ୍ୟ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ଶାନ୍ତି କାନନ ପରିସରରୁ ଆରମ୍ଭ ହୋଇ ଫକୀର ମୋହନ ମହାବିଦ୍ୟାଳୟ ରାସ୍ତା, ସିନେମା ଛକ ଓ ଗଡ଼ଗଡ଼ିଆ ଛକ ଦେଇ ପୁନର୍ବାର ଶାନ୍ତି କାନନକୁ ଫେରି ଆସିଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଏବଂ ସାଧାରଣ ନାଗରିକଙ୍କୁ ମିଶାଇ ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଅସ୍ମିତା ଓ ଐତିହ୍ୟର ବାର୍ତ୍ତା ବାଣ୍ଟିବା ସହିତ ଶାରୀରିକ ସୁସ୍ଥତା ପ୍ରତି ସଚେତନତା ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ ।

# ମାନବ ଚାଲାଣ ଓ ଠକେଇ ରାକେଟ୍ ପର୍ଦ୍ଦାଫାସ୍

## ୨୬ ଜଣଙ୍କୁ ଉଦ୍ଧାର କରି ୫ ଜଣଙ୍କୁ ବାନ୍ଧିଲା ପୋଲିସ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ପୋଲିସ ହାଟ ବଜାର ନିକଟସ୍ଥ ଗୁଲ୍ଲାପଡା ଠାରେ ଏକ ତିନି ମହଲା କୋଠାରେ ଚାଲିଥିବା ମାନବ ଚାଲାଣ ରାକେଟ୍ ଧରିବାରେ ସଫଳ ହୋଇଛି । ସେମାନଙ୍କ ବିରୋଧରେ ୨୯୬/୩.୪.୨୦୨୬ ନଂ କେସ୍ କରାଯିବା ସହିତ ପୋଲିସ ଅଧିକ ଅନୁସନ୍ଧାନ ଚଳାଇଛି। ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏକ ସଂସ୍ଥାର ୫ ଜଣ ଗିରଫ ହେବା ସହିତ ଠକେଇର ଶିକାର ହୋଇଥିବା ୨୬ ଜଣଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ଠାରୁ ମୁଣ୍ଡ ପିଛା ୨୦ ହଜାର ଟଙ୍କା ନେଇଥିବା ୭ ଦିନିଆ ତାଲିମ୍ କାର୍ଯ୍ୟ ପାଇଁ ଅଦାୟ କରୁଥିଲେ ଓ ସେମାନଙ୍କୁ ଟ୍ରେନିଂ ପ୍ରୋଗ୍ରାମ ନାମରେ ଏକ ଫେକ କମ୍ପାନୀ ନାମକ ଏକ ଠକେଇ ସଂସ୍ଥାର ସାମଗ୍ରୀକୁ ବିକ୍ରି କରିବା ପାଇଁ ମାର୍କେଟ୍‌କୁ ପଠାଉଥିଲେ। ଏହି କ୍ରମରେ ପଶ୍ଚିମବଙ୍ଗର ଜଣେ ଯୁବକଙ୍କୁ ପ୍ରଲୋଭନ ଦେଖାଇ ଆଣିଥିଲେ। ଏହି ଯୁବକ ଜଣକ କୌଶଳ କ୍ରମେ ତାଙ୍କ ଭାଇଙ୍କୁ ଯୋଗାଯୋଗ କରିବା ପରେ ସେ ଏସ୍‌ପିଙ୍କୁ ଅବଗତ କରାଇଥିଲେ ଏବଂ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ଜଗତସିଂହପୁର ଥାନାର ଅତିରିକ୍ତ ଥାନା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଏରସମା ଥାନା ଅଧିନ କୁଞ୍ଜକୋଠି ଗ୍ରାମର ମଦନ ଘନେଇ, ପଶ୍ଚିମବଙ୍ଗର ଶିବଶଙ୍କର ବେହେରା, ଶଶାଙ୍କର କରଣ, ସୋନପୁରର ପୁନ୍ଦର ବାଗ ଓ ପଶ୍ଚିମବଙ୍ଗର ରାଜକାନ୍ତ ମାଇତି ୫ ଜଣ ଅଭିଯୁକ୍ତଙ୍କୁ ଧରିଥିଲେ। ପୋଲିସ ସୂଚନା ମୁତାବକ ମୁଖ୍ୟ ଅଭିଯୁକ୍ତ ମଦନ ଘନେଇ ନାମରେ ଜଗତସିଂହପୁର ଥାନାରେ ପୂର୍ବରୁ ୭୬୫/୧୭.୮.୨୦୨୪, ୮୫୯/୬.୯.୨୦୨୪ ନଂ କେସ୍ ରହିଛି। କେସ୍ ଥାଇ ମଧ୍ୟ ଏହି ଅପରାଧିକ ସଂସ୍ଥା କିଭଳି ଭାବେ ମାନବ ଚାଲାଣ ଓ ଠକେଇ କାର୍ଯ୍ୟକ୍ରମ ଚଳାଇଥିଲା ତାହା ଚର୍ଚ୍ଚାର ବିଷୟ ହୋଇଛି।

# ବଞ୍ଚି ଥାଉ ଥାଉ ମୃତ:ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ କେନାଲ୍ ସାହି ବାସିନ୍ଦା ତଥା ସ୍ୱର୍ଗତ ଗୌରାଙ୍ଗ ବେହେରାଙ୍କ ବିଧବା ପତ୍ନୀ ଅନୁ ବେହେରା (୫୭)। ସେହିଭଳି ଗେଟ୍‌ବଜାର ଜାଗିଲି ସାହିର ସ୍ୱର୍ଗତ ବିଜୟ କୁମାର ବେହେରାଙ୍କ ବିଧବା ପତ୍ନୀ ସଂଯୁକ୍ତା ବେହେରା (୫୬) ଏବଂ ସ୍ୱର୍ଗତ ଗୋପାଳ ବେହେରାଙ୍କ ବିଧବା ପତ୍ନୀ କୁମାରୀ ବେହେରା (୫୦) । ସମସ୍ତେ ବ୍ରହ୍ମପୁର ମହାନଗର ନିଗମର ୧୭ ନମ୍ବର ୱାର୍ଡ଼ ବାସିନ୍ଦା । ସମସ୍ତେ ଜୀବୀତ । ତେବେ ଆଧାର ତଥ୍ୟ ଅନୁଯାୟୀ ଏମାନେ ସମସ୍ତେ ମୃତ । ଆଧାର କାର୍ଡ଼ ଆପଡ଼େଟ୍ କରିବାକୁ ଯିବା ବେଳେ ସେମାନଙ୍କୁ ମୃତ ଦର୍ଶାଯାଇଥିବା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ । କେବଳ ଆଶ୍ଚର୍ଯ୍ୟ ହୋଇନଥିଲେ ବରଂ ଏହାଦ୍ୱାରା ସେମାନେ ପରବର୍ତ୍ତୀ ସମୟରେ ପୂର୍ବରୁ ପାଇଆସୁଥିବା ବିଭିନ୍ନ ସରକାରୀ ଯୋଜନାରୁ ମଧ୍ୟ ବଞ୍ଚିତ ହୋଇଥିବା ଜାଣିବାକୁ ପାଇଥିଲେ । ତେବେ ନିଜର କୌଣସି ଭୁଲ୍ ନଥାଇ ସୁଦ୍ଧା କେବଳ ଅନୁ, ସଂଯୁକ୍ତା ଏବଂ କୁମାରୀ ଯେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଏହା ନୁହେଁ ବରଂ ଏମାନଙ୍କ ଭଳି ବହୁ ନିରୀହ ତଥା ଗରିବ ହିତାଧିକାରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁପଡୁଛି । ଆଧାର କାର୍ଡ଼ରେ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଛି । ସବୁଠାରୁ ବଡ଼ କଥା ହେଲା ହିତାଧିକାରୀଙ୍କ ପୂର୍ବରୁ ଥିବା ଆଧାର କାର୍ଡ଼ ଜରିଆରେ ସେମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇ ଆସୁଥିଲେ । ଏପରିକି ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାରଙ୍କ ସୁଭଦ୍ରା ଯୋଜନାର ମଧ୍ୟ କିଏ ୪ଟି ତ ଆଉ କିଏ ୩ଟି କିସ୍ତିର ଅର୍ଥ ମଧ୍ୟ ପାଇଛନ୍ତି । ତେବେ ବର୍ତ୍ତମାନ ଯେତେବେଳେ ଆଧାର କାର୍ଡ଼ ଅପଡ଼େଟ୍ ପାଇଁ କୁହାଯାଇଛି ସେହି ସମୟରେ ଏଭଳି ସମସ୍ୟା ଦେଖାଦେଇଛି । ସହରର ବିଭିନ୍ନ ୱାର୍ଡ଼ର ବହୁ ହିତାଧିକାରୀଙ୍କ ଏଭଳି ସମସ୍ୟା ଉପୁଜିଥିବା ବେଳେ ଅନେକ ଜୀବିତଙ୍କୁ ମୃତ ମଧ୍ୟ ଦର୍ଶାଯାଇଛି । ଯାହାର ସଂଶୋଧନ କରିବାକୁ ଯାଇ ହିତାଧିକାରୀଙ୍କୁ ଏଣେତେଣେ ଦୌଡ଼ିବାକୁ ପଡୁଛି । କେବଳ ଏତିକି ନୁହେଁ ବରଂ ଆଧାର ସଂଶୋଧନ ପାଇଁ ଲୋକେ ଥରକୁ ୧୩୦ ଟଙ୍କା ଖର୍ଚ୍ଚ କରି ନୟାନ୍ତ ହୋଇଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି । ଆଧାରରେ ସମସ୍ୟା ସୃଷ୍ଟି ଯୋଗୁଁ ଲୋକେ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୫ କିଲୋ ଚାଉଳ ଏପରିକି ଆଧାରରେ ଭୁଲ୍ ଯୋଗୁଁ ବ୍ୟାଙ୍କରୁ ଋଣ ପାଇବାରୁ ମଧ୍ୟ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି । ସବୁଠାରୁ ବଡ଼ କଥା ହେଲା ଆଧାରରେ ସଂଶୋଧନ କରିବାକୁ ଲୋକେ ବିଇଏମ୍‌ସି, ଡାକବିଭାଗ, ବିଭିନ୍ନ ବ୍ୟାଙ୍କ, ଜନସେବା କେନ୍ଦ୍ର ଓ ଆଧାର କେନ୍ଦ୍ରକୁ ଗଲେ ସେଠାରେ ଭୁବନେଶ୍ୱର ଓକାକ୍ କେନ୍ଦ୍ରକୁ ଯିବାକୁ ପରାମର୍ଶ ଦିଆଯାଉଛି । ସମସ୍ତଙ୍କ ପକ୍ଷେ ଭୁବନେଶ୍ୱର ଯିବା ସମ୍ଭବପର ନଥିବା ବେଳେ ଯେଉଁମାନେ ଭୁବନେଶ୍ୱର ଯାଉଛନ୍ତି ସେଠାରେ ସେମାନଙ୍କୁ ଦୁଇ ମାସ ସମୟ ଲାଗିବ ବୋଲି କୁହାଯାଉଛି । ଫଳରେ ଗରିବ ଲୋକମାନଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏଭଳି ଘଟଣାରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ କର୍ପୋରେଟର ଦୁର୍ଗା ପ୍ରସାଦ ଲାୟକ ଦାବି କରିଛନ୍ତି । ଏନେଇ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍‌ଙ୍କ ସହ ଯୋଗାଯୋଗ କରାଯିବାରେ ସେ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏବଂ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ୨୦୨୬ ସୁଦ୍ଧା ଶେଷ ହେବ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ:ରାଜସ୍ୱ ମନ୍ତ୍ରୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘଦିନ ହେବ ସୁବର୍ଣ୍ଣପୁର ଜିଲ୍ଲାବାସୀ ଚାହିଁରହିଥିବା ଅପେକ୍ଷାର ହେବ ଅନ୍ତ । ସୁବର୍ଣ୍ଣପୁର ଜିଲ୍ଲାର ୯୮୯ଟି ଗ୍ରାମ ମଧ୍ୟରୁ ୬୦୮ ଗ୍ରାମର ହାଇଟେକ୍ ସର୍ଭେ ଏବଂ ସେଟେଲ୍‌ମେଣ୍ଟ ପ୍ରକ୍ରିୟା ଶେଷ ହୋଇଛି । ୨୦୨୬ ନଭେମ୍ବର ସୁଦ୍ଧା ସମାପ୍ତ ହେବ ଜିଲ୍ଲାର ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ । ହାଇଟେକ୍ ସର୍ଭେ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସର୍ଭେ ଏବଂ ସେଟେଲ୍‌ମେଣ୍ଟ ଶେଷ ହୋଇଥିବା ଗାଁର ପଟ୍ଟା ପ୍ରସ୍ତୁତ କରି ଭୂଲେଖରେ ଅପ୍‌ଲୋଡ୍ ସହ ପଟ୍ଟା ବଣ୍ଟନ କାର୍ଯ୍ୟ ତିନିଟି ପର୍ଯ୍ୟାୟରେ ୪୫ ଦିନ ମଧ୍ୟରେ ସାରିବାକୁ ନିଷ୍ପତ୍ତି ନିଆଯାଇଛି । ଲୋକସେବା ଭବନରେ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନ ଅପେକ୍ଷାର ଅନ୍ତ ସହ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ରାଜସ୍ୱ ମନ୍ତ୍ରୀ ଦ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ୯୮୯ଟି ଗ୍ରାମ ମଧ୍ୟରୁ ୬୦୮ ଗ୍ରାମର ହାଇଟେକ୍ ସର୍ଭେ ଏବଂ ସେଟେଲ୍‌ମେଣ୍ଟ ପ୍ରକ୍ରିୟା ଇତିମଧ୍ୟରେ ସମାପ୍ତ ହୋଇଛି । ଏହିସବୁ ଗ୍ରାମ ଗୁଡ଼ିକର ପଟ୍ଟା ପ୍ରସ୍ତୁତ ହେବ । ଭୂଲେଖରେ ଅପ୍‌ଲୋଡ୍ ହେବ । ଏହାସହ ଜନସାଧାରଣଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟ ହେବ । ତିନିଟି ପର୍ଯ୍ୟାୟରେ ୪୫ ଦିନ ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ନିଆଯାଇଛି । ବାକିଥିବା ଗ୍ରାମମାନଙ୍କର ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟ ୬ ମାସ ମଧ୍ୟରେ ସରିବ । ଏହା ସହ ଭୂଲେଖରେ ଅପ୍‌ଲୋଡ୍ ଓ ମ୍ୟାପ୍ ପ୍ରକାଶ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ନଭେମ୍ବର ମାସ ସୁଦ୍ଧା ହାଇଟେକ୍ ସର୍ଭେ ସମ୍ପର୍କିତ




ସମସ୍ତ ପ୍ରକ୍ରିୟା ସମାପ୍ତ ହୋଇ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଗ୍ରାମର ଜମିପଟ୍ଟା ସହ ମ୍ୟାପ୍ ପ୍ରକାଶ ପାଇବ । ଏହାଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ଜନସାଧାରଣ ବିଭିନ୍ନ ରାଜସ୍ୱ ସେବା ସହଜରେ ପାଇବା ସହ ଉପକୃତ ହେବେ । ବନ୍ଦୋବସ୍ତ ସରିଥିବା ଓ ବକେୟା ଥିବା ସମସ୍ତ ଗ୍ରାମର ସାବକ ଜମି ଏବଂ ହାଲ ଜମିକୁ ପୁନର୍ବାର ସଠିକ୍ ଭାବେ ଯାଞ୍ଚ କରି ପ୍ରକ୍ରିୟା ସରିଥିବା ଏବଂ ହେବାକୁ ଥିବା ଜମିଜମାକୁ ନିର୍ଭୁଲ୍ ଭାବେ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଅଧୀନରେ ଥିବା ସରକାରୀ ଜମିସ୍ୱତ୍ୱ ଓ ଦେବୋତ୍ତର ଜମିସ୍ୱତ୍ୱ ସୁରକ୍ଷାକୁ ନିଶ୍ଚିତ କରିବା ସହ କୌଣସି ବି ପରିସ୍ଥିତିରେ ଚଞ୍ଚକତା କରି ଏସବୁ ଜମି ଉପରେ କେହି ଅନ୍ୟାୟ ଅକ୍ତିଆର କରିପାରିବେ ନାହିଁ ବୋଲି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ଜନସାଧାରଣଙ୍କ ପକ୍ଷରୁ ପ୍ରକାଶିତ ଜମିପଟ୍ଟା ସମ୍ପର୍କିତ କୌଣସି ଆପତ୍ତି ଥିଲେ କ୍ଷେତ୍ର ପରିଦର୍ଶନ ସହ ତାହାର ଯାଞ୍ଚ କରାଯାଇ ସଠିକ୍, ସମୁଚିତ ଏବଂ ସମ୍ବେଦନଶୀଳ ଭାବେ ତାହାର ସର୍ଭେ ଏବଂ ବନ୍ଦୋବସ୍ତ କାର୍ଯ୍ୟ ସମାପନ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଏହି ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ସହଯୋଗ କରିବା ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲାରେ ଜଣେ ଅଧିକ ଡେପୁଟି କଲେକ୍ଟରଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ସହ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଛି । ଜମିଜମା ରେକର୍ଡ ଏବଂ ସର୍ଭେର ନିର୍ଦ୍ଦେଶକ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରି ଏହି ହାଇଟେକ୍ ସର୍ଭେ ପ୍ରକିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ଜମିଜମା ରେକର୍ଡ ଏବଂ ସର୍ଭେର ନିର୍ଦ୍ଦେଶକ ନିଗମାନନ୍ଦ ପଣ୍ଡା, ସୁବର୍ଣ୍ଣପୁର ଜିଲ୍ଲପାଳ ଡ. ନୃପରାଜ ସାହୁ ଏବଂ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ମୟୂରଭଞ୍ଜର ଐତିହ୍ୟ ସଂରକ୍ଷଣ ପାଇଁ 'ଇନ୍‌ଟାକ୍' ପକ୍ଷରୁ ଯୋଜନା ପ୍ରସ୍ତୁତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ସମୃଦ୍ଧ କଳା, ଅମୂଲ୍ୟ ସଂସ୍କୃତି ଏବଂ ଲୁକ୍କାୟିତ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସହ ଏହାର ସଂରକ୍ଷଣ ପାଇଁ ବଡ଼ ପଦକ୍ଷେପ ନେଇଛି ଇନ୍‌ଟାକ୍‌ର ମୟୂରଭଞ୍ଜ ଚାପ୍ଟର। ଜିଲ୍ଲାର କୋଣ ଅନୁକୋଣରେ ବିଚ୍ଛୁରିତ ପ୍ରାକ୍-ଐତିହାସିକ ଓ ଐତିହାସିକ ସ୍ଥାପତ୍ୟଗୁଡ଼ିକର ବିଧିବଦ୍ଧ 'ରେକର୍ଡେଡ୍ ଡକ୍ୟୁମେଣ୍ଟେସନ୍' କରିବା ପାଇଁ ସଂସ୍ଥା ପକ୍ଷରୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ବାରିପଦା ଠାରେ ଏକ ସ୍ୱତନ୍ତ୍ର ଅଧିବେଶନରେ ମୟୂରଭଞ୍ଜ ଚାପ୍ଟରର ନବ ନିଯୁକ୍ତ କନ୍‌ଭେନର ମହାରାଣୀ ରଶ୍ମୀ ରଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ କୋ- କନ୍‌ଭେନର ଡ. ଶ୍ୟାମ ସୁନ୍ଦର ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହିତ ଆଗାମୀ ଏକ ବର୍ଷ ସକାଶେ ଯୋଜନା ମାନ ପ୍ରସ୍ତୁତ କରାଯାଇଥିଲା। ଏହି ଉତ୍ସବରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଐତିହାସିକ ତଥା ଇନ୍‌ଟାକ୍ ଓଡ଼ିଶା ଚାପ୍ଟରର କୋ କନ୍‌ଭେନର ଅନିଲ ଧୀର ମୟୂରଭଞ୍ଜ ଚାପ୍ଟର ନିମନ୍ତେ ବିଭିନ୍ନ ଯୋଜନା ସବୁକୁ ଅବଗତ କରାଇଥିଲେ। ପ୍ରାୟ ଦୁଇ ହଜାର ବର୍ଷର ଇତିହାସକୁ ବହନ କରିଆସିଥିବା ମୟୂରଭଞ୍ଜର ଐତିହ୍ୟର ସଂରକ୍ଷଣ ପାଇଁ ବିଶେଷ କୌଣସି କାର୍ଯ୍ୟ କରାଯାଇନଥିବା ସମୟରେ ଇନ୍‌ଟାକ୍ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ କାମକୁ କରାଯିବ ବୋଲି ଶ୍ରୀ ଧୀର ଘୋଷଣା କରିଛନ୍ତି। ଆଉ ଏହା ମହାରାଣୀଙ୍କ ନେତୃତ୍ୱରେ କରାଯିବାକୁ ଅନୁଷ୍ଠାନର ଜାତୀୟ ସ୍ତରର କର୍ମକର୍ତ୍ତା ମାନେ ନିଷ୍ପତ୍ତି ନେଇଥିବାର ବିଷୟ ସେ ପ୍ରକାଶ କରିଥିଲେ। ଜିଲ୍ଲାର ଅନେକ ଲୁକ୍କାୟିତ ଐତିହ୍ୟ ଓ ପ୍ରାକ୍-ଐତିହାସିକ ସ୍ଥଳ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିନାହିଁ। ଚଳିତବର୍ଷ ଶେଷ ସୁଦ୍ଧା ସମଗ୍ର ଜିଲ୍ଲାରେ ଡକ୍ୟୁମେଣ୍ଟେସନ୍ କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଐତିହ୍ୟ ସ୍ଥଳଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ସହଜ ହେବ ବୋଲି ଆଶା କରାଯାଉଛି। ନୂତନ ପିଢ଼ିକୁ ମାଟିର ଇତିହାସ ସହ ଯୋଡ଼ିବା ପାଇଁ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ହେରିଟେଜ୍ କ୍ଲବ ମାନ ପ୍ରତିଷ୍ଠା କରାଯିବ। ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍‌ମାନଙ୍କ ସହଯୋଗରେ ଜିଲ୍ଲାର ଗୌରବମୟ ଇତିହାସର ପ୍ରଚାର-ପ୍ରସାର କରାଯିବ ଏବଂ ସେମାନଙ୍କୁ ସଂରକ୍ଷଣ କାର୍ଯ୍ୟରେ ସାମିଲ କରାଯିବ। ଜିଲ୍ଲାର ନଦୀ, ଧର୍ମାନୁଷ୍ଠାନ, ପାହାଡ଼-ପର୍ବତ, କିର୍ତ୍ତିରାଜି, କଳା-ସଂସ୍କୃତି, ନୃତ୍ୟ, ଶିଳ୍ପ ଏବଂ ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ବଞ୍ଚାଇ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ମୟୂରଭଞ୍ଜର ଅମୂଲ୍ୟ ସମ୍ପଦକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବା ପାଇଁ ଲୋକଙ୍କ ସହଯୋଗ ଆବଶ୍ୟକ। ଲୋକଙ୍କ ସହଯୋଗ ମାଧ୍ୟମରେ ହିଁ ଏହି ଐତିହ୍ୟ ଆନ୍ଦୋଳନ ସଫଳ ହୋଇପାରିବ। ତେଣୁ ଏଥିରେ ନୂତନ ସଦସ୍ୟ ମାନଙ୍କୁ ଯୋଡ଼ିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୦୪।୨୦୨୬, ଚୈତ୍ର ଦି୨୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୩୮।୩୧ ଚନ୍ଦ୍ରୋଦୟ- ରାଘ ୧୦।୪୭।୨୧**

**ପଞ୍ଚମୀ-** ଦିଘ ୪।୩୪ ପର୍ଯ୍ୟନ୍ତ । ଜ୍ୟେଷ୍ଠା ନକ୍ଷତ୍ର ଅହୋରାତ୍ର । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ଦିଘ ୪।୩୪ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୫ ଗତେ ଦିଘ ୧୦।୩୭ ମଧ୍ୟେ । ଦିଘ ୧।୦୩ ଗତେ ଦିଘ ୧।୨୪ ମଧ୍ୟେ। ପର୍ବୋତ୍ସବ- ବିଶ୍ୱ ସ୍ୱାସ୍ଥ୍ୟ ଦିବସ ।



**ମେଷ:** ବ୍ୟବସାୟ ଆପଣଙ୍କର କ୍ଷତିରେ ଚାଲିବ। ବନ୍ଧୁଙ୍କ ସହ କଳହ ସୃଷ୍ଟି ହୋଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶୁଭ ଖବର ପାଇ ଆନନ୍ଦିତ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଓ ମନ ଭଲ ରହିବ ।



**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ନୂତନ କାର୍ଯ୍ୟମାନ ହାତକୁ ନେବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଶତ୍ରୁମାନେ ନାଶ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଦେବ ଦର୍ଶନ ମଧ୍ୟ କରିପାରନ୍ତି ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ କରିପାରନ୍ତି। ହଠାତ୍ ଧନ ଲାଭର ଆଶା। ଘରେ ଆନନ୍ଦ ଦେଖାଦେବ ।



**ସିଂହ:** ବ୍ୟବସାୟରେ କ୍ଷତିର ସମ୍ଭାବନା। ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି। ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେବ। ଶାରୀରିକ ଅସୁସ୍ଥତା ଦେଖାଦେବ ।



**କନ୍ୟା:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଦେହ ଓ ମନ ଭଲ ରହିବ। ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି। ରୋଜଗାର ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ ।



**ତୁଳା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ଶୁଭ ଖବର ପାଇ ଆନନ୍ଦିତ ହେବେ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ। ଘରେ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।



**ବିଛା:** ଆଜି ଆପଣଙ୍କର ଦିନଟି ଭଲରେ ଅତିବାହିତ ହେବ। ଶରୀର ସୁସ୍ଥ ରହିବ। ବ୍ୟବସାୟରେ ଲାଭବାନ୍ ହେବେ। ରୋଜଗାରରେ ଉନ୍ନତି ଦେଖାଦେବ। ପାରିବାରିକ ସୁଖଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ଧନୁ:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। କୁଭୋଜନ କରି ଉଦର ପୀଡ଼ା ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତି ଲାଭ ।



**ମକର:** ସମସ୍ତ କ୍ଷେତ୍ରରେ ସମ୍ମାନିତ ହେବେ। ଯଶସ୍ୱୀ ହେବେ। ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**କୁମ୍ଭ:** ଦେହ ଭଲ ରହିବ। କର୍ମକ୍ଷେତ୍ରରେ ସାମାନ୍ୟ ତିକ୍ତତା ଦେଖାଦେବ। ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ। ପାରିବାରିକ ଜୀବନ ସୁଖମୟ ହେବ। ପିଲାମାନେ ପଢ଼ାପଢ଼ିରେ ପଛେଇଯିବେ ।



**ମୀନ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମଧ୍ୟ ଯୋଗ ଦେବେ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୮।୦୪।୨୦୨୬, ଚୈତ୍ର ଦି୨୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୩୭।୪୧ ଚନ୍ଦ୍ରୋଦୟ- ରାଘ ୧୧।୩୮।୧୭**

**ଷଷ୍ଠୀ-** ସଂଘ ୭।୦୪ ପର୍ଯ୍ୟନ୍ତ । ଜ୍ୟେଷ୍ଠା ନକ୍ଷତ୍ର ପ୍ରାଘ ୫।୫୫ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ପ୍ରାଘ ୫।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । ପ୍ରାଘ ୫।୫୫ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ପ୍ରାଘ ୫।୫୫ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ସଂଘ ୭।୦୪ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୦ ଗତେ ଦିଘ ୭।୧୯ ମଧ୍ୟେ । ଦିଘ ୧।୫୪ ଗତେ ଦିଘ ୫।୧୧ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଜଳ ସଂକଟ ଅତି ଉତ୍କଟ

ଭାରତ ବିଶ୍ୱର ଅନ୍ୟତମ ସର୍ବବୃହତ୍ ଭୂତଳ ଜଳ ବ୍ୟବହାରକାରୀ। ଏପ୍ରିଲ ୧ରେ ଲୋକସଭାରେ ଉପସ୍ଥାପିତ କମିଟିର ୪୧ତମ 'ଭୂତଳ ଜଳ ପରିଚାଳନା ଏବଂ ନିୟମାବଳୀ' ରିପୋର୍ଟରେ ଭୂତଳ ଜଳର ଅତ୍ୟଧିକ ବ୍ୟବହାରକୁ ନେଇ ଚିନ୍ତା ପ୍ରକଟ କରାଯାଇଛି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତରେ ଭୂତଳ ଜଳ ଉତ୍ତୋଳନ ବର୍ଷକୁ ପ୍ରାୟ ୨୪୫ ବିଲିୟନ କ୍ୟୁବିକ ମିଟର (ବିସିଏମ୍) ରହିଛି । ବିଶ୍ୱର ମୋଟ ଭୂତଳ ଜଳ ଉପଯୋଗର ପ୍ରାୟ ୨୫% ବ୍ୟବହାର କରୁଛି ଆମ ଦେଶ । ଅତ୍ୟଧିକ ଉତ୍ତୋଳନ ଭବିଷ୍ୟତରେ ବଡ଼ ସମସ୍ୟା ଆଣିପାରେ। ଜଳ ଉତ୍ସଗୁଡ଼ିକର ଦୀର୍ଘକାଳୀନ ବ୍ୟବହାରକୁ ନେଇ ଚିନ୍ତା ପ୍ରକଟ କରିଛି ପବ୍ଲିକ ଆକାଉଣ୍ଟ୍ସ କମିଟି(ପିଏସି) । କିପରି ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନକୁ ବନ୍ଦ କରାଯିବ ସେଥିପାଇଁ ରାଜ୍ୟଗୁଡ଼ିକୁ ପ୍ରେରିତ କରିବା ପାଇଁ କମିଟି ଜଳଶକ୍ତି ମନ୍ତ୍ରାଳୟକୁ ଅନୁରୋଧ କରିଛି । କମିଟି ପ୍ରକାଶ କରିଛି ଯେ, ଅତ୍ୟଧିକ ଭୂତଳ ଜଳ ବ୍ୟବହାରକୁ ରୋକାଯିବା ପାଇଁ ଠୋସ୍ ପଦକ୍ଷେପ ନିଆଯିବା ଦରକାର । ଜଳ ଉତ୍ସଗୁଡ଼ିକର ଦୀର୍ଘକାଳୀନ ବ୍ୟବହାରକୁ ସୁନିଶ୍ଚିତ କରିବା ଦିଗରେ ଫଳପ୍ରଦ ଉଦ୍ୟମ ହେବା ଉଚିତ। ଏପ୍ରିଲ ୧ରେ ଲୋକସଭାରେ ଉପସ୍ଥାପିତ କମିଟିର ୪୧ତମ 'ଭୂତଳ ଜଳ ପରିଚାଳନା ଏବଂ ନିୟମାବଳୀ' ରିପୋର୍ଟରେ ଭୂତଳ ଜଳର ଅତ୍ୟଧିକ ବ୍ୟବହାରକୁ ନେଇ ଚିନ୍ତା ପ୍ରକଟ କରାଯାଇଛି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତରେ ଭୂତଳ ଜଳ ଉତ୍ତୋଳନ ବର୍ଷକୁ ପ୍ରାୟ ୨୪୫ ବିଲିୟନ କ୍ୟୁବିକ ମିଟର(ବିସିଏମ୍) ରହିଛି । ଏହା ବିଶ୍ୱର ମୋଟ ଭୂତଳ ଜଳ ଉତ୍ତୋଳନର ପ୍ରାୟ ଏକ ଚତୁର୍ଥାଂଶ । ଦେଶରେ ପାନୀୟ ଜଳର ପ୍ରାୟ ୮୦% ଏବଂ ଜଳସେଚନର ୬୪% ଆବଶ୍ୟକତାକୁ ଏହା ମାଧ୍ୟମରେ ପୂରଣ କରାଯାଇଥାଏ । ରିପୋର୍ଟ ମୁତାବକ, ୪ଟି ରାଜ୍ୟରେ ୧୦୦% ରୁ ଅଧିକ ଭୂତଳ ଜଳ ଉତ୍ତୋଳନ ହୋଇଛି । ଏହି ରାଜ୍ୟଗୁଡ଼ିକ ହେଲା ଦିଲ୍ଲୀ, ହରିୟାଣା, ପଞ୍ଜାବ ଏବଂ ରାଜସ୍ଥାନ । ୨୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୨୬୭ ଜିଲ୍ଲାରେ ଜଳ ଉତ୍ତୋଳନ ୬୪%ରୁ ୩୮୫% ପର୍ଯ୍ୟନ୍ତ ରହିଛି, ଯାହାକି ସ୍ଥିତିର ଗମ୍ଭୀରତାକୁ ଦର୍ଶାଉଛି । ଅର୍ଥାତ୍ ଯେତିକି ରିଚାର୍ଜ ହେଉନାହିଁ ତା'ଠାରୁ ଅଧିକ ଉତ୍ତୋଳନ ହେଉଛି । ଏହା ସ୍ଥାୟୀ ଜଳ ଉପଯୋଗରେ ବିଫଳତାକୁ ଦର୍ଶାଇଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତତ୍କାଳ ଏ ଦିଗରେ ଠୋସ ପଦକ୍ଷେପ ନେବାକୁ ଏବଂ ଭୂତଳ ଜଳ ଉତ୍ସଗୁଡ଼ିକର ଦୀର୍ଘକାଳୀନ ସୁରକ୍ଷା ସୁନିଶ୍ଚିତ କରିବାକୁ ରାଜ୍ୟଗୁଡ଼ିକୁ ପ୍ରେରିତ କରିବା ପାଇଁ ଜଳଶକ୍ତି ମନ୍ତ୍ରାଳୟକୁ ଅନୁରୋଧ କରିଛି କମିଟି। ଜଳଶକ୍ତି ମନ୍ତ୍ରାଳୟ ପ୍ରକାଶ କରିଛି ଯେ, ଏହା ରାଜ୍ୟଗୁଡ଼ିକ ସହ ସମନ୍ୱୟ ରଖିଛି । ଜଳଶକ୍ତି ଅଭିଯାନ, ଅଟଳ ଭୂଜଳ ଯୋଜନା, ଭୂତଳ ଜଳ ପରିଚାଳନା ଯୋଜନା ଏବଂ ରାଷ୍ଟ୍ରୀୟ ଜଳ ବିଦ୍ୟୁତ ଯୋଜନା ଭଳି ଯୋଜନାଗୁଡ଼ିକୁ ଲାଗୁ କରାଯାଉଛି । ରିପୋର୍ଟ ଉପରେ ଜଳଶକ୍ତି ମନ୍ତ୍ରାଳୟ ଆହୁରି କହିଛି ଯେ, ମୌସୁମୀ ପରେ ୨୦୨୨ରେ ପ୍ରାୟ ୬୧% କୂପରେ ଜଳସ୍ତର ବୃଦ୍ଧି ପାଇଛି, ଯାହା ସୁଧାରର ପ୍ରାରମ୍ଭିକ ସଂକେତ । ଏହା ଉତ୍ସାହଜନକ । ଜଳଶକ୍ତି ଅଭିଯାନ, ଅମୃତ ସରୋବର ମିଶନ ଏବଂ ରାଷ୍ଟ୍ରୀୟ ଭୂତଳ ଜଳ ଭଣ୍ଡାର ମ୍ୟାପିଂ ଭଳି ଯୋଜନାଗୁଡ଼ିକ ସହ କୃତ୍ରିମ ଭୂତଳ ଜଳ ପୂର୍ଣ୍ଣ ଭରିବା ପାଇଁ ମାଷ୍ଟର ପ୍ଲାନ ବି ଲାଗୁ କରାଯାଇଛି । ଅଟଳ ଭୂତଳ ଜଳ ଯୋଜନା ୭ଟି ରାଜ୍ୟରେ ଚାଲିଛି । ଏହାକୁ ଆଗକୁ ବଢ଼ାଇବାର ଯୋଜନା ରହିଛି । ସରକାରଙ୍କ ଲକ୍ଷ୍ୟ ହେଉଛି ଯେ, ବୈଜ୍ଞାନିକ ଉପାୟରେ ଭୂତଳ ଜଳ ଉତ୍ସଗୁଡ଼ିକର ପରିଚାଳନାକୁ ସୁନିଶ୍ଚିତ କରିବା ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଆହ୍ୱାନ

ଇଂ. ଶାଶ୍ୱତ ରଂଜନ ଦାସ

ବିଶ୍ୱ ସମୁଦାୟ ପାଇଁ ସ୍ୱାସ୍ଥ୍ୟ ହିଁ ପରମ ସମ୍ପଦ ଏବଂ ଏହି ସମ୍ପଦର ସୁରକ୍ଷା ହିଁ ଏକ ପ୍ରଗତିଶୀଳ ସଭ୍ୟତାର ମୂଳଦୁଆ ଅଟେ। ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ ସମଗ୍ର ବିଶ୍ୱରେ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ଭାବେ ପାଳନ କରାଯାଇଥାଏ। ୧୯୪୮ ମସିହା ଏପ୍ରିଲ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ / World Health Organization (WHO) ପ୍ରତିଷ୍ଠା ହୋଇଥିଲା ଏବଂ ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ସହ ବିଶ୍ୱର ସମସ୍ତ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ୧୯୫୦ ମସିହାରୁ ଏହି ଦିବସ ପାଳନ କରାଯାଉଛି। ସ୍ୱାସ୍ଥ୍ୟ କହିଲେ କେବଳ ରୋଗର ନିଦାନ କିମ୍ବା ତହିଁର ଅନୁପସ୍ଥିତିକୁ ବୁଝାଏ ନାହିଁ । ବରଂ ଏହା ବ୍ୟକ୍ତିର ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାର ଏକ ସନ୍ତୁଳିତ ଅବସ୍ଥା କହିଲେ ଠିକ୍ ହେବ । ଆଜିର ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷିତ ପରିବେଶ ଏବଂ ଅହରହ ପରିବର୍ଦ୍ଧିତ ମାନସିକ ଚାପ ମଧ୍ୟରେ ଏହି ଦିବସର ପ୍ରାସଙ୍ଗିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁର ସାରବତ୍ତା ବା 'ଥିମ୍'କୁ ଆଧାର କରି ଏହି ଦିବସ ପାଳନ କରେ, ଯାହା ବିଶ୍ୱର ସାମ୍ପ୍ରତିକ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଏକ ଦିଗ୍ ଦର୍ଶନ ପ୍ରଦାନ କରିଥାଏ। ବିଶ୍ୱରେ ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରଥମ ସୋପାନ ହେଉଛି ସଚେତନତା। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିବା ପାଇଁ ଚେଷ୍ଟା କରାଯାଏ । କାରଣ– ନିରନ୍ତର ସ୍ୱାସ୍ଥ୍ୟ ସେବା ପାଇବା ପ୍ରତ୍ୟେକ ମଣିଷର ଏକ ମୌଳିକ ଅଧିକାର। ଦୁର୍ଭାଗ୍ୟବଶତଃ, ଆଜି ବି ବିଶ୍ୱର ଏକ ବୃହତ୍ତର ଜନସଂଖ୍ୟା ଉନ୍ନତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ। ଆର୍ଥିକ ଅଭାବ ହେଉ ବା ଭୌଗୋଳିକ ପ୍ରତିବନ୍ଧକ, ସ୍ୱାସ୍ଥ୍ୟ ସେବାର ଅସମାନତା ସମାଜ ପାଇଁ ଏକ ବଡ଼ ଆହ୍ୱାନ ହୋଇ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଆମକୁ ସ୍ମରଣ କରାଇ ଦିଏ ଯେ, ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବା 'ୟୁନିଭର୍ସାଲ ହେଲଥ କଭରେଜ୍' କେବଳ ଏକ ଲକ୍ଷ୍ୟ ନୁହେଁ, ବରଂ ଏହା ସାମାଜିକ ନ୍ୟାୟର ଏକ ପ୍ରମୁଖ ଅଂଶବିଶେଷ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଚିକିତ୍ସା ପାଇଁ ଆର୍ଥିକ ଅନାଟନର ସମ୍ମୁଖୀନ ହୁଏ, ସେତେବେଳେ ସମଗ୍ର ପରିବାରର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯାଏ। ତେଣୁ ସରକାର ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ଏକାଠି ହୋଇ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜବୁତ କରିବା ସହ ସାଧାରଣ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ଏକାନ୍ତ ଆବଶ୍ୟକ।

ଶାରୀରିକ ସୁସ୍ଥତା ସହିତ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ମଧ୍ୟ ଅପରିସୀମ। ଆଧୁନିକ ଯୁଗରେ ପ୍ରତିଯୋଗିତା ଏବଂ ବ୍ୟସ୍ତବହୁଳ ଜୀବନ ମଣିଷକୁ ଏକାକୀ କରିଦେଇଛି। ମାନସିକ ଅବସାଦ, ଚିନ୍ତା ଏବଂ ଭୟ ଆଜିର ସମାଜରେ ଏକ ନିରବ ମହାମାରୀ ଭାବେ ଦେଖାଦେଇଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଥିବା 'ସାମାଜିକ ବାସନ୍ଦ' କୁ ଦୂର କରିବା ପାଇଁ ପ୍ରୟାସ ଅତ୍ୟନ୍ତ ଅଭିନନ୍ଦନୀୟ। ଜଣେ ବ୍ୟକ୍ତି ଶାରୀରିକ ଭାବେ ସୁସ୍ଥ ଦେଖାଯାଉଥିଲେ ମଧ୍ୟ ଯଦି ସେ ମାନସିକ ସ୍ତରରେ ଅସନ୍ତୁଳିତ ଅବା ବିଚଳିତ ମନା ଅଛନ୍ତି, ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି କେମିତି କହି ପାରିବା ? ଏଣୁ, ଆମକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ହେବ ଯେଉଁଠାରେ ଲୋକମାନେ ନିଜର ମାନସିକ ସମସ୍ୟା ବିଷୟରେ ବିନା ସଂକୋଚରେ କଥା ହୋଇପାରିବେ ଏବଂ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରିପାରିବେ। ଠିକ୍ ସେହିପରି, ପରିବେଶ ସହିତ ଆମର ସ୍ୱାସ୍ଥ୍ୟର ସମ୍ପର୍କ ଅତ୍ୟନ୍ତ ନିବିଡ଼। ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଏବଂ ଦୂଷିତ ଜଳ ଆଜି ଅନେକ ରୋଗର ମୁଖ୍ୟ କାରଣ ସାଜିଛି। ସୁସ୍ଥ ପୃଥିବୀ ବିନା ସୁସ୍ଥ ମଣିଷ ସମାଜର କଳ୍ପନା କରାଯାଇ ନପାରେ। ତେଣୁ ପ୍ରାକୃତିକ ସମ୍ପଦର ସୁରକ୍ଷା ଏବଂ ପରିବେଶକୁ ସ୍ୱଚ୍ଛ ରଖିବାର ପ୍ରୟାସ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେବା ଉଚିତ। ବର୍ତ୍ତମାନ ସମୟରେ ଅଣ-ସଂକ୍ରାମକ ରୋଗ ଯଥା ମଧୁମେହ, ରକ୍ତଚାପ ଏବଂ ହୃଦରୋଗର ମାତ୍ରା ଯେପରି ଭାବେ ବଢୁଛି, ତାହା ଚିନ୍ତାର ବିଷୟ। ଏହାର ବିକଳ୍ପ ପ୍ରତିକାର ପାଇଁ ପ୍ରତିଷେଧକ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ। "ପ୍ରତିକାର ଅପେକ୍ଷା ସତର୍କତା ଭଲ" – ଏହି ଉକ୍ତିକୁ ଆଧାର କରି ଆମକୁ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ସନ୍ତୁଳିତ ଆହାର, ନିୟମିତ ବ୍ୟାୟାମ ଏବଂ ଯୋଗ ପ୍ରାଣାୟାମକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ଆବଶ୍ୟକ। ବିଶେଷକରି ଯୁବପିଢ଼ିଙ୍କୁ ଜଙ୍କ୍ ଫୁଡ୍ ଏବଂ ନିଶାଦ୍ରବ୍ୟଠାରୁ ଦୂରେଇ ରଖିବା ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି । ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ପୋଷଣ ଉପରେ ମଧ୍ୟ ବିଶେଷ ଦୃଷ୍ଟି ଦେବା ଉଚିତ । କାରଣ: ଏକ ସୁସ୍ଥ ମା' ହିଁ ଏକ ସୁସ୍ଥ ଶିଶୁକୁ ଜନ୍ମ ଦେଇପାରେ ଏବଂ ସେହି ଶିଶୁଟି ଆଗାମୀ ଦିନର ସୁସ୍ଥ ସମାଜ ତଥା ଦେଶ ଗଠନ କରିବାରେ ସକ୍ଷମ ହୋଇ ପାରିବ । ଶେଷରେ, 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' କେବଳ ଗୋଟିଏ ଦିନ ପାଳନୀୟ ନୁହେଁ, ବରଂ ଏହା ଏକ ନିରନ୍ତର ଯାତ୍ରା। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡାକ୍ତର, ନର୍ସ ଏବଂ ସମସ୍ତ ସ୍ୱାସ୍ଥ୍ୟ କର୍ମୀଙ୍କ ଅବଦାନକୁ ସମ୍ମାନ ଜଣାଇବା ସହ ଆମକୁ ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରତିଜ୍ଞାବଦ୍ଧ ହେବାକୁ ପଡ଼ିବ। ଆସନ୍ତୁ, ଆଜିର ଏହି ପବିତ୍ର ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଆମେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ସଚେତନ ରହିବାକୁ ଉତ୍ସାହିତ କରିବା। କାରଣ: ଏକ ସୁସ୍ଥ ଜାତି ହିଁ ବିଶ୍ୱ ପ୍ରଗତିର ପଥପ୍ରଦର୍ଶକ ହୋଇପାରିବ। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ 'ସର୍ବତ୍ର ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ସେବା' – ଏହାହିଁ ହେଉ ଆଜିର ଆହ୍ୱାନ ।

*ଅଧ୍ୟକ୍ଷ, ଶାଶ୍ୱତ ଫାଉଣ୍ଡେସନ,*
*ହାଟଡିହି, ଜି: କେନ୍ଦୁଝର*
*ଫୋନ୍ ନଂ:୭୦୦୮୯୨୫୨୫୬*

# ଲକ୍ଷ୍ୟହୀନ ନୂତନ ଅବକାରୀ ନୀତି !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ରାଜ୍ୟରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ୩ବର୍ଷିଆ ନୂତନ ଅବକାରୀ ନୀତି ଘୋଷଣା କରିଛନ୍ତି, ଯେଉଁଥିରେ ଆଉ ନୂତନ ମଦଦୋକାନ ଖୋଲିବାକୁ ଅନୁମତି ନଦେବା ପାଇଁ ପ୍ରସ୍ତାବ ଦେଇଥିବାବେଳେ ନିଲାମ ଜରିଆରେ କେବଳ ହୋଟେଲ ଓ ବାର ପାଇଁ ଅନୁମତି ଦିଆଯିବ, ପ୍ରତିବର୍ଷ ଅବକାରୀ ଲାଇସେନ୍ସ ଦେୟ ୧୦ ପ୍ରତିଶତରୁ ୨୦ପ୍ରତିଶତ ବୃଦ୍ଧି ସହ ଏଣିକି ଅବକାରୀ ଟିକସ ସହ ୫ ପ୍ରତିଶତ ଅତିରିକ୍ତ ଦେୟ ଆଦାୟ କରାଯାଇ ଉନ୍ନତମାନର ନିଶାମୁକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଘରକୁ ମଦ ଯୋଗାଣ ବନ୍ଦ କରିବା ପ୍ରସ୍ତାବ ରହିଛି। କହିବା ବାହୁଲ୍ୟ ଯେ, ନୂତନ ଅବକାରୀ ନୀତିରେ ରାଜ୍ୟକୁ ମଦମୁକ୍ତ ବା ନିଶାମୁକ୍ତ କରିବାର କୌଣସି ପ୍ରସ୍ତାବ ନଥିବାବେଳେ କେତେକ ଆଶ୍ୱସ୍ତି ରହିଛି ସତ ମାତ୍ର ସରକାର ନିଜର ପ୍ରତିଶ୍ରୁତିରୁ ଓହରି ଯାଇଛନ୍ତି ବୋଲି କୁହାଯାଇପାରିବ। ସୂଚନାଯୋଗ୍ୟ ଯେ, ୨୦୨୪ ରାଜ୍ୟ ବିଧାନସଭା ଓ ସାଧାରଣ ନିର୍ବାଚନ ସମୟରେ ବିଜେପି ତାର ନିର୍ବାଚନ ଇସ୍ତାହାରରେ ଓଡିଶାକୁ ନିଶାମୁକ୍ତ ରାଜ୍ୟରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। କେବଳ ଏତିକି ନୁହେଁ, ରାଜ୍ୟରେ ନୂତନ ବିଜେପି ସରକାର କ୍ଷମତାସୀନ ହେବା ପରେ କ୍ୟାବିନେଟ ମନ୍ତ୍ରୀ ଗଣମାଧ୍ୟମ ନିକଟରେ ଓଡିଶାରେ ମଦ ନିଷେଧ କରାଯିବ ବୋଲି ଘୋଷଣା କରିଥିଲେ। ସେହିପରି ଓଡିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ ଖୁବଶୀଘ୍ର କ୍ୟାବିନେଟ ନିଷ୍ପତି ନିଆଯିବା ସମ୍ପର୍କରେ ବୟାନ ଦେଇଥିଲେ କ୍ୟାବିନେଟ ମନ୍ତ୍ରୀ। କିନ୍ତୁ ଏଭଳି ବୟାନ ବାଜି ମଧ୍ୟରେ ରାଜ୍ୟ ସରକାର ରାଜ୍ୟରେ ୮୦ଟି ନୂତନ ମଦ ଦୋକାନ ଖୋଲିବାକୁ ଅନୁମତି ଦେଇଥିବାବେଳେ 'ମଦ କୁଡିଆ' ଯୋଜନାକୁ କାର୍ଯ୍ୟକାରୀ କରିଥିଲେ କିନ୍ତୁ ନୂତନ ଅବକାରୀ ନୀତିରେ ସରକାର ରାଜ୍ୟକୁ ମଦମୁକ୍ତ କରିବା ପାଇଁ ପଦକ୍ଷେପ ନେଇପାରନ୍ତି ବୋଲି ଆଶା କରାଯାଉଥିଲା। ମାତ୍ର ସଦ୍ୟ ଘୋଷିତ ନୂତନ ଅବକାରୀ ନୀତିରେ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷରେ ୩ବର୍ଷିଆ ଅର୍ଥାତ ଆସନ୍ତା ୨୦୨୯ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ନୂତନ ଅବକାରୀ ନୀତି ବଳବତ୍ତର ରହିଥିବାରୁ ସରକାର ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଓଡିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ସମ୍ଭାବନା ନାହିଁ ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ସରକାରୀ ତଥ୍ୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏବେ ୨୧୦୦ରୁ ଅଧିକ ଲାଇସେନ୍ସ ପ୍ରାପ୍ତ ଦେଶୀ, ବିଦେଶୀ ମଦ ଦୋକାନ ରହିଛି। ଏପରିକି ପୂର୍ବବର୍ଷରୁ ବନ୍ଦ ହୋଇଯାଇଥିବା ୭୦ଟି ମଦ ଦୋକାନକୁ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ସେହିପରି ସହରାଞ୍ଚଳରେ ପ୍ରିମିୟମ ମଦ ଦୋକାନ ଖୋଲିବାକୁ ମଧ୍ୟ ଅନୁମତି ଦିଆଯାଇଥିବା କୁହାଯାଏ। ରାଜ୍ୟରେ ସହରାଂଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମଦ ବ୍ୟବହାର ଏପରି ବୃଦ୍ଧି ପାଇଛି ଯେ, ମଦ ଏକ କୁଟୀର ଶିଳ୍ପରେ ପରିଣତ ହୋଇଥିବା କହିଲେ ଅତିରଂଜିତ ହେବ ନାହିଁ। ଏକ ରିପୋର୍ଟରୁ ଜଣାଯାଏ ଯେ, ରାଜ୍ୟରେ ମଦ ବ୍ୟବହାର ଜାତୀୟ ହାରଠାରୁ ଅଧିକ ରହିଛି। ୧୫ବର୍ଷରୁ ଊର୍ଦ୍ଧ୍ୱ ବୟସଙ୍କ ମଦ୍ୟପାନ କ୍ଷେତ୍ରରେ ଜାତୀୟ ହାର ୯.୯୧ ପ୍ରତିଶତ ରହିଥିବାବେଳେ ଓଡିଶାରେ ୧୬.୧୩ ପ୍ରତିଶତ ରହିଛି। ସେହିପରି ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ମଦ୍ୟପଙ୍କ ସଂଖ୍ୟା ଅଧିକ ରହିଛି। ସହରାଞ୍ଚଳରେ ମଦ ବ୍ୟବହାର ହାର ୨୨.୭ ପ୍ରତିଶତ ଥିବା ବେଳେ ଗ୍ରାମାଞ୍ଚଳରେ ୩୦.୨ ପ୍ରତିଶତ ରହିଛି। ଜିଲ୍ଲା ମଧ୍ୟରେ ସୁନ୍ଦରଗଡରେ ମଦ ବ୍ୟବହାର ହାର ସର୍ବାଧିକ ୪୫.୯ ପ୍ରତଶତ ଥିବାବେଳେ ମୟୂରଭଞ୍ଜରେ ୪୫.୬ ପ୍ରତିଶତ ଏବଂ ଦେବଗଡରେ ୪୪.୨ ପ୍ରତିଶତ ରହିଛି। ଗ୍ରାମାଞ୍ଚଳରେ ଦେଶୀ ମଦ ବ୍ୟବହାରକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବିଶେଷକରି ଦୁର୍ଗମ ପାହାଡିଆ ଆଦିବାସୀ ବହୁଳ ଅଞ୍ଚଳରେ ଦେଶୀମଦ ତିଆରି ଓ ବ୍ୟବହାରକରୀଙ୍କ ସଂଖ୍ୟା ଅଧିକ ରହିଛି। ଏକ ରିପୋର୍ଟରେ କୁହାଯାଇଛି ଯେ, ୨୦୨୪-୨୫ ଆର୍ଥୀକ ବର୍ଷରେ ରାଜ୍ୟରେ ୫.୪୪ କୋଟି ଲିଟର ବିଦେଶୀ ମଦ ବ୍ୟବହାର ହୋଇଥିବାବେଳେ ୯୫.୪୩ ଲକ୍ଷ ଲିଟର ଦେଶୀ ମଦ ବ୍ୟବହାର ହୋଇଥିଲା। ବିଶେଷ କରି ପର୍ବ ପର୍ବାଣୀ ଗୁଡିକରେ ମଦର ସୁଅ ଛୁଟିବା ଏବେ ଏକ ପରମ୍ପରାରେ ପରିଣତ ହୋଇଛି। ମଦ ପ୍ରତି ଲୋକଙ୍କ ଆଶକ୍ତି ଏତେ ମାତ୍ରାରେ ବଢିଚାଲିଛି ଯେ, ଏବେ ଶବଦାହ, ଶୁଦ୍ଧି ଘର, ବିବାହ ଉତ୍ସବ ଏବଂ ବ୍ରତ ଉତ୍ସବରେ ମଦ ନହେଲେ କୌଣସି କାମ ହୁଏ ନାହିଁ। ଖୋଦ ରାଜଧାନୀ ଭୁବନେଶ୍ୱରରେ ନୂତନ ବର୍ଷ ପାଳନ ଅବସରରେ ଗୋଟିଏ ସପ୍ତାହରେ ଅର୍ଥାତ ଡିସେମ୍ବର ୨୫ରୁ ୩୧ତାରିଖ ମଧ୍ୟରେ ୩୨କୋଟି ୩୫ଲକ୍ଷ ଟଙ୍କାର ମଦ ପିଇଥିଲେ। ଯେଉଁଥିରେ ୩୫ହଜାର ଲିଟରରୁ ଅଧିକ ବିଦେଶୀ ମଦ, ୨୫ ହଜାର ଲିଟରରୁ ଅଧିକ ବିୟର, ୨୧ହଜାର ଲିଟରରୁ ଅଧିକ ଦେଶୀ ମଦ ପାନ କରିଥିବା କୁହାଯାଏ। ଏହି ସମୟରେ ସାରା ରାଜ୍ୟରେ ୩ଲକ୍ଷ ଲିଟରରୁ ଅଧିକ ମଦ କାରବାର ହୋଇଥିବା କୁହାଯାଏ। ମଦ ମଧ୍ୟ ରାଜ୍ୟ ସରକାରଙ୍କ, ଏକ ମୁଖ୍ୟ ରାଜସ୍ୱ ଆୟର ଉତ୍ସ ଭାବେ ଜଣାଶୁଣା। ୨୦୨୪-୨୫ ଆର୍ଥୀକ ବର୍ଷରେ ବିଜେପି ସରକାରଙ୍କ ଅମଳରେ ମଦରୁ ୧୪୨୯ କୋଟି ଟଙ୍କା ରାଜସ୍ୱ ଆୟ ହୋଇଥିଲା। ଯାହାକି ପୂର୍ବ ଚାରିବର୍ଷ ତୁଳନାରେ ୧୧୨ ପ୍ରତିଶତ ଅଧିକ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏକଦା ଜଣେ ବରିଷ୍ଠ ରାଜନେତା କହିଥିଲେ ଯେ, ଯେଉଁ ସରକାର ମଦ ବନ୍ଦ କରିବ, ସେହି ସରକାର ହାରିବା ନିଶ୍ଚିତ। ଏଇଥିପାଇଁ ବୋଧହୁଏ କୌଣସି ସରକାର ମଦ ନିଷେଧ କରିବାକୁ ଚାହୁଁନାହାଁନ୍ତି। ଏହା ନିଶ୍ଚିତ ଯେ, ମଦ୍ୟପାନ କ୍ଷତିକାରକ। ଏହା କେବଳ ସ୍ୱାସ୍ଥ୍ୟ ଉପରେ ନୁହେଁ, ପରିବାର, ସଂଚୟ, ଶିକ୍ଷା ଉପରେ କୁପ୍ରଭାବ ପକିଥାଏ। ରାଜ୍ୟକୁ ମଦମୁକ୍ତ କରିବା ପାଇଁ ଦାବି ଯେତିକି ଯୋରଦାର ହେଉଛି, ମଦ୍ୟପଙ୍କ ସଂଖ୍ୟା ତା'ଠାରୁ ବଢିଚାଲିଛି। ସରକାର ମଦ ନିଷିଦ୍ଧ କରିବାକୁ ଚାହୁଁନଥିବା ବେଳେ ମଦ୍ୟପ ନିଜେ ନ ଚେତିଲେ, ନିଶାମୁକ୍ତ ବା ନିଶା ନିବାରଣ ସମ୍ଭବ ନୁହେଁ।

# ଯୁଦ୍ଧରୁ ନିର୍ଗମନ ବିଷାକ୍ତ ଧୂଆଁ ଏବଂ ଜଳବାୟୁ ସଙ୍କଟ



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ସମ୍ପ୍ରତି ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧ ସମୟରେ, ଆକଳନ କରାଯାଇଛି ଯେ ପ୍ରାୟ ପାଞ୍ଚ ଶହ ଟନ୍ କାର୍ବନ ଡାଇଅକ୍ସାଇଡ୍ ଏବଂ ଅନ୍ୟାନ୍ୟ ବିଷାକ୍ତ ଧୂଆଁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ବାୟୁମଣ୍ଡଳରେ ନିର୍ଗତ ହୋଇଥିଲା, ଯାହା ସମଗ୍ର ଏକ ବର୍ଷରେ ଦ୍ୱୀପର ନିର୍ଗମନକୁ ଅତିକ୍ରମ କରିଥିଲା। ଏହି ପ୍ରଦୂଷଣ କେବଳ ସ୍ଥାନୀୟ ପରିବେଶକୁ ନୁହେଁ ବରଂ ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ମଧ୍ୟ ତ୍ୱରାନ୍ୱିତ କରିପାରେ।

ଯୁଦ୍ଧ ସମୟରେ, ତୈଳ ସଂରକ୍ଷଣ ସୁବିଧା, ବିଶୋଧନାଗାର ଏବଂ ଶିଳ୍ପ ଗଠନ ଉପରେ ଆକ୍ରମଣ ଯୋଗୁଁ ବ୍ୟାପକ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡ, କାର୍ବନ ଡାଇଅକ୍ସାଇଡ୍ ବ୍ୟତୀତ, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ୍ ଏବଂ ସୂକ୍ଷ୍ମ କଣିକା ଭଳି ବିଷାକ୍ତ ଗ୍ୟାସ୍ ନିର୍ଗତ କରିଥିଲା। ଏହି ଗ୍ୟାସଗୁଡ଼ିକ କେବଳ ବାୟୁମଣ୍ଡଳକୁ ପ୍ରଦୂଷିତ କରେ ନାହିଁ ବରଂ ଜଳ ଏବଂ ମାଟି ଉପରେ ମଧ୍ୟ ଦୀର୍ଘକାଳୀନ ପ୍ରଭାବ ପକାଇପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏପରି ପ୍ରଦୂଷଣର ପ୍ରଭାବ ଦଶନ୍ଧି ଧରି ରହିପାରେ ଏବଂ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ, କୃଷି ଉତ୍ପାଦନ ଏବଂ ଇକୋସିଷ୍ଟମକୁ ଗୁରୁତର ଭାବରେ ପ୍ରଭାବିତ କରିପାରେ। କାର୍ବନ ନିର୍ଗମନ ତଥ୍ୟ ଦର୍ଶାଏ ଯେ କେବଳ ଯୁଦ୍ଧର ପ୍ରଥମ ଚଉଦ ଦିନରେ ପ୍ରାୟ ପାଞ୍ଚ ଶହ ନିୟୁତ କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ନିର୍ଗତ ହୋଇଥିଲା। ଏହି ପରିମାଣ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଏହାକୁ ବିଶ୍ୱ ଜଳବାୟୁ ସଙ୍କଟରେ ଏକ ନୂତନ ଯୋଗଦାନକାରୀ ଭାବରେ ବିବେଚନା କରାଯାଏ। ଯୁଦ୍ଧ ଦ୍ୱାରା ଉତ୍ପାଦିତ ଧୂଆଁ ଏବଂ ବିଷାକ୍ତ କଣିକା ଏକ ସୀମିତ ଅଞ୍ଚଳରେ ସୀମିତ ନୁହେଁ; ପବନ ପ୍ରବାହ ସହିତ ଏଗୁଡ଼ିକ ଦୂରବର୍ତ୍ତୀ ଅଞ୍ଚଳକୁ ବିସ୍ତାର କରିପାରେ। ଏହା ବିଶ୍ୱ ଉଷ୍ମତା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିପାରେ।

ଏହା ବ୍ୟତୀତ, ତେଲ କୂପ ଏବଂ ରିଫାଇନାରୀରେ ନିଆଁରୁ ନିର୍ଗତ କଳା ଧୂଆଁ ସୂର୍ଯ୍ୟକିରଣକୁ ଅବରୋଧ କରିପାରେ ଏବଂ ସ୍ଥାନୀୟ ତାପମାତ୍ରା ଏବଂ ପାଣିପାଗ ଢାଞ୍ଚାକୁ ପରିବର୍ତ୍ତନ କରିପାରେ। ଏହି ପରିସ୍ଥିତି ୧୯୯୧ ଉପସାଗରୀୟ ଯୁଦ୍ଧକୁ ମନେ ପକାଇଥାଏ, ଯେତେବେଳେ ତେଲ କୂପ ନିଆଁ ମାସ ମାସ ଧରି ବାୟୁମଣ୍ଡଳକୁ ପ୍ରଦୂଷିତ କରିଥିଲା ଏବଂ ଜଳବାୟୁ ଉପରେ ଗଭୀର ପ୍ରଭାବ ପକାଇଥିଲା। ସାମଗ୍ରିକ ଭାବରେ, ଏହି ଯୁଦ୍ଧ କେବଳ ମାନବ ଜୀବନ ଏବଂ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇନାହିଁ ବରଂ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ମଧ୍ୟ ବଢ଼ାଇଛି। ବିଷାକ୍ତ ଗ୍ୟାସ ଏବଂ କାର୍ବନ ନିର୍ଗମନର ଏହି ସ୍ତର ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱ ଉଷ୍ମତା ଏବଂ ଅତି ଖରାପ ପାଣିପାଗ ଘଟଣାଗୁଡ଼ିକରେ ଆହୁରି ଯୋଗଦାନ କରିବ। ଯୁଦ୍ଧ ଏବଂ ଜଳବାୟୁ ପ୍ରଭାବରୁ ନିର୍ଗମନ – ଯୁଦ୍ଧ ସମୟରେ ତୈଳ ବିଶୋଧନାଗାର, ଶିଳ୍ପ ଗଠନ ଏବଂ କୋଠାଗୁଡ଼ିକର ଧ୍ୱଂସ ବିପୁଳ ପରିମାଣରେ କାର୍ବନ ଡାଇଅକ୍ସାଇଡ୍ ଏବଂ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସ ନିର୍ଗତ କରିଥିଲା। କେବଳ ପ୍ରାୟ ୨୦,୦୦୦ କୋଠା ନଷ୍ଟ ହେବା ଫଳରେ ୨.୪ ନିୟୁତ ଟନ୍ ଉଙ୍ଗ୨ ନିର୍ଗମନ ହୋଇଥିଲା। ଏହା ବ୍ୟତୀତ, ସାମରିକ ଅପରେସନ ଏବଂ ତୈଳ ସୁବିଧାରେ ଅଗ୍ନିକାଣ୍ଡରୁ ଇନ୍ଧନ ବ୍ୟବହାର ପ୍ରଦୂଷଣକୁ ଆହୁରି ବୃଦ୍ଧି କରିଥିଲା। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରଭାବ – ତାପମାତ୍ରା ବୃଦ୍ଧି: ବାୟୁମଣ୍ଡଳରେ ଏତେ ପରିମାଣର ସବୁଜ ଗୃହ ଗ୍ୟାସ୍ ନିର୍ଗତ ହେବା ଦ୍ୱାରା ବିଶ୍ୱ ଉଷ୍ମତା ବୃଦ୍ଧି ପାଇପାରେ। ଆଞ୍ଚଳିକ ପାଣିପାଗ ଢାଞ୍ଚା: ଧୂଆଁ ଏବଂ କଣିକା ସୂର୍ଯ୍ୟକିରଣକୁ ଅବରୋଧ କରି ସ୍ଥାନୀୟ ତାପମାତ୍ରା ଏବଂ ବର୍ଷା ଢାଞ୍ଚାକୁ ପରିବର୍ତ୍ତନ କରିପାରେ। ଦୀର୍ଘକାଳୀନ ପ୍ରଭାବ: ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଯୁଦ୍ଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହେ, ତେବେ ନିର୍ଗମନ ସ୍ତର ବହୁ ଗୁଣ ବୃଦ୍ଧି ପାଇପାରେ, ଯାହା ଆଗାମୀ ଦଶନ୍ଧି ପାଇଁ ଜଳବାୟୁ ସଙ୍କଟକୁ ଆହୁରି ଖରାପ କରିପାରେ।ଶକ୍ତି ଏବଂ ବିଶ୍ୱ ନୀତି ଉପରେ ପ୍ରଭାବ – ଯୁଦ୍ଧ ହର୍ମୁଜ୍ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ଶକ୍ତି ମାର୍ଗକୁ ପ୍ରଭାବିତ କରିଛି, ଯେଉଁଠାରୁ ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ଏବଂ ଗ୍ୟାସ୍ ଗତି କରେ। ଏହା ବିଶ୍ୱ ଶକ୍ତି ବଜାରକୁ ଅସ୍ଥିର କରିଛି ଏବଂ ନବୀକରଣୀୟ ଶକ୍ତି ଆଡକୁ ପରିବର୍ତ୍ତନ ବିଷୟରେ ଆଲୋଚନାକୁ ଇନ୍ଧନ ଦେଇଛି। ଏହି ପରିସ୍ଥିତି ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ଦୁର୍ବଳ କରିପାରେ।

ଏହି ଯୁଦ୍ଧ କେବଳ ମାନବ ଜୀବନ ଏବଂ ଭିତ୍ତିଭୂମିର କ୍ଷତି ଘଟାଇନାହିଁ ବରଂ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜକୁ ମଧ୍ୟ ବଢ଼ାଇଛି। ପାଞ୍ଚ ନିୟୁତ ଟନ୍ $CO_2$ ନିର୍ଗମନ ଏକ ସ୍ମରଣକାରୀ ଯେ ଯୁଦ୍ଧ ଏବଂ ସଂଘର୍ଷ କେବଳ ରାଜନୈତିକ କିମ୍ବା ମାନବିକ ସଙ୍କଟ ନୁହେଁ; ଏହା ଜଳବାୟୁ ସଙ୍କଟକୁ ମଧ୍ୟ ବଢ଼ାଇଥାଏ। ବିଶ୍ୱ କାର୍ବନ ବଜେଟ୍ ଏବଂ ଯୁଦ୍ଧର ପ୍ରଭାବ – କାର୍ବନ ବଜେଟ୍ ହେଉଛି ସେହି ସୀମା ଯାହା ମଧ୍ୟରେ ବିଶ୍ୱକୁ ତାପମାତ୍ରା ବୃଦ୍ଧିକୁ ୧.୫°C ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ରହିବାକୁ ପଡିବ। ମାତ୍ର ୧୪ ଦିନ ମଧ୍ୟରେ, ଯୁଦ୍ଧ ୮୪ଟି ଛୋଟ ଦେଶର ବାର୍ଷିକ ନିର୍ଗମନ ସହିତ ସମାନ ନିର୍ଗମନ ସୃଷ୍ଟି କରିଛି। ଏହାର ଅର୍ଥ ହେଉଛି ପୂର୍ବରୁ ଯୋଜନାବଦ୍ଧ ନିର୍ଗମନ ହ୍ରାସ ଆହୁରି ଚ୍ୟାଲେଞ୍ଜିଂ ହୋଇଗଲାଣି। ଦେଶମାନଙ୍କର ପ୍ରତିଶ୍ରୁତି ଏବଂ ଅସୁବିଧା – ପ୍ୟାରିସ ଚୁକ୍ତିନାମା: ଦେଶଗୁଡ଼ିକ ୨୦୩୦ ସୁଦ୍ଧା ନିର୍ଗମନ ହ୍ରାସ କରିବା ଏବଂ ୨୦୫୦ ସୁଦ୍ଧା ନେଟ-ଶୂନ୍ୟ ହାସଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଯୁଦ୍ଧରୁ ଅତିରିକ୍ତ ନିର୍ଗମନ ଏହି ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ଆହୁରି କଷ୍ଟକର କରିଦେଇଛି। ଅନେକ ଦେଶ ପୂର୍ବରୁ ସେମାନଙ୍କର ଲକ୍ଷ୍ୟ ପୂରଣ କରିବାରେ ବିଳମ୍ବ ପ୍ରଦର୍ଶନ କରିସାରିଛନ୍ତି; ଯୁଦ୍ଧ-ପ୍ରୋତ୍ସାହିତ ନିର୍ଗମନ ସେମାନଙ୍କୁ ଆହୁରି ପଛକୁ ପକାଇପାରେ। ନିରନ୍ତର ବିକାଶ ଲକ୍ଷ୍ୟ (SDGs) ଉପରେ ପ୍ରଭାବ – ଯୁଦ୍ଧ କେବଳ ଜଳବାୟୁ ନୁହେଁ ବରଂ ନିରନ୍ତର ବିକାଶ ଲକ୍ଷ୍ୟକୁ ମଧ୍ୟ ପ୍ରଭାବିତ କରିଛି। ଶକ୍ତି ଭିତ୍ତିଭୂମିର ବିନାଶ ଏବଂ ପ୍ରଦୂଷଣ ପରିବେଶଗତ ସ୍ଥିରତାକୁ ଦୁର୍ବଳ କରିଛି। ଏହା ବିକାଶଶୀଳ ଦେଶଗୁଡ଼ିକରେ ଶକ୍ତି ଅସୁରକ୍ଷା ଏବଂ ମୁଦ୍ରାସ୍ଫୀତି ବୃଦ୍ଧି କରୁଛି, ଯାହା ଜଳବାୟୁ ପ୍ରତିବଦ୍ଧତା କାର୍ଯ୍ୟକାରୀ କରିବାର ସେମାନଙ୍କର କ୍ଷମତାକୁ ଦୁର୍ବଳ କରୁଛି।

ଦୀର୍ଘକାଳୀନ ପରିଣାମ – ନିର୍ଗମନ ହ୍ରାସ ଧୀର ହେବ କାରଣ ଯୁଦ୍ଧ ଦ୍ୱାରା ସୃଷ୍ଟି ହୋଇଥିବା ଅତିରିକ୍ତ ନିର୍ଗମନକୁ ପୂରଣ କରିବା ପାଇଁ ଅଧିକ ପ୍ରୟାସ ଆବଶ୍ୟକ ହେବ। ନବୀକରଣୀୟ ଶକ୍ତିକୁ ସ୍ଥାନାନ୍ତରର ଆଲୋଚନା ତ୍ୱରାନ୍ୱିତ ହୋଇପାରେ, କିନ୍ତୁ ଅସ୍ଥିର ଶକ୍ତି ବଜାର ଯୋଗୁଁ ନିବେଶ ଏବଂ ସହଯୋଗ ପ୍ରଭାବିତ ହୋଇପାରେ। ବିଶ୍ୱସ୍ତରୀୟ ସହଯୋଗ ଦୁର୍ବଳ ହୋଇପାରେ, କାରଣ ଯୁଦ୍ଧ ଦେଶଗୁଡ଼ିକ ମଧ୍ୟରେ ରାଜନୈତିକ ଉତ୍ତେଜନା ବୃଦ୍ଧି କରିଛି। ଯୁଦ୍ଧ କେବଳ ଏକ ତୁରନ୍ତ ପରିବେଶଗତ ସଙ୍କଟ ସୃଷ୍ଟି କରିନାହିଁ ବରଂ ବିଶ୍ୱ ଜଳବାୟୁ ପ୍ରତିବଦ୍ଧତାକୁ ମଧ୍ୟ ଦୁର୍ବଳ କରିଛି। ଦେଶଗୁଡ଼ିକୁ ଏବେ ସେମାନଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ଆହୁରି କଠୋର ପଦକ୍ଷେପ ନେବାକୁ ପଡିବ, ନଚେତ୍ ୧.୫°C ସୀମା ବଜାୟ ରଖିବା ପ୍ରାୟ ଅସମ୍ଭବ ହୋଇଯିବ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**





# ଚୁଆ ପାଣିରେ ମେଣ୍ଟୁଛି ଶୋଷ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଜଳ ପାଇଁ ନାନାଦି ସମସ୍ୟା । ପାଣି ବୁନ୍ଦାଏ ପାଇଁ ମହିଳାଙ୍କୁ ଯିବାକୁ ପଡୁଛି ଗାଁ ପାଖ ଚୁଆକୁ । ଅନ୍ୟପଟେ ଦୂଷିତ ଜଳ ବ୍ୟବହାର ଦ୍ୱାରା ରୋଗରେ ପୀଡିତ ହେଉଛନ୍ତି ଲୋକେ । ଏହି ଦୃଶ୍ୟ ହେଉଛି କୋରୁକୁଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ପଞ୍ଚାୟତର ଗୋପୀଗୁଡା ଗାଁର । ଏହି ଦୃଶ୍ୟ ବୟାନ କରୁଛି, ଜଳ ସମସ୍ୟା ଏଠିକାର ମୁଖ୍ୟ ସମସ୍ୟା ବୋଲି । ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରିନିଅନ୍ତି, କିନ୍ତୁ ଜଳ କଷ୍ଟ କଥା କହିଲେ ନସରେ । ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନଙ୍କୁ ଜଣେଇଲା ପରେ ବି ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛି ଗାଁ । ଗାଁରେ ମୋଟ୍ ୨୦ରୁ ଉର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଚୁଆ ପାଣି ହିଁ ଏକମାତ୍ର ଭରଷା । ଦୁଇ ବର୍ଷ ପୂର୍ବରୁ ଗାଁରେ ନଳକୂଅ ଖୋଳାଯାଇ ସୋଲାର ପାଣି ଦିଆଯାଇଥିଲା ତାହା ଗୋଟିଏ ମାସ ଚାଲିବା ପରେ ମୋଟର ପୋଡ଼ିଗଲା । ହେଲେ ଠିକାଦାର ମୋଟର ତିଆରି କରିବା ପାଇଁ ନେଇ ଆଜି ପର୍ଯ୍ୟନ୍ତ ଦେଖାନାହିଁ। ବର୍ତ୍ତମାନ ସମୟରେ ନିକଟସ୍ଥ ଚୁଆ ପାଣିକୁ ଆଣି ବ୍ୟବହାର କରୁଛନ୍ତି ଗାଁ ଲୋକେ । ତାହାବି ବ୍ୟବହାର ପାଇଁ ଉପଯୋଗୀ ନଥିବା ବେଳେ, ବାଧ ହୋଇ ଦୂଷିତ ଜଳକୁ ରୋଷେଇ ଠାରୁ ଆରମ୍ଭ କରି ଗାଧୋଇବା, ଲୁଗା ସଫା ପାଇଁ



ବ୍ୟବହାର କରିଥାନ୍ତି । ଫଳରେ ବର୍ଷ ସାରା ନାନାଦି ରୋଗରେ ପୀଡିତ ଥିବା କହିଛନ୍ତି ଗାଁ ବାସିନ୍ଦା । ଏହି ସମସ୍ୟା ବିଷୟରେ ସରପଞ୍ଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି ପରେ କୌଣସି ଫଳପ୍ରଦ ହୋଇନାହିଁ । ଖରା ଓ ଶୀତ ପାଗରେ ଗୋଟିଏ ସ୍ଥାନରୁ ଓ ବର୍ଷା ପାଗରେ ଆଉ ଗୋଟିଏ ସ୍ଥାନରୁ ପାଣି ସଂଗ୍ରହ କରି ଆଣିବାକୁ ପଡେ ଗୋପିଗୁଡା ବାସିନ୍ଦାଙ୍କୁ । ଶୁଖିଲା ପାଗରେ ଯେନତେନ ପ୍ରକାରେଣ କରି ଚଳିଯାନ୍ତି, କିନ୍ତୁ ବର୍ଷା ୪ ମାସ ନାହିଁନଥିବା ସମସ୍ୟାକୁ ସାମ୍ନା କରିବାକୁ ପଡେ । ଗାଁ ଠାରୁ ୬୦୦ ମିଟର ଦୂରକୁ ଯାଇ ମୁଣ୍ଡରେ ପାଣି ଭର୍ତ୍ତି ହାଣ୍ଡି ଧରି ବହୁ କଷ୍ଟରେ ତଳୁ ଉପରକୁ ଆସିବାକୁ ପଡ଼େ । ତୁରନ୍ତ ବ୍ଲକ କର୍ତ୍ତୃପକ୍ଷ ପକ୍ଷରୁ ଏହାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାସ୍ତା ଓ ପାନୀୟ ଜଳ ସମସ୍ୟାରେ ଜର୍ଜରିତ ଗ୍ରାମବାସୀ



**କେନ୍ଦୁଝର, ନ୍ୟୁଜ୍**

ବାଂଶପାଳ ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଅଧିନସ୍ଥ ଇଟାପୋଖରୀ ଅଞ୍ଚଳର ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଥିବା ବେଳେ ପାନୀୟ ଜଳ ସମସ୍ୟା ତୀବ୍ରତର ହୋଇପଡିଛି । ମିଳିଥିବା ଅଭିଯୋଗ ଅନୁସାରେ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମର ରାସ୍ତା କଂକ୍ରିଟ ରାସ୍ତା ନିର୍ମାଣ ସହ ପାନୀୟ ଜଳର ସୁବ୍ୟବସ୍ଥା କରାଯାଉଥିବା ବେଳେ ଇଟାପଖୋରୀ ଅଞ୍ଚଳର ଗ୍ରାମ୍ୟ ରାସ୍ତା ନିର୍ମାଣ କିମ୍ବା ମରାମତି ଓ ପାନୀୟ ଜଳର ସୁବ୍ୟବସ୍ଥା ପ୍ରତି ସରକାର ଦୃଷ୍ଟି ଦେଉନଥିବାରୁ ଉକ୍ତ ଅଞ୍ଚଳର ଗରିବ ଅଧିବାସୀମାନେ ପାନୀୟ ଜଳ ସମସ୍ୟାକୁ ନେଇ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଜୀବନ ଜୀବିକା ପାଇଁ ଯାତାୟାତ କରୁଥିବା ଉକ୍ତ ଗ୍ରାମ୍ୟ ରାସ୍ତାକୁ ନେଇ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେଉଥିବାର ଉକ୍ତ ଅଞ୍ଚଳର ଅଧିବାସୀ ସାନ୍ତନୁ ଦେହୁରୀ, ଅମର ଦେହୁରୀ, ଶ୍ରୀକାନ୍ତ ନାଏକ, କମ୍ପାନୀ ପ୍ରଧାନ ପ୍ରମୁଖ ଅଭିଯୋଗ କରିବା ସହ ଗରିବ ଲୋକମାନଙ୍କର ଜୀବନ ଜୀବିକାକୁ ଦୃଷ୍ଟି ରଖି ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦୃଢ଼ ଦାବି କରିଛନ୍ତି ।



# ସର୍ପ ଦଂଶନ ପ୍ରତିରୋଧ ଓ ପ୍ରତିକ୍ରିୟା ନେଇ ସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆନ୍ତର୍ଜାତୀୟ ଏଭଏଡେବଲ୍ ଡେଥ୍ସ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା ସ୍ଥିତ ମଖାପଦା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ "ସାପ କାମୁଡ଼ା ପ୍ରତିରୋଧ ଓ ପ୍ରତିକ୍ରିୟା" ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଜନସଂଖ୍ୟା ଅଧ୍ୟୟନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ସଂଯୋଜକ ଡ଼କ୍ଟର ଗ୍ରେସ ବାହାଲେନ ମୁଣ୍ଡୁଙ୍କ ନେତୃତ୍ୱରେ ସହାୟକ ଅଧ୍ୟାପକ ଡକ୍ଟର ଜଗନ୍ନାଥ ବେହେରା, ସମୀର କୁମାର ଜେନା ଓ ମାନସ କୁମାର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସହାୟକ ପ୍ରାଧ୍ୟାପକ ଡକ୍ଟର ନିଳାଦ୍ରୀ ଭୂଷଣ କର ଯୋଗଦେଇ ସାପ କାମୁଡ଼ାର କାରଣ, ପ୍ରତିରୋଧ ଉପାୟ ଓ ସଠିକ୍ ପ୍ରାଥମିକ ଚିକିତ୍ସା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଗ୍ରାମବାସୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଓ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ନିଜର ସନ୍ଦେହ ଦୂର କରିଥିଲେ । ସାପ କାମୁଡ଼ା ସମୟରେ ତୁରନ୍ତ ଚିକିତ୍ସାଳୟକୁ ନେବା, ଅନ୍ଧବିଶ୍ୱାସରୁ ଦୂରେଇବା ଓ ସଚେତନ ରହିବା ଆଦି ବିବିଧ ପରାମର୍ଶ ଦିଆଯାଇଥିଲା ।

# ବ୍ୟବହାରରେ ଆସୁନି ଆବର୍ଜନା ସଂଗ୍ରହ ଓ ପୃଥକୀକରଣ କେନ୍ଦ୍ର

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

କାମରେ ଆସୁନି ପ୍ରତି ପଞ୍ଚାୟତରେ ନିର୍ମିତ ହୋଇଥିବା ସ୍ୱଚ୍ଛ ଭାରତ ଯୋଜନାର ଆବର୍ଜନା ସଂଗ୍ରହ ଓ ପୃଥକୀକରଣ କେନ୍ଦ୍ର । ଏହି ଯୋଜନାର ବିକଳ ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ସଦର ବ୍ଲକର ବିକ୍ରମପୁର ପଞ୍ଚାୟତର ବିକ୍ରମପୁର ଗାଁରେ । ଖୋଲାମେଲା ହୋଇ ପଡ଼ିରହିଛି ପୃଥକୀକରଣ କେନ୍ଦ୍ର । ଗାଁ ନିକଟସ୍ଥ ଆବର୍ଜନା ସଂଗ୍ରହ କେନ୍ଦ୍ର ଟିର୍ଲିଆମ୍ବଗୁଡ଼ା-କୋଡିଙ୍ଗା ରାସ୍ତା ପ୍ରଶସ୍ତିକରଣ କାମ ପାଇଁ ଭାଙ୍ଗିଯାଇଛି । ଏହି ଚିତ୍ର କେବଳ ଯେ ବିକ୍ରମପୁରରେ ହିଁ ନୁହେଁ ବରଂ ଜିଲ୍ଲାର ୧୦ ବ୍ଲକର ୧୮୯ଟି ପଞ୍ଚାୟତରେ ସମାନ ସ୍ଥିତି । କେଉଁଠି ଛାତ ନାହିଁ ତ ଆଉ କେଉଁଠି ଖୋଲାମେଲାରେ ପଡ଼ିଛି । ଯୋଜନା ଜିଲ୍ଲାରେ ଫେଲ୍ ମାରିଛି । ଗୋଟିଏ ବି ପଞ୍ଚାୟତରେ ଏହା କାର୍ଯ୍ୟକାରୀ ହେଉନାହିଁ । କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ତାହାର ସୁଫଳ ଗାଁରେ ଦେଖିବାକୁ ମିଳୁନାହିଁ । କେବଳ କାଗଜ କଲମରେ ସ୍ୱଚ୍ଛଭାରତ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଜଣାଇବାକୁ ଏହି ପ୍ରକଳ୍ପର କାର୍ଯ୍ୟ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ଯଦିଓ ଏହି ଯୋଜନା ମହତ ଉଦ୍ଦେଶ୍ୟରେ ହେଉଛି, ତଥାପି ପ୍ରଶାସନର ଆନ୍ତରିକତାର ଅଭାବରୁ ଏହାସବୁ ଅକାମୀ ଯୋଜନାରେ ପରିଣତ ହୋଇଛି । ଗାଁରେ ମହିଳା ସ୍ୱୟଂ ସହାୟକ ଦଳ ସଂଗ୍ରହ କରି ଆର୍ବଜନା କେନ୍ଦ୍ରରେ ଜମା ରଖିବେ । ସେଠାରୁ ପୃଥକୀକରଣ କେନ୍ଦ୍ରକୁ ଆଣି ଶୁଷ୍କ (କାଚ, ଲୁହା, ଗ୍ଲାସ୍, ପ୍ଲାଷ୍ଟିକ୍ (୫୦ରୁ କମ୍ ମାଇକ୍ରୋନ୍) ଓ ଓଦା (ଜୈବିକ) ବର୍ଜ୍ୟବସ୍ତୁରେ ପୃଥକ୍ କରିବେ । ପ୍ଲାଷ୍ଟିକ୍, କାଚ ଓ ଲୁହା ଭଳି ଶୁଷ୍କ ବର୍ଜ୍ୟବସ୍ତୁକୁ ପୁନଃଚକ୍ରଣ ପାଇଁ ପଠାଯିବା ଲକ୍ଷ୍ୟ ରହିଛି । କେନ୍ଦ୍ର ହେବା ଖୋଲା ଜାଗାରେ ଅଳିଆ ଫିଙ୍ଗିବା ଦ୍ୱାରା ହେଉଥିବା ଡାଏରିଆ, କଲେରା, ଟାଇଫଏଡ଼ ପରି ରୋଗରୁ ରକ୍ଷା ମିଳେ । ପରିବେଶ ସୁରକ୍ଷା ହେବା ସହ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ କଠିନ ଆବର୍ଜନା ପରିବେଶରେ ମିଶି ଜଳ ଓ ମାଟି ପ୍ରଦୂଷଣ ହ୍ରାସ କରନ୍ତି । ଆବର୍ଜନା ସଂଗ୍ରହ ଓ ପୃଥକୀକରଣ କେନ୍ଦ୍ର ପାଇଁ ଗୋଟିଏ ପଞ୍ଚାୟତକୁ ସରକାର ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି । ଏହା ବାଦ୍ ପଞ୍ଚାୟତ ଏଥିରେ ଦେଢ଼ ଲକ୍ଷ ଖର୍ଚ୍ଚ କରିଥିଲେ । ଠିକାଦାରଙ୍କ ଦ୍ୱାରା ଏହା ନିର୍ମାଣ ହୋଇଥିଲା । ମାତ୍ର ଦିନ କେଇଟା ହୋଇନି ଏହି କେନ୍ଦ୍ରଗୁଡିକରେ ଅଳିଆ ଆବର୍ଜନା ପଡୁନଥିବା ବେଳେ ଖୋଲାମେଲା ଅବସ୍ଥାରେ ରହିଛି । ସ୍ୱଚ୍ଛ ଭାରତ ପାଇଁ ସରକାରୀ ଓ ବେସରକାରୀସ୍ତରରେ ଜୋର୍‌ସୋର୍‌ରେ ପ୍ରଚାର ପ୍ରସାର ହେଉଛି । ପ୍ରକୃତ କଥା ହେଲା ଏହା ଗାଁ ଗହଳିକୁ ସ୍ପର୍ଶ କରିପାରୁନାହିଁ । କେବଳ ସହର ନୁହେଁ ଗାଁ ଗଣ୍ଡାରେ ମଧ୍ୟ ଲୋକମାନେ ଏଣେତେଣେ ଅଳିଆ ଫିଙ୍ଗୁଛନ୍ତି । ଫଳରେ ଗାଁର ସର୍ବସାଧାରଣ ସ୍ଥାନ, ପୋଖରୀ, ଜମିରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇ ରହୁଛି । ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ଦୁର୍ଗନ୍ଧ ହେବା ସହ ମଶା, ମାଛି, ପୋକଜୋକଙ୍କ ପ୍ରାଦୁର୍ଭାବ ବଢୁଛି । ଏହା ସହ ଝାଡ଼ାବାନ୍ତି, ଜ୍ୱର ଆଦି ରୋଗରେ ଲୋକେ ସଂକ୍ରମିତ ହେଉଛନ୍ତି । ଏସ୍ଏଚ୍‌ଜି ଗ୍ରୁପ୍‌ର ମଇଳା ସଂଗ୍ରହ କରିବା କଥା । ସାଇକେଲ ଦେବା ସହ ଟଙ୍କା ଦେବାର ବ୍ୟବସ୍ଥା ରହିଛି, କେହି ଆସୁନାହାନ୍ତି ବୋଲି କହିଛନ୍ତି ବିଡ଼ିଓ ସୁନୀଲ ଖରା, ବିକ୍ରମପୁର ପିଇଓ ଗୌରବ ପ୍ରଧାନ । ବ୍ଲକ ଓ ଜିଲ୍ଲାସ୍ତରରେ ମାଳମାଳ ଅଧିକାରୀ ଥିବା ବେଳେ କାହିଁକି ଏହି ଯୋଜନା କାର୍ଯ୍ୟକାରୀ ହେଉନି ସମୀକ୍ଷା ହେଉ ଦାବି କରିଛନ୍ତି ମାନାବାଧିକାର କର୍ମୀ ସନ୍ତୋଷ ମିଶ୍ର ।

# ଜାତି ପ୍ରମାଣ ପତ୍ର ନଥିବାରୁ ଯବାନଙ୍କ ଝିଅ ପାଠପଢ଼ାରୁ ବଞ୍ଚିତ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାରେ ଜାତି ପ୍ରମାଣପତ୍ର ମିଳୁନଥିବାରୁ ଜଣେ ଯବାନଙ୍କ ଝିଅ ପାଠପଢିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତହସିଲଦାରଙ୍କ କାର୍ଯ୍ୟାଳୟରେ ୨ ଥର ଜାତି ପ୍ରମାଣପତ୍ର ନାକଚ ହେବା ପରେ ଏଭଳି ଅସୁବିଧା ହେଉଛି । ଯାହାର ନିଛକ ଉଦାହରଣ ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଜାମଗାରେ । ଲଖନପୁର ତହସିଲ ଅଫିସରେ ଦୁଇ ଦୁଇ ଥର ଜାତିଗତ ପ୍ରମାଣପତ୍ର ନାକଚ କରିଦେଇଥିବାରୁ ୪ ବର୍ଷର ଝିଅ ପାଠପଢ଼ାରୁ ବଞ୍ଚିତ ରହିଛି । ଲଖନପୁର ବ୍ଲକ ଅନ୍ତର୍ଗତ ଜାମଗାଁର କୃଷ୍ଣ ପ୍ରଧାନ ଛତିଶଗଡ଼ ବିଳାସପୁରରେ ଏସ୍ଏସ୍‌ବି ଚାକିରୀ କରୁଛନ୍ତି । ସେଠାରେ ତାଙ୍କର ୪ ବର୍ଷ ଝିଅ ସୋନକ ପ୍ରଧାନଙ୍କ ପାଠପଢ଼ା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟରେ ଆଡ଼ମିସନ୍ କରିବାକୁ ଯାଇଥିଲେ । ସେଠାରେ ଆଡ଼ମିସନ୍ ପାଇଁ କାଷ୍ଟ ସାର୍ଟିଫିକେଟ୍ ମାଗିଥିଲେ । ହେଲେ ଝିଅର କାଷ୍ଟ ସାର୍ଟିଫିକେଟ୍ ନଥିବାରୁ ଆଡ଼ମିସନ୍ ହୋଇପାରିନଥିଲା । କିନ୍ତୁ ପାଠପଢ଼ା କରିବା ପୂର୍ବରୁ ଅନ୍‌ଲାଇନ୍ ମାଧ୍ୟମରେ ୨୦୨୫ ସେପ୍ଟେମ୍ବର ମାସରେ ଆବେଦନ କରିଥିଲେ । ହେଲେ କୃଷ୍ଣ ପ୍ରଧାନଙ୍କ ଜମି ପଟ୍ଟା ନଥିବାରୁ କାଷ୍ଟ ସାର୍ଟିଫିକେଟ୍ ନାକଚ କରିଦେଇଥିଲେ । ଏହାପରେ ପୁଣି ଏବେ ପାଠପଢ଼ା ପାଇଁ ମାର୍ଚ୍ଚ ୨୪ ତାରିଖରେ ଆବେଦନ କରିଥିବା ବେଳେ ଜମି ପଟ୍ଟା ନଥିବାରୁ କାଷ୍ଟ ସାର୍ଟିଫିକେଟ୍ ଆବେଦନକୁ ନାକଚ୍ କରିଦେଇଥିଲେ । ଏବେ କୃଷ୍ଣ ପ୍ରଧାନଙ୍କ ଝିଅର ପାଠପଢ଼ାକୁ ନେଇ ନିରୁତ୍ସାହିତ ହୋଇପଡ଼ିଛନ୍ତି । ଜମି ନଥିବାରୁ ଝିଅର କ'ଣ ପାଠପଢ଼ା ବନ୍ଦ ରହିବ ବୋଲି ପ୍ରଶ୍ନ କରିଛନ୍ତି । ତାଙ୍କର କାଷ୍ଟ ସାର୍ଟିଫିକେଟ୍ ରହିଥିବା ବେଳେ ସେହି ଆଧାରରେ ଝିଅକୁ ମଧ୍ୟ କାଷ୍ଟ ସାର୍ଟିଫିକେଟ୍ ପ୍ରଦାନ କଲେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ କରିଛନ୍ତି । ଏ ବିଷୟରେ ଜିଲ୍ଲା ପ୍ରଶାସନ ଓ ଲଖନପୁର ତହସିଲଦାର ବିଚାର କରିବାକୁ ନିବେଦନ କରିଛନ୍ତି ।

# ଶ୍ରୀମନ୍ଦିର ଚାରିପଟ ଶୁଆ ଶୂନ୍ୟ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଚାରିପଟ ପାରା, ଶୁଆ ଓ ମାଙ୍କଡ଼ ଡିଆଁ ଦେଖି ଭକ୍ତ ଆନନ୍ଦିତ ହେଉଥିଲେ । ପାରା, ମାଙ୍କଡ଼ ଥିଲାବେଳେ ମନ୍ଦିର ଚାରିପଟେ ଶୁଆ ଉଡ଼ିବା ଦୃଶ୍ୟ ମାନ ହେଉନାହିଁ । କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ ଅନେକ ଗଛ ରହିଥିଲା । ଯାହାର କଅଁଳ ପତ୍ରକୁ ଖାଇ ଶୁଆମାନେ ବଞ୍ଚୁଥିଲେ । ମନ୍ଦିର ଚାରିପଟେ ଉଚ୍ଚ ଅଟ୍ଟାଳିକା ନିର୍ମାଣ ହେବା, ଉଚ୍ଚ ଶକ୍ତି ସମ୍ପନ୍ନ ଭାଇବ୍ରେଟ୍ ମେସିନ୍ ବ୍ୟବହାର, ମନ୍ଦିର ଚାରିପଟେ ଉଚ୍ଚ ଅଟ୍ଟାଳିକା ଭଙ୍ଗା ହେବା ଶବ୍ଦ ଯୋଗୁ ଓ ଶ୍ରୀମନ୍ଦିର ଚାରିପଟେ ଅନେକ ବୃକ୍ଷ ଲୋପ ପାଇବାରୁ ଶୁଆମାନେ ଶ୍ରୀକ୍ଷେତ୍ର ଛାଡି ଦୂରକୁ ଉଡ଼ିଯାଇଥିବା ଦେଖାଯାଇଛି । ନିର୍ମାଲ୍ୟ ଖଳାରେ ଶୁଖିଲା ନିର୍ମାଲ୍ୟ ଶୁଆ ଖୁମ୍ପି ଖାଇବା ଆଉ ନଜର ପଡୁନାହିଁ । ଶ୍ରୀମନ୍ଦିରରେ ରସାୟନିକ ପ୍ରଲେପ ଦିଆଯିବା ଯୋଗୁ ଏହି ବାସ୍ନାରେ ଶୁଆମାନେ ଆଉ ବସୁନଥିବା କୁହାଯାଉଛି । ନୀଳପର୍ବତରେ ନୀଳ ଶୁଆଙ୍କୁ ଦେଖିଲେ ଭକ୍ତ ଆନନ୍ଦିତ ହେଉଥିଲେ । କୋଇଲି ବୈକୁଣ୍ଠରେ ଶହ ଶହ ଶୁଆଙ୍କ ରାବ ଓ କୋଳାହଳ ଆଉ ଶୁଣିବାକୁ ମିଳୁନାହିଁ । ବହୁବର୍ଷ ପୂର୍ବରୁ ଶୁଆମାନେ ପୁରୁଣା ସିମେଣ୍ଟ ପ୍ରଲେପ ବଡ ଦେଉଳ ଉପରେ ରାତ୍ରିଯାପନ କରୁଥିଲେ । ଏବେ ବଡ ଦେଉଳରେ ହାଲୋଜିନ୍ ଲାଇଟ୍ ଯୋଗୁ ଶୁଆ ରହୁନାହାନ୍ତି । ମନ୍ଦିର ଚାରିପଟେ ଓ ବିଭିନ୍ନ ସାହିରେ ପିଜୁଳି ଗଛ ଥିବାବେଳେ ଏବେ ପିଜୁଳି ଗଛ ସଂଖ୍ୟା ହ୍ରାସ ପାଇବାରୁ ଶୁଆ ଆଉ ଖାଦ୍ୟ ପାଇଲେନାହିଁ । ମନ୍ଦିରରେ ଶୁଆ ଦର୍ଶନ କଲେ ବିଭିନ୍ନ କାର୍ଯ୍ୟରେ ଶୁଭ ହୋଇଥାଏ ବୋଲି ଭକ୍ତମାନଙ୍କ ମନରେ ବିଶ୍ୱାସ ରହିଥିଲା । ମନ୍ଦିର ଚାରିପଟେ ଡ୍ରୋନ୍ ଉଡ଼ିବା, ଉଡ଼ାଜାହାଜ, ହେଲିକପ୍ଟର ପ୍ରଚଣ୍ଡ ଶବ୍ଦ ଯୋଗୁ ଶୁଆମାନଙ୍କ ଦେଖା ମିଳୁନି ବୋଲି ବୁଦ୍ଧିଜୀବୀ ମାନେ ଆଲୋଚନା କରୁଛନ୍ତି ।

# ଷ୍ଟ୍ରବେରୀ ଏବଂ ଗେଣ୍ଡୁଫୁଲ ଦେଲା ନୂଆ ଆଶା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଟାଙ୍ଗରା ଭୂଇଁ ବୋଲି ଦିନେ ଜମି ପଡୁଥିଲା ପଡ଼ିଆ । ହେଲେ ଏବେ ସେଇ ଜମି ଚାଷୀଙ୍କୁ ଦେଇଛି ପରିଚୟ ଏବଂ କରିଛି ଲାଭବାନ୍ ସଞ୍ଚାର ହୋଇଛି ନୂଆ ଆଶା । ଉଦ୍ୟାନ ବିଭାଗର ସହାୟତାରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ରୋହେନପଦର ଗାଁରେ ହୋଇଛି ଷ୍ଟ୍ରବେରୀ ଏବଂ ଗେଣ୍ଡୁ ଫୁଲ ଚାଷ । ଅଞ୍ଚଳରେ ପ୍ରଥମ କରି ପରୀକ୍ଷା ମୂଳକ ଭାବରେ ଷ୍ଟ୍ରବେରୀ ଚାଷ ହୋଇଥିବା ବେଳେ ବିକ୍ରି କରି ବେଶ୍ ଲାଭବାନ ହୋଇଛନ୍ତି ଚାଷୀ । ଗେଣ୍ଡୁ ଫୁଲର ଚାହିଦା ଅଧିକ ଥିବାରୁ ଜମିରୁ ବିକ୍ରି ହେଉଛି ଫୁଲ । ଅପରପକ୍ଷେ ଗାଁର ଦାଦନ ଯାଉଥିବା ଶ୍ରମିକଙ୍କୁ ମଧ୍ୟ କାମ ଯୋଗାଇବାରେ ସହାୟତା ହୋଇଛି ଏହି ଚାଷ । ଗାଁର ଉଚ୍ଚ ଶିକ୍ଷିତ ଯୁବକ ଉପେନ୍ଦ୍ର ମାଝୀ ପ୍ରଥମ କରି ଖଡ଼ିଆଳ ଅଞ୍ଚଳରେ ଷ୍ଟ୍ରବେରୀ ଚାଷ ପାଇଁ ମନ ବଳାଇଥିଲେ । ଆଉ ଖଡ଼ିଆଳ ଉଦ୍ୟାନ ବିଭାଗର ସହାୟତା ଏବଂ ପରାମର୍ଶରେ ନିଜର ପଡ଼ିଆ ଯାଉଥିବା ଟାଙ୍ଗରା ଭୂଇଁରେ ୨୦୨୫ ନଭେମ୍ବରରେ ଷ୍ଟ୍ରବେରୀ ଚାଷ ଆରମ୍ଭ କରି ଏବେ ଜମିରେ ପେନ୍ଥା ପେନ୍ଥା ଷ୍ଟ୍ରବେରୀ ଫଳାଇଛନ୍ତି । ପାଖାପାଖି ଲକ୍ଷେ ଟଙ୍କା ଆୟ କରିଥିବା



ବେଳେ ଗାଁର ଦାଦନ ଯାଉଥିବା ଲୋକଙ୍କୁ ନିଜ ଜମିରେ କାମ ଯୋଗାଇପାରିଥିବା ଚାଷୀ କହିଛନ୍ତି । ସେହିପରି ଗାଁର କାନ୍ତି ମାଝୀଙ୍କ ଗେଣ୍ଡୁ ଫୁଲ ଚାଷ ମଧ୍ୟ ଲାଭବାନ୍ କରିଛି । ଏକ ହେକ୍ଟର ଜମିରେ ଗେଣ୍ଡୁ ଫୁଲ ଚାଷ ହୋଇଛି । ପ୍ରଥମ କରି ହୋଇଥିବା ଚାଷ ଭଲ ଫୁଲ ଧରିଛି । ଲୋକେ ସିଧା ସଳଖ ଜମିକୁ ଆସି ଗେଣ୍ଡୁ ଫୁଲ କିଣି ନେଉଛନ୍ତି । ଆଉ ଚାଷୀ ବେଶ୍ ଲାଭବାନ୍ ହେଉଥିବା କହିଛନ୍ତି ଖଡ଼ିଆଳ ଉଦ୍ୟାନ ବିଭାଗ ଦ୍ୱାରା ଏକ ଏକର ପାଇଁ ଜଳସେଚନ ସହାୟତା ସହ ୫୫୦୦ ଷ୍ଟ୍ରବେରୀ ଚାରା ଏବଂ ଦଶ ହଜାର ଗେଣ୍ଡୁ ଚାରା ଯୋଗାଇ ଦିଆଯାଇଥିଲା । ଚଳିତ ବର୍ଷ ପ୍ରଥମ କରି ଖଡ଼ିଆଳ ଅଞ୍ଚଳରେ ଷ୍ଟ୍ରବେରୀ ହୋଇଥିବା ସହ ଚାଷୀଙ୍କୁ ବିଭିନ୍ନ ସହାୟତା ଦିଆଯାଇଛି ବୋଲି ଖଡ଼ିଆଳ ସହକାରୀ ଉଦ୍ୟାନ ଅଧିକାରୀ ମୋହିତ କୁମାର ନାଏକ କହିଛନ୍ତି । ରୋହେନପଦର ଗାଁର ଯୁବ ଶିକ୍ଷିତ ଯୁବକ ଷ୍ଟ୍ରବେରୀ ଚାଷକୁ ପରୀକ୍ଷା ମୂଳକ ଭାବରେ ଆପଣେଇ ସଫଳ ହୋଇଥିବାରୁ ଆଗାମୀ ଦିନରେ ଏହି ଚାଷ ହିଁ ସ୍ୱାବଲମ୍ବୀ କରିବ ଓ ନିଶ୍ଚିତ ମୁଁ ବଞ୍ଚିବା ସହ ଅଞ୍ଚଳର ଅନେକ ଶ୍ରମିକ ଲାଭବାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ।

# କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ଓ ସମ୍ପାଦକଙ୍କ ଶପଥ ଗ୍ରହଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଶେଷ ହେବାପରେ ଶୁକ୍ରବାର ଶପଥପାଠ ଉତ୍ସବ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସଭାପତି ଲଲାଟେନ୍ଦୁ ସମାନ୍ତରାୟ, ରାଜ୍ୟ ବାର୍ କାଉନ୍‌ସିଲ୍ ସଦସ୍ୟ ଦିନେଶ ଚନ୍ଦ୍ର ରାୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ନବ ନିର୍ବାଚିତ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଶପଥ ପାଠ ଉତ୍ସବରେ ସଭାପତି ଭାବେ ରବିନାରାୟଣ ମହାନ୍ତି, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର ଓ ଉପସଭାପତି ଭାବେ ନୃସିଂହ ଚରଣ ରାଉତ, ଯୁଗ୍ମ ସମ୍ପାଦକ ଭାବେ ମନୋରଞ୍ଜନ ବେହେରା, ହରିପ୍ରସାଦ କର, ଅତିରିକ୍ତ ଯୁଗ୍ମ ସମ୍ପାଦକ ମମତାମୟୀ ସାମଲ, କୋଷାଧକ୍ଷ ଭାବେ ରାଜୀବ କୁମାର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀନ ଚକ୍ରବର୍ତ୍ତୀ, ସଦସ୍ୟା ମିନାକ୍ଷୀ ସାମନ୍ତରାୟ, ସଦସ୍ୟା ସଂଘମିତ୍ରା ମଳିକ ଶପଥ ନେଇଥିଲେ । ପୂର୍ବତନ ସଭାପତି ଗୋବର୍ଦ୍ଧନ ରାଉତ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ରବି ନାରାୟଣ ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ସଭାପତି ଶ୍ରୀ ମହାନ୍ତି ଜିଲ୍ଲା ଓକିଲ ସଂଘର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ । ସମସ୍ତ ନୂତନ କର୍ମକର୍ତ୍ତା ଓ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନ୍‌ଜୀବୀ ଭୀମସେନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଏହି ଶପଥ ପାଠ ଉତ୍ସବରେ ବରିଷ୍ଠ ଆଇନ୍‌ଜୀବୀ ଅକ୍ଷୟ ମହାନ୍ତି, ସରୋଜ ରାଜସିଂଙ୍କ ଭାବଗ୍ରାହୀ ପତି, ନିରଞ୍ଜନ ବଳ, ଶାନ୍ତିସ୍ୱରୂପ ଭୂୟାଁ, ଗଗନ ଜେନାଙ୍କ ସମେତ ଜିଲ୍ଲା ଓକିଲ ସଂଘର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ପରେ ଜିଲ୍ଲା ମୋହରିଆର୍ ସଂଘ ପକ୍ଷରୁ ନିର୍ବାଚିତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ସମ୍ମାନୀତ କରାଯାଇଥିଲା ।



# ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ନିରାଶ୍ରୟ ନବ ଶାମାଡ଼



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ନବ ଶାମାଡ଼ ବୟସ (୩୬) ବ୍ୟାସନଗର ପୌରପରିଷଦ ସ୍ଥିତ ଏକ ଆଦିବାସୀ ବସ୍ତିରେ ଏକୁଟିଆ ରହିଆସୁଛନ୍ତି । ପରିବାର ଲୋକ ତାର କେହି ସାଙ୍ଗରେ ନାହାଁନ୍ତି । ନବ ବୃତ୍ତିରେ ଜଣେ ଦିନ ମଜୁରିଆ କିନ୍ତୁ କିଛି ବର୍ଷ ହେବ ଗାଁ ଠାରୁ ସହର ପର୍ଯ୍ୟନ୍ତ ବୁଲି ବୁଲି ପ୍ଲାଷ୍ଟିକ୍ ଜରି, ପୁରୁଣା ବୋତଲ, ଲୁହା ଡବା ଟିଣ ଅଳିଆ ଗଦାରୁ ଗୋଟେଇ ଆଣି କବାଡିଆ ଦୋକାନରେ ବିକି ସେଥିରୁ ଯାହା ଆଣେ ଚଳୁଥିଲା । ଯେବେ କିଛି ନମିଳେ ଉପାସରେ ଶୋଇବାକୁ ପଡେ । ସେତିକିରେ ନବର ଦୁଃଖ ସରିଲାନାହିଁ । ନବ ଗୋଡ଼ରେ ଏକ ଅଜଣା ରୋଗ ହୋଇ ଗୋଡ଼ଟି ପ୍ରଥମେ ଫୁଲିଯାଇ ଫାଟିବାକୁ ଲାଗିଲା ଏବେ ଫାଟିଯାଇ ପାଚି ପୂଜ ହୋଇ ଦୁର୍ଗନ୍ଧ ହେଉଛି । ଗୋଡ଼ରେ ପୋକ ହୋଇଯାଇଛି । ସେଥିପାଇଁ ସାଇ ପଡ଼ିଶା ଲୋକ ଘୃଣାରେ ତା ଘର ପାଖରେ କେହି ରହିପାରୁନାହାନ୍ତି । ଅର୍ଥ ଆଭାବ ହେତୁ ନବର ଚିକିତ୍ସା ହୋଇପାରୁନାହିଁ । ନବ ଶାମାଡ଼ର ଏହି ଅବସ୍ଥା ଦେଖି ବସ୍ତିର କିଛି ଯୁବକ ଚନ୍ଦନ ସିଂ ଓ ବଣ୍ଟି ମୁଣ୍ଡିଆ ପ୍ରଥମେ ସମାଜସେବୀ ତଥା ୟୁଥ୍ ମାସ କ୍ଲବର ସମ୍ପାଦକ ରାଜେଶ କୁମାର ରାଉତଙ୍କୁ ଫୋନ୍ ଯୋଗେ ଜଣାଇଥିଲେ । ରାଜେଶ ଓ ତାଙ୍କ ସାଥି ପ୍ରକାଶ ଜେନା ଘଟଣାସ୍ଥଳରେ ପହଞ୍ଚି ନବ ଶାମାଡ଼ ଠାରୁ ସବୁ ଶୁଣିବା ପରେ ଡକ୍ଟରଙ୍କ ସହ ଯୋଗାଯୋଗ କରିଥିଲେ । କିନ୍ତୁ ଡାକ୍ତର ଏହି ରୋଗ ବୋହୁତ ବଢ଼ି ଯାଇଛି । ଏଇ ମେଡିକାଲ୍‌ରେ କିଛି ଚିକିତ୍ସା କରିହେବନାହିଁ ତୁରନ୍ତ ତାକୁ କଟକ ମେଡ଼ିକାଲ୍‌କୁ ନେଇ ଚିକିତ୍ସା ଯୋଗାଇ ଦେବା ପାଇଁ ଡକ୍ଟର କହିଥିଲେ । ଯଦି ବିଳମ୍ବ କରିବେ ଲୋକଟିର ଗୋଡ଼ କାଟିବାକୁ ପଡ଼ିବ ବୋଲି କହିଥିଲେ । ସମାଜସେବୀ ରାଜେଶ ରାଉତ ଅସହାୟ ଗରିବ ନବ ଶାମାଡ଼କୁ ସମସ୍ତ ସରକାରୀ ଆର୍ଥିକ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଦାବି କରିଛନ୍ତି ।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ

# ରନ୍ଧନ ଗ୍ୟାସ୍ ସଙ୍କଟ:ଗୋବର ଘଷି ସାଜିଛି ବିକଳ୍ପ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମଧ୍ୟ ପ୍ରାଚ୍ୟ ଯୁଦ୍ଧର ପ୍ରଭାବ ବର୍ତମାନ ସାଧାରଣ ଲୋକଙ୍କ ରୋଷେଇ ଶାଳରେ ପଡ଼ିଛି । ରନ୍ଧନ ଗ୍ୟାସ୍‌ର ସ୍ୱଳ୍ପ ଯୋଗାଣ ସହରର ସାଧାରଣ ଖାଉଟି ଠାରୁ ଆରମ୍ଭ କରି ବିଭିନ୍ନ ହୋଟେଲ୍, ରେଷ୍ଟୋରାଁ, ଫାଷ୍ଟଫୁଡ ଦୋକାନ ଉପରେ ଯଥେଷ୍ଟ ପ୍ରଭାବ ପଡ଼ିଛି । ଏଭଳି ପରିସ୍ଥିତିରେ ଗୋବର ଘସି ସାଧାରଣ ପରିବାରରେ ଇନ୍ଧନର ଏକ ବିକଳ୍ପ ଭାବେ ଉଭା ହୋଇଛି । ବହୁ ସାଧାରଣ ଓ ଗରିବ ପରିବାର ବିକଳ୍ପ ଜାଳେଣି ଭାବେ ଘସିକୁ ବ୍ୟବହାର କରିବା ଆରମ୍ଭ କରିଛନ୍ତି । ବ୍ରହ୍ମପୁର ଖାଲାସୀ ସାହିର ୩ ପରିବାର ଗୋବର ଘସି ପ୍ରସ୍ତୁତି କାର୍ଯ୍ୟରେ ନିଜକୁ ନିୟୋଜିତ କରି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି । ଗୋବର ଘସିକୁ ସାଧାରଣତଃ ବିବାହ, ବ୍ରତ ସହିତ



ବିଭିନ୍ନ ପର୍ବପର୍ବାଣୀ ଏବଂ ଶ୍ମଶାନରେ ଆବଶ୍ୟକ ପଡୁଥିଲା । ଯାହାକୁ କିଣିବା ପାଇଁ ସହରର କୋଣ ଅନୁକୋଣରୁ ଲୋକେ ଖୋଜି ଖୋଜି ଆସି ଖଲାସୀ ସାହିର ପି. ଅରୁଣାଙ୍କ ଘର ନିକଟରେ ପହଞ୍ଚୁଥିଲେ । ଗୋବର ଘସିକୁ ଲୋକେ କର୍ମକାଣ୍ଡରେ ବ୍ୟବହାର କରୁଥିଲେ । ଏବେ କିନ୍ତୁ ଗୋବର ଘସି ରନ୍ଧନ ଗ୍ୟାସ୍ ସଙ୍କଟରେ ବିକଳ୍ପ ସାଜିବ ବୋଲି ଘସି ବ୍ୟବସାୟୀ ତଥା ମହିଳା ଉଦ୍ୟୋଗୀ ପି. ଅରୁଣା କହିଛନ୍ତି । ଖଲାସୀ ସାହିର ପି. ଗୋବିନ୍ଦଙ୍କ ପରିବାର ପୂର୍ବ ପୁରୁଷ ଛାଡ଼ି ଯାଇଥିବା ଗୋବର ଘସି ପ୍ରସ୍ତୁତି ଏବଂ ବିକ୍ରି ପରମ୍ପରାକୁ ଆଜି ଯାଏଁ ବଞ୍ଚାଇ ରଖିଛନ୍ତି । ଏହି ପ୍ରାକୃତିକ ଇନ୍ଧନ ଯୋଗୁଁ ବର୍ତ୍ତମାନର ଇନ୍ଧନ ଗ୍ୟାସ୍‌ର ପ୍ରଭାବ ତାଙ୍କ ଉପରେ ପ୍ରଭାବ ପକାଇନାହିଁ ବୋଲି ପି. ଗୋବିନ୍ଦଙ୍କ ପତ୍ନୀ ଶ୍ରୀମତି ଅରୁଣା କହିଛନ୍ତି । ସେ ନିଜେ ଗୋବର ଘସିକୁ ଜାଳେଣି ଭାବେ ବ୍ୟବହାର କରିବା ସହିତ ଅନ୍ୟକୁ ବିକ୍ରି ମଧ୍ୟ କରୁଛନ୍ତି । ଗୋଟିଏ ଗୋବର ଘସିର ମୂଲ୍ୟ ମାତ୍ର ୫ ଟଙ୍କାରେ ବିକ୍ରି କରୁଛନ୍ତି । ଦିନଥିଲା ଗୋବିନ୍ଦଙ୍କ ୩୦ ରୁ ୪୦ ମଇଁଷି ତାଙ୍କ ବାରଣ୍ଡାରେ ବନ୍ଧା ହେଉଥିଲା । କିନ୍ତୁ ଏବେ ସେହି ଦିନ ଆଉ ନାହିଁ । ବର୍ତମାନ ୫ଟି ଗାଈ ରଖି ଗାଈର ଗୋବରରୁ ଘସି ପ୍ରସ୍ତୁତ କରି ବିକ୍ରି କରୁଛନ୍ତି । ଯୁଦ୍ଧର ବିଭୀଷିକା ଯୋଗୁଁ ରନ୍ଧନ ଗ୍ୟାସ୍ ସଙ୍କଟ ପରିସରରେ ଘସି ଏକ ବିକଳ୍ପ ଜାଳେଣି ଭାବେ ଗ୍ରହଣ କରାଯାଇପାରିବ ବୋଲି ପି. ଗୋବିନ୍ଦ କହିଛନ୍ତି । ସ୍ୱଳ୍ପ ଅର୍ଥରେ ଏକ ପରିବାର ଗୋବର ଘସିକୁ ଜାଳେଣି ଭାବେ ବ୍ୟବହାର କରି ନିଜ ପରିବାରକୁ ଖାଦ୍ୟ ଯୋଗାଇପାରିବ । ଏହା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖାଦିଏ ନାହିଁ ବୋଲି ଗୋବିନ୍ଦଙ୍କ ପରିବାର କହିଛନ୍ତି ।

# ଆଇସିସି ପ୍ଲେୟର ଅଫ୍ ଦି ଇୟର : ସଂକ୍ଷିପ୍ତ ତାଲିକାରେ ସଞ୍ଜୁ ସାମ୍‌ସନ ଓ ଯଶପ୍ରୀତ୍ ବୁମ୍‌ରା

**ଦୁବାଇ**



ମାର୍ଚ୍ଚ ମାସର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଁ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ ଭାରତ ଓପନର ସଞ୍ଜୁ ସାମ୍‌ସନ ଏବଂ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ନାମ ସ୍ଥାନ ପାଇଛି। ଟି୨୦ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ପାଇଁ ଏହି ଦୁଇ ଖେଳାଳିଙ୍କ ନାମ ସ୍ଥାନ ପାଇଛି। ଏହି ତାଲିକାରେ ତୃତୀୟ ଖେଳାଳି ଭାବେ ସ୍ଥାନ ପାଇଛନ୍ତି ଦକ୍ଷିଣ ଆଫ୍ରିକା ବ୍ୟାଟର କନ୍ନର ଇଷ୍ଟରହୁଇଜେନ। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ କନ୍ନର ଏହି ପୁରସ୍କାର ଦୌଡ଼ରେ ସ୍ଥାନ ପାଇଛନ୍ତି। ସିରିଜ୍‌ରେ ତାଙ୍କ ଦେଶର ଅନ୍ୟ ଖେଳାଳିମାନଙ୍କ ତୁଳନାରେ ତାଙ୍କ ପ୍ରଦର୍ଶନ ସବୁଠାରୁ ଭଲ ରହିଥିଲା।

ସାମସନ ଟି୨୦ ବିଶ୍ୱକପ୍ ଶେଷ ଭାଗରେ ଜବରଦସ୍ତ ଫର୍ମରେ ଥିଲେ। ସେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇପାରିଥିଲେ। ଫଳତଃ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ବୁମ୍‌ରାଙ୍କ ସହ ସେ ଆଇସିସି ପୁରସ୍କାର ଦୌଡ଼ରେ ସାମିଲ ହୋଇ ପାରିଛନ୍ତି।

## ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ

# କିଟ୍ ପୁରୁଷ ଓ ମହିଳା ଦଳକୁ କେଆଇୟୁଜି ଟିକେଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ରାହୁଲ ବୋସ୍ ରଗ୍‌ବୀ ଷ୍ଟାଡିୟମ୍‌ଠାରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ ୭ଏସ୍ ଓ ୧୫ଏସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ରଗ୍‌ବି ୭ଏସ୍‌ରେ କିଟ୍‌ର ଉଭୟ ପୁରୁଷ ଓ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରି ଯଥାକ୍ରମେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଉଭୟ ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷରେ ମୋହାଲିର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ବିଜେତା ହୋଇଥିଲା ବେଳେ ମହାରାଷ୍ଟ୍ରର ୟୁନିଭରସିଟି ଅଫ୍ ମୁମ୍ବାଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ମହିଳାରେ କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ଉପବିଜେତା ଏବଂ ମୋହାଲିର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ତୃତୀୟରେ ରହିଥିଲା। ରଗ୍‌ବୀ ୧୫ଏସ୍ ପୁରୁଷ ଓ ମହିଳାରେ ୟୁନିଭରସିଟି କାଲିକଟ୍ ପ୍ରଥମ, ଶିବାଜୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ୟୁନିଭରସିଟି ଅଫ୍ ମୁମ୍ବାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ପର୍ଯ୍ୟବେକ୍ଷକ ତଥା ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଭି କୌଲ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିସ୍‌ର କ୍ରୀଡ଼ା ଯୁଗ୍ମନିର୍ଦ୍ଦେଶକ ରୁଦ୍ରକେଶ ଜେନା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ରନ-ଆଉଟ ନିଷ୍ପତ୍ତିକୁ ନେଇ ବିବାଦ ଅମ୍ପାୟରଙ୍କୁ ଛୁରି ଭୁସି ହତ୍ୟା

**ଅମରାବତି**

ଆନ୍ଧ୍ର ପ୍ରଦେଶରୁ ଜଣେ କ୍ରିକେଟ ଅମ୍ପାୟାରଙ୍କ ହତ୍ୟା ସହିତ ଜଡ଼ିତ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାଟି ବିଶାଖା ପାଟଣାରେ ଘଟିଛି। ଏକ ସ୍ଥାନୀୟ ସ୍ତରୀୟ କ୍ରିକେଟ ମ୍ୟାଚ୍ ଖେଳାଯାଉ ଥିଲା। ମ୍ୟାଚ୍ ସମୟରେ ଏକ ରନ-ଆଉଟ ନିଷ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଯାହାର ପରିଣାମ ସ୍ୱରୂପ ଜଣେ ୨୧ ବର୍ଷୀୟ ଅମ୍ପାୟାରଙ୍କ ଉପରେ ଛୁରି ମାଡ଼ ହୋଇଥିଲା। ରବିବାର ଖେଳାଯାଇଥିବା ଏକ କ୍ରିକେଟ ମ୍ୟାଚ୍ ସମୟରେ ଏହି ଘଟଣା ଘଟିଥିଲା। ୨୧ ବର୍ଷୀୟ ଡୋଲା ଅଜିତ୍ ବାବୁ ତାଙ୍କ ବନ୍ଧୁ ବୁଦୁମୁରି ଚିରଞ୍ଜିବୀଙ୍କ ସହିତ ଅମ୍ପାୟାର ଭାବରେ କାର୍ଯ୍ୟ କରୁଥିଲେ। ପରେ ଏକ ରନ-ଆଉଟ କଲ ପାଇଁ ଖେଳାଳିମାନଙ୍କ ମଧ୍ୟରେ ଏକ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ମାମଲାର ତଦନ୍ତ କରୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ମଲ୍ଲେଶ୍ୱର ରାଓ କହିଛନ୍ତି ଯେ, ଅଜିତ ବାବୁ ଏବଂ ଚିରଞ୍ଜିବୀ ପରିସ୍ଥିତିକୁ ମଧ୍ୟସ୍ଥତା କରିବା ପାଇଁ ହସ୍ତକ୍ଷେପ କରିଥିଲେ ଏବଂ ସଫଳତାର ସହିତ ଜିନିଷଗୁଡ଼ିକୁ ଶାନ୍ତ କରିଥିଲେ। ତଥାପି କାନ୍ତା କିଶୋର ନାମକ ଜଣେ ଦର୍ଶକ କ୍ରୋଧର ବଶବର୍ତ୍ତୀ ହୋଇ ଅମ୍ପାୟାର ଏବଂ ଖେଳାଳି ଉଭୟଙ୍କୁ ମୌଖିକ ଭାବରେ ଗାଳି ଦେଇଥିଲେ। ପୋଲିସ ରିପୋର୍ଟ କରିଛି ଯେ, ମ୍ୟାଚ୍ ଶେଷ ହେବା ପରେ ୨୬ ବର୍ଷୀୟ କାନ୍ତା କିଶୋର ମାମଲାର ସମାଧାନ ପାଇଁ ଅମ୍ପାୟାରମାନଙ୍କୁ ଏକ ଭିନ୍ନ ସ୍ଥାନକୁ ଡକାଇଥିଲେ। ଏହି ଅନୁରୋଧ ଉପରେ କାର୍ଯ୍ୟ କରି ଅଜିତ ବାବୁ ଏବଂ ଚିରଞ୍ଜିବୀ କିଛି ବନ୍ଧୁଙ୍କ ସହିତ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇଥିଲେ। କିନ୍ତୁ ସେମାନଙ୍କ ପହଞ୍ଚିବା ପରେ ଏକ ନୂତନ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ସେହି ସମୟରେ କାନ୍ତା କିଶୋର ଏକ ଛୁରି ବାହାର କରି ଉଭୟ ଅମ୍ପାୟାରଙ୍କୁ ଆକ୍ରମଣ କରିଥିଲେ। ଅଜିତ ବାବୁଙ୍କ ଛାତିରେ ଏକ ଛୁରି ଆଘାତ ଲାଗିଥିଲା ଏବଂ ସେ ଘଟଣାସ୍ଥଳରେ ହିଁ ପଡ଼ିଯାଇଥିଲେ। ଏହି ସମୟରେ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିବା ସମୟରେ ଚିରଞ୍ଜିବୀଙ୍କ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ବିବାଦକୁ ଦୂର କରିବାକୁ ଚେଷ୍ଟା କରିଥିବା ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ଆହତ ହୋଇଥିଲେ। ଆହତମାନଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଜିତ ବାବୁଙ୍କୁ ଆପୋଲୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲ। ସେଠାରେ ଡାକ୍ତରମାନେ ପରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆସନ୍ତା ୧୨ରୁ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍

**ନୂଆଦିଲ୍ଲୀ**



ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଏ)ର ତତ୍ତ୍ୱାବଧାନରେ ଆରତୀ ୬୪ ସ୍କ୍ୱାୟର ଫାଉଣ୍ଡେସନ୍ ପକ୍ଷରୁ ରୟାଲ ପବ୍ଲିକ ସ୍କୁଲ କେଶୁରା ଠାରେ ଆସନ୍ତା ୧୨ ତାରିଖରେ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଆୟୋଜିତ ହେବ। ଏଥିରେ ମୋଟ ୭ ରାଉଣ୍ଡ୍ ଖେଳ ଅନୁଷ୍ଠିତ ହେବ। ୭, ୯, ୧୧, ୧୩, ୧୫ବର୍ଷରୁ କମ୍ ବର୍ଗ ସମେତ ବାଳିକା, ମହିଳା ଓ ଭେଟେରାନ ବର୍ଗରେ ପ୍ରତିଯୋଗିତା ହେବ। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିଅନ୍‌ଙ୍କୁ ୧୦,୦୦୦ଟଙ୍କା, ରନର୍ସଅପ୍‌ଙ୍କୁ ୭,୦୦୦ଟଙ୍କା ଏବଂ ତୃତୀୟ ସ୍ଥାନ ପାଇଁ ୫,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଇଚ୍ଛୁକ ଥିବା ଖେଳାଳିମାନେ ୬୦୦ଟଙ୍କା ପ୍ରବେଶିକା ଫି’ ଦେଇ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ପାରିବେ। ଅଧିକ ସୂଚନା ପାଇଁ ସେମାନେ ଆସନ୍ତା ୯ ତାରିଖ ସୁଦ୍ଧା ଦେବାଶିଷ ପାଣିଗ୍ରାହୀଙ୍କୁ (୯୯୩୮୩୧୮୭୮୭) ଯୋଗାଯୋଗ କରିପାରିବେ।

# ଆଭେଶ ଖାନଙ୍କ ବିରୋଧରେ ବିସିସିଆଇରେ ଫେରାଦ ହେବ ଏସଆରଏଚ

**ନୂଆଦିଲ୍ଲୀ**

ରବିବାର ଆଇପିଏଲର ୧୧ତମ ମ୍ୟାଚରେ ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ମଧ୍ୟରେ ଖେଳାଯାଇ ଥିଲା। ଯେଉଁ ମ୍ୟାଚରେ ଲକ୍ଷ୍ନୌ ୫ ୱିକେଟରେ ଜିତିଥିଲା। ଅଧିନାୟକ ପନ୍ତ ଶେଷ ପର୍ଯ୍ୟନ୍ତ ଜଗି ରଖି ଖେଳିବା ସହ ଏକ ଚୌକା ମାରି ଦଳକୁ ବିଜୟୀ କରାଇଥିଲେ। ଦଳ ଜିତିବା ପରେ କିନ୍ତୁ ବିବାଦରେ ଫସିଛି। ଦଳର ବୋଲର ଆଭେଶ ଖାନଙ୍କ ପାଇଁ ଏବେ ଏକ ନୂଆ ବିବାଦ ସୃଷ୍ଟି ହୋଇଛି। ଯାହାକି ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଥିବା ବେଳେ କ୍ରୀଡ଼ା ଜଗତରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ତିମ ଓଭରର ପଞ୍ଚମ ବଲରେ ଉନାଦ୍‌କଟଙ୍କ ବଲରେ ଏକ ଚୌକା ମାରିଥିଲେ ପନ୍ତ। ମାତ୍ର ବଲ ବାଉଣ୍ଡ୍ରୀ ଛୁଇଁବା ପୂର୍ବରୁ ଏହି ବଲକୁ ବ୍ୟାଟ୍‌ରେ ପୁଣି ବାଡ଼େଇ ଦେଇଥିଲେ ଆଭେଶ। ଯଦିଓ କୌଣସି ଫିଲ୍ଡର ସେଠାରେ ନଥିଲେ ତଥାପି ଆଭେଶଙ୍କ ଏଭଳି ଏକ ଆଚରଣକୁ ଏବେ ସବୁଠି ନିନ୍ଦା କରାଯାଉଛି। ଅନେକ ୟୁଜର୍ସ କହିଛନ୍ତି କି, ବଲ ଯଦି ସୀମାରେଖା ପାଖରେ ପହଞ୍ଚି ନଥାନ୍ତା।

ସେପଟେ ଏହି ଘଟଣାରେ ସନରାଇଜର୍ସ ହାଇଦ୍ରାବାଦ ବିରକ୍ତିଭାବ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ଏନେଇ ଦଳ ବିସିସିଆଇ ନିକଟରେ ମଧ୍ୟ ଅଭିଯୋଗ କରିପାରେ ବୋଲି ଶୁଣାଯାଉଛି। ଏହାସହ ଚଳିତ ଆଇପିଏଲରେ ଅମ୍ପାୟାରଙ୍କ ଉପରେ କ୍ଷୋଭ ପ୍ରକାଶ କରିଛି



ହାଇଦ୍ରାବାଦ ପୂର୍ବରୁ କ୍ଲାସେନଙ୍କ କ୍ୟାଚ୍ ଏବଂ କୋଲକାତା ବିପକ୍ଷରେ ଅଭିଶେକଙ୍କ ଆଉଟ୍ ଅମ୍ପାୟାରଙ୍କ ଉପରକୁ ଦୋଷ ଦେଇଛି ଏହି ଫ୍ରାଞ୍ଚାଇଜ୍। ପୁଣି ଏବେ ଆଭେଶ ଖାନଙ୍କ ଆଚରଣ ଉପରେ ଅମ୍ପାୟାର କୌଣସି ପ୍ରତିକ୍ରିୟା ରଖି ନ ଥିବା ବେଳେ ହାଇଦ୍ରବାଦ ବିରକ୍ତିଭାବ ପ୍ରକାଶ କରିଛି।

# ଆଇପିଏଲ୍‌ରେ ଟିକେଟ କେଳେଙ୍କାରୀ : ୧.୪୬ ଲକ୍ଷ ଟଙ୍କା ହରାଇଲେ ଯନ୍ତ୍ରୀ

**ବେଙ୍ଗାଲୁରୁ**

ଆଇପିଏଲ୍‌ର କ୍ରେଜ୍ ଦିନକୁ ଦିନ ବଢ଼ିବଢ଼ି ଚାଲିଛି। ସମାନ୍ତରାଳ ଭାବେ ନିଜ ପସନ୍ଦର ଦଳର ମ୍ୟାଚ୍ ଦେଖିବା ଲାଗି ପ୍ରଶଂସକଙ୍କ ବ୍ୟାକୁଳତା ବି ବଢୁଛି। କିଛି ଦୃଢ଼ ପ୍ରଶଂସକ ଟିକେଟ ମ୍ୟାଚ୍ ଟିକେଟ ପାଇବା ଲାଗି କିଛି ବି କରିବାକୁ ପ୍ରସ୍ତୁତ ଅଛନ୍ତି। ଏଥିଲାଗି ସେମାନେ ଅନେକ ସମୟରେ ଠକାମିର ଶିକାର ବି ହେଉଛନ୍ତି। ଏହି ଯୋଜନାବଦ୍ଧ ଠକେଇରୁ ଉଚ୍ଚଶିକ୍ଷିତ ମାନେ ମଧ୍ୟ ବର୍ତ୍ତୁ ନାହାନ୍ତି। ଠିକ୍ ଏହିଭଳି ଭାବେ ବଡ଼ ଧରଣର ଠକାମିର ଶିକାର ହୋଇ ପାଖାପାଖି ୧.୪୬ ଲକ୍ଷ ଟଙ୍କା ହରାଇଛନ୍ତି ବେଙ୍ଗାଲୁରୁର ଜଣେ ସଫ୍ଟୱେୟାର ଇଞ୍ଜିନିୟର। ସୂଚନା ଅନୁସାରେ ବି ନାରାୟଣପୁରା ନାମକ ଏହି ୨୫ବର୍ଷୀୟ ଯୁବ ଇଞ୍ଜିନିୟର ରବିବାରର ବେଙ୍ଗାଲୁରୁ ରୟାଲ୍ ଚାଲେଞ୍ଜର୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ମ୍ୟାଚ୍ ଦେଖିବାକୁ ପ୍ରବଳ ଆଗ୍ରହୀ ଥିଲେ। ହେଲେ ଟିକେଟ ପାଇ ନଥିଲେ। ଇତିମଧ୍ୟରେ ଇନ୍‌ଷ୍ଟାଗ୍ରାମରେ ସେ ଏହି ମ୍ୟାଚ୍‌ର ଟିକେଟ ବିକ୍ରି ପାଇଁ ଏକ ବିଜ୍ଞାପନ ଦେଖିବାକୁ ପାଇଥିଲେ।

ସାଇବର ଠକ ଜଣକ ନିଜ ନାମ ସୁମିତ ବିଶ୍ୱାଳ ବୋଲି ଦର୍ଶାଇ ଏହି ବିଜ୍ଞାପନଟିକୁ ପୋଷ୍ଟ କରିଥିଲା। ନାରାୟଣପୁରା ସେହି ଠକର ଜାଲରେ ଫଶି ଦୁଇଟି ଟିକେଟ କିଣିବା ଲାଗି ପ୍ରଥମେ ସୁମିତ ଦେଇଥିବା ଆକାଉଣ୍ଟ୍‌କୁ ୩୭୦୦ ଟଙ୍କା ପଠାଇଥିଲେ। ଷ୍ଟାଡିୟମ୍ ନିକଟରେ ଜଣେ ପ୍ରତିନିଧି ଏହି ଟିକେଟଗୁଡ଼ିକୁ ତାଙ୍କୁ ହସ୍ତାନ୍ତର କରିବେ ବୋଲି ସୁମିତ ପ୍ରତିଶ୍ରୁତି ଦେଇଥିଲା। ପରେ କିନ୍ତୁ ଖାଦ୍ୟ କୁପନ ଏବଂ ଅନ୍ୟାନ୍ୟ ଅତିରିକ୍ତ ଖର୍ଚ୍ଚ ଦାବି କରି ନାରାୟଣପୁରାଙ୍କ ଠାରୁ ଟଙ୍କା ନେଇ ଚାଲିଥିଲା।

# କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଇନ୍‌ଡୋର ଆସୋସିଏସନ୍ ତରଫରୁ ଚୌଦ୍ୱାର ପୌରପାଳିକା ୧୧ ନମ୍ବର ୱାର୍ଡ଼ ସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆ ଠାରେ ବ୍ଲକସ୍ତରୀୟ କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ଦୁଇଟି ବିଭାଗରେ ୩୨ଜଣ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ଦୀପକ କୁମାର ପରିଡ଼ା ଚମ୍ପିୟନ୍ ଓ ପିୟୁଷ କୁମାର ନାୟକ ରନର୍ସଅପ୍ ହୋଇଥିଲେ। ସେହିପରି ୨୦ ବର୍ଷରୁ କମ୍ ବିଭାଗରେ ସାହିଲ କୁମାର ବେହେରା ଓ ଜ୍ୟୋତି ରଞ୍ଜନ ବାରିକ ଯଥାକ୍ରମେ ଚମ୍ପିୟନ୍ ଓ ରନର୍ସଅପ୍ ଆଖ୍ୟା ଅର୍ଜନ କରିଥିଲେ। କ୍ରିଡ଼ାବିତ୍ ଅଶ୍ୱିନୀ କୁମାର ଜେନା, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ରାଉତରାୟ, ଟୁକୁ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ଚିତ୍ତରଞ୍ଜନ ଜେନା, ମନୋଜ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଇଫୁନା ଓ ଉଫୁନା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

# ଜୀବନ ଶୈଳୀରେ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହୁଏ ସ୍ୱାସ୍ଥ୍ୟଗତ ସମସ୍ୟା

**ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ**




ସ୍ଥାନୀୟ ହୋଟେଲ୍ ଦେବକନ୍ୟା କନଫରେନ୍ସ ହଲ୍‌ରେ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାକୁ ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡେରେସନ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍‌ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ଇଫୁନାର ଜାତୀୟ ଉପସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଯୋଗଦେଇ ବରିଷ୍ଠ ପ୍ରଫେସର୍ ଡା. ତୁଷାରକାନ୍ତି ନାୟକ ସ୍ୱୀୟ ବକ୍ତବ୍ୟରେ ଜୀବନ ଶୈଳୀର ପରିବର୍ତ୍ତନ ଦ୍ୱାରା ଅନେକ ବ୍ୟକ୍ତି ଡାଇବେଟିସ୍, ଉଚ୍ଚ ରକ୍ତଚାପ, ମେଦବହୁଳତା ଆଦି ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେବା ସହିତ ତତ୍‌ସଂଲଗ୍ନ ସ୍ନାୟୁ ରୋଗ, କିଡ୍‌ନୀ ରୋଗ ଓ ହୃଦ୍ ରୋଗ ଆଦି ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ନିରାକରଣ ନିମନ୍ତେ ସୁଷମ ଖାଦ୍ୟ ଖାଇବା, ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ନଖାଇବା, ଶରୀର ପାଇଁ ଉପଯୁକ୍ତ ଖାଇବା ତେଲର ବ୍ୟବହାର, ସମୁଦ୍ର ଲୁଣ ପରିବର୍ତ୍ତେ ସୈନ୍ଧବ ଲବଣର ବ୍ୟବହାର, ଭିଟାମିନ ଡ଼ି ଓ କ୍ୟାଲସିୟମଯୁକ୍ତ ଆହାର ବ୍ୟବହାର ସହିତ, ଧାର୍ମିକ ଭାବନା ସହିତ ଜଡ଼ିତ ଅନ୍ଧ ବିଶ୍ୱାସରୁ ଦୂରେଇ ରହି ବିଜ୍ଞାନ ସମ୍ମତ ଚିନ୍ତାଧାରା ଆପଣେଇବା ପାଇଁ ସୁପରାମର୍ଶ ଦେଇଥିଲେ। ସମସ୍ତ ବକ୍ତା ୨୦୨୬ ମସିହା ସମସ୍ତଙ୍କର ସ୍ୱାସ୍ଥ୍ୟର ସର୍ବାଙ୍ଗୀନ ବିକାଶର ବର୍ଷ ହେଉ ଓ ସ୍ୱାସ୍ଥ୍ୟ ସଚେତନତା ହିଁ ସୁରକ୍ଷା ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବରେ କଟକରୁ ଯୋଗଦାନ କରି ଉଫୁନାର ମହାସଚିବ ଦୀପାୟନ ପଟ୍ଟନାୟକ ସ୍ୱୀୟ ବକ୍ତବ୍ୟରେ ମୋ ସ୍ୱାସ୍ଥ୍ୟ, ମୋ ଦାୟିତ୍ୱ। ସ୍ୱାସ୍ଥ୍ୟ ସଚେତନତା ହିଁ ସୁରକ୍ଷା ଓ ସୁରକ୍ଷା ହିଁ ଜୀବନ ରକ୍ଷା, ସମସ୍ତଙ୍କର ସ୍ୱାସ୍ଥ୍ୟର ଉନ୍ନତିରେ ହିଁ ସମାଜର ପ୍ରଗତି ସମ୍ଭବ ବୋଲି ଦୃଢ଼ ମତପୋଷଣ କରିଥିଲେ। ଅନ୍ୟତମ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କଟକରୁ ଅଧ୍ୟାପିକା ମୀରା ବେଉରା ସ୍ୱୀୟ ବକ୍ତବ୍ୟରେ ସୁସ୍ଥ ଶରୀର, ସୁସ୍ଥ ମନର ଜନକ। ସୁସ୍ଥ ମନ ଉନ୍ନତ ବିଚାରର ଜନକ, ଉନ୍ନତ ବିଚାର ବିବେକର ସମର୍ଥକ ବୋଲି ଦୃଢ଼ ମତବ୍ୟକ୍ତ କରିଥିଲେ। ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ଉଫୁନାର ସାଧାରଣ ସମ୍ପାଦକ କବି ବାହାଦୂର ପାଟସାହାଣୀ, ଶିକ୍ଷାବିତ୍ ଡା.ଦେବୀ ପ୍ରସାଦ ମିଶ୍ର, ସମାଜସେବୀ ସରୋଜ ଶତପଥୀ, ନାରୀନେତ୍ରୀ ସ୍ମିତାରାଣୀ ସାମଲ, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ନିଜ ନିଜର ବକ୍ତବ୍ୟରେ କହିଥିଲେ ଯେ ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା କ୍ଷେତ୍ର ପାଇଁ ସରକାର, ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମିର ପୂର୍ଣ୍ଣାଙ୍ଗ ବିକାଶର ଆବଶ୍ୟକତା ରହିଛି। ଭାରତ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦସ୍ୟ ଦେଶ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଚଳିତ ବର୍ଷର ବିଷୟବସ୍ତୁ ରହିଛି ‘ସ୍ୱାସ୍ଥ୍ୟ ପାଇଁ ଏକତ୍ର, ବିଜ୍ଞାନ ସହିତ ଠିଆ ହୁଅ’। ବରିଷ୍ଠ ଶିକ୍ଷାବିତ୍, ୟୁନେସ୍କୋର ଆଜୀବନ ସଦସ୍ୟ ତଥା ଉଫୁନାର ମିଡ଼ିଆ ପ୍ରଭାରୀ ଡା. ଦେବୀ ପ୍ରସାଦ ମିଶ୍ର, ଉଫୁନାର ମହାସଚିବ ଦୀପାୟନ ପଟ୍ଟନାୟକ ଓ ସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଲେ ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତିବର୍ଷ ଆଜିର ଦିନ ୭ ଏପ୍ରିଲରେ ପାଳନ କରାଯାଇଥାଏ ‘ବିଶ୍ୱ ସ୍ୱାସ୍ଥ୍ୟ ଦିବସ’। ୧୯୪୮ ମସିହାରେ ପ୍ରଥମ ବିଶ୍ୱ ସ୍ୱାସ୍ଥ୍ୟ ଆସେମ୍ବଲି ପକ୍ଷରୁ ପ୍ରଥମ ଥର ପାଇଁ ଏପ୍ରିଲ ୭ ତାରିଖକୁ ‘ବିଶ୍ୱ ସ୍ୱାସ୍ଥ୍ୟ ଦିବସ’ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇଥିଲା ୧୯୫୦ ମସିହାରୁ, ଯାହା ଅଦ୍ୟାବଧି ପାଳନ କରାଯାଇ ଆସୁଛି।

# ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଆଁ : ଅଳ୍ପକେ ବର୍ତ୍ତିଲେ ରୋଗୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ବିଭାଗ ଠାରେ ଥିବା ଟ୍ରାନ୍ସଫର୍ମର ତଳେ ଲାଗିଲା ନିଆଁ, ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଲେ ସୁବର୍ଣ୍ଣପୁର ଜିଲ୍ଲା ଚିକିତ୍ସାଳୟର ପ୍ରସୂତିକାଳୀନ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ। ସୂଚନାରୁ ପ୍ରକାଶ ଯେ ନିକଟସ୍ଥ ଟ୍ରାନ୍ସଫର୍ମର ଉପର ତାରରେ ଚଢ଼େଇଟିଏ ବସି ବିଦ୍ୟୁତ୍ ସର୍ଟସର୍କିଟରେ ଜଳି ତଳେ ପଡ଼ିଯିବା ଦ୍ୱାରା ଦୀର୍ଘ ଦିନରୁ ତଳେ ଜମି ରହିଥିବା ଅଳିଆ ଆବର୍ଜନା ପଲିଥିନ୍ ଶୁଖିଲା ଘାସ ଝାଣ୍ଟି କାଠରେ ହଠାତ୍ ନିଆଁ ଲାଗି ଯାଇଥିଲା। ସୋନପୁର ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ବିଭାଗ ପକ୍ଷରୁ ଆସି ବିଦ୍ୟୁତ ତାର କାଟି ବିଦ୍ୟୁତ ବିଚ୍ଛିନ୍ନ କରିଥିଲେ। ପୂର୍ତ୍ତ ବିଭାଗର ଜିଡି ବିଭାଗ ଏହାର ରକ୍ଷଣାବେକ୍ଷଣ କରିବା କଥା। ଏଠି ପ୍ରଶ୍ନ ଉଠେ ଯେ ନୂଆଁ ଜିଲ୍ଲା ଚିକିତ୍ସାଳୟରେ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ଶହ ଶହ ସଂଖ୍ୟାରେ ଝାଡୁଦାର ସୁପରଭାଇଜ ନିଯୁକ୍ତ ଅଛନ୍ତି। ପ୍ରତି ମାସ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏଠି ଏତେ ପରିମାଣରେ ଅଳିଆ ଆବର୍ଜନା ଜମି ରହୁଛି କିପରି ? ଏ କର୍ମଚାରୀଙ୍କୁ ପରିଚାଳନା କରୁଛି କିଏ ? ହସ୍ପିଟାଲ ମ୍ୟାନେଜର ହୁଅନ୍ତୁ କି, ଆଉ କିଏ, ସେ ଦାୟୀ ରହିବେ ନିଶ୍ଚିତ ଆଜିର ଏହି ଘଟଣା ପାଇଁ ଦାୟୀ କିଏ। ପୁଣି ଆହାର କେନ୍ଦ୍ରକୁ ଲାଗିକି ଥିବା ଲେଟ୍ରିନ ଟାଙ୍କିର ଦୂରାବସ୍ଥା ଯୋଗୁଁ ଖାଦ୍ୟ ଖାଇବା ବେଳେ ଗନ୍ଧରେ ନାକ ଫାଟି ଯାଉଥିବା ରୋଗୀଙ୍କ ସହାୟକମାନେ ଅଭିଯୋଗ କରିଛନ୍ତି। ଏଠାରେ ଆଉଟସୋର୍ସିଂର କର୍ମଚାରୀ କାର୍ଯ୍ୟ କରୁଛନ୍ତି ସେମାନେ କାହାକୁ କ’ଣ କୁହାଯିବ ସେମାନେ ଜାଣି ନାହାନ୍ତି ଯାହାକୁ ଯାହା ଆସିଲା ଦୁର୍ବ୍ୟବହାର କରୁଛନ୍ତି। ଏହା ପ୍ରତି ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଧାର ଆସୁନାହିଁ। କିନ୍ତୁ ପ୍ରଶାସନ ସହ ମେଡିକାଲ୍ ଅଧିକାରୀ, ରାଜନେତା ଓ ସାଧାରଣ ଲୋକେ ବି ହେବାକୁ ପଡ଼ିବ ସଚେତନ। ଆଶା ଏହାକୁ ସମସ୍ତେ ଧ୍ୟାନ ଦେଲେ ହୋଇଯିବ ସମାଧାନ। ଆହୁରି ପୁରୁଣା ମେଡିକାଲର ଅନେକ ଦୁର୍ନୀତି କଥା ଶୁଣିବାକୁ ମିଳିଛୁ ଆସ୍ତେ ଆସ୍ତେ ସମସ୍ତ ଦୁର୍ନୀତି ଲୋକଲୋଚନ ଆସିବ। ସିଡିଏମ୍‌ଓ ମେଡମ ମେଡିକାଲ ସ୍ଥିତି ଓ କାର୍ଯ୍ୟ ତଦାରଖ କରନ୍ତୁ। ନୂତନ ଭାବେ ଯୋଗ ଦେଇଥିବା ସର୍ଜରୀ ଡାକ୍ତରଙ୍କୁ କେଉଁ ସ୍ଥାନକୁ ବଦଳି କରିଛନ୍ତି ଯେ ମହାନ୍ ଡାକ୍ତର ଛୁଟି ନେଇ ପଳାଇଛନ୍ତି। ସାଧାରଣରେ ଚର୍ଚ୍ଚା ହେଉଛି ସେ ସର୍ଜରୀ ଡାକ୍ତରଙ୍କୁ ସଦର ମହକୁମା ରଖାଯାଉ। ଏହା ନିରୀହ କର୍ମଚାରୀଙ୍କୁ ବିନା କାରଣରେ ଅନ୍ୟତ୍ର ବଦଳି ନ କରି ଅମାନିଆ ଦୁର୍ନୀତି ଖୋର କର୍ମଚାରୀ, ଅଧିକାରୀ ଓ ସେବାରେ ଅବହେଳା କରୁଥିବା ଡାକ୍ତରଙ୍କୁ ଏଠୁ ବଦଳି କଲେ ସବୁ ସୁଧୁରି ଯିବ ମେଡିକାଲ୍ ଅବସ୍ଥା।

# କଳିଙ୍ଗ ଷ୍ଟାଡିୟମରେ ୬୯ତମ ଏସଜିଏଫଆଇ ରଗ୍‌ବୀ ଚାମ୍ପିଅନସିପ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ଆୟୋଜିତ ହେଉଛି ୬୯ତମ ଜାତୀୟ ବିଦ୍ୟାଳୟ ସମୂହ (ଏସଜିଏଫଆଇ ୧୭ ବର୍ଷ ଓ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ଖେଳାଳିମାନଙ୍କୁ ନେଇ ଜାତୀୟ ବିଦ୍ୟାଳୟସ୍ତରୀୟ ରଗ୍‌ବୀ ଚାମ୍ପିଅନସିପ ୨୦୨୫-୨୬। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ବିଭିନ୍ନ ରାଜ୍ୟର ରଗବୀ ଖେଳାଳିଙ୍କୁ ନେଇ ଓଡ଼ିଶାରେ ଜାତୀୟସ୍ତରୀୟ ଖେଳର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଯୋଗ ଦେଇଥିଲେ। ଏଥିସହ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡା ଏନ୍. ତିରୁମାଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପି.ଇ.ଟି) ଜ୍ୟୋତି ପ୍ରସାଦ ପରିଡ଼ା, ଏସଜିଏଫଆଇ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ, ଅନ୍ତର୍ଜାତୀୟ ରଗବି ଖେଳାଳି ଡୁମୁଣୀ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚାମ୍ପିଅନସିପ ଏପ୍ରିଲ ୬ ରୁ ୧୦ ତାରିଖ ଯାଏଁ ଆୟୋଜିତ ହେବ।

ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇ ମୁଖ୍ୟ ଅତିଥି କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଖେଳୁଆଡ ମନୋଭାବ ନେଇ ଖେଳିବା ଏବଂ ରାଜ୍ୟ ତଥା ଦେଶକୁ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବାକୁ ଯୁବ ଖେଳାଳୀମାନଙ୍କୁ ଆହ୍ୱାନ କରିଥିଲେ। ଏସଜିଏଫଆଇ ପର୍ଯ୍ୟବେକ୍ଷକ ଶ୍ରୀ ଯାଦବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସାଧୁବାଦ ଜଣାଇଥିଲେ। କଳିଙ୍ଗ ଷ୍ଟାଡିୟମ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଚାମ୍ପିଅନସିପର ଆୟୋଜନ ନିମନ୍ତେ ସେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ୍ ଜଣାଇବା ସହ ଆଗକୁ ଅନ୍ତର୍ଜାତୀୟସ୍ତରର ଖେଳ ଓଡିଶାରେ ଆୟୋଜନ କରିବେ ବୋଲି ଇଚ୍ଛାପ୍ରକାଶ କରିଥିଲେ। ସେହିପରି ଅନ୍ତର୍ଜାତୀୟ ରଗବି ଖେଳାଳି ଡୁମୁଣୀ ମାରାଣ୍ଡି ନିଜ ଅନୁଭୂତି ବାଣ୍ଟିଥିଲେ।

ସୂଚନାଯୋଗ୍ୟ, ଏପ୍ରିଲ ୬ ଓ ୭ ତାରିଖ ରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାମାନଙ୍କୁ ନେଇ ରଗବୀ ଚାମ୍ପିଅନସିପ୍ ଆୟୋଜିତ ହେଉଥିବା ବେଳେ ଏପ୍ରିଲ ୯ ଓ ୧୦ ତାରିଖରେ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକାମାନଙ୍କୁ ନେଇ ଆୟୋଜିତ ହେବ। ଏହି ଚାମ୍ପିଅନସିପ୍‌ରେ ୧୫ଟି ରାଜ୍ୟର ଖେଳାଳି ଭାଗ ନେଇଛନ୍ତି। ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ନୂଆଦିଲ୍ଲୀ, ଗୁଜୁରାଟ, ଜମ୍ମୁ ଓ କାଶ୍ମୀର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ସିବିଏସଇ ୱେଲଫେୟାର ସ୍ପୋର୍ଟ୍ସ ଅର୍ଗାନାଇଜେସନ୍, କାଉନସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ପକ୍ଷରୁ ପ୍ରାୟ ୪୬୦ ଜଣ ଅଂଶଗ୍ରହଣ କରିଛନ୍ତି।

# ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ-୨୦୨୬ ଉଦ୍‌ଯାପିତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ-୨୦୨୬ର ଉଦ୍‌ଯାପନୀ ଦିବସ ପାଳନ ଅବସରରେ ଜିଲ୍ଲା ସାମ୍ବାଦିକମାନଙ୍କୁ ଅଣଦେଖା, କହିଲା ପରେ କଲେ ସମ୍ବର୍ଦ୍ଧନା। ଜିଲ୍ଲାପ୍ରଶାସନ ପକ୍ଷରୁ ମଞ୍ଚରେ ଟେଣ୍ଟ ଆଣ୍ଡ ଡେକୋରେଟର, ଷ୍ଟଡ଼ିଓ ସମେତ ପୋଲିସ ଅଫିସର ଓ ଅନ୍ୟାନ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିବା ବେଳେ ଜିଲ୍ଲାମହୋତ୍ସବ କଲ୍ଲୋଳକୁ ବିଭିନ୍ନ ଗଣମାଧ୍ୟମରେ ପ୍ରସାର ପ୍ରଚାର କରୁଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅଣଦେଖା ନେଇ ଏକ ଅସନ୍ତୋଷ ଦେଖାଦେଇଥିଲା। ଜିଲ୍ଲା ପ୍ରଶାସନର ଏଭଳି ମାନସିକତାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ଜଗତସିଂହପୁର ଜିଲ୍ଲା ସଦର ମହକୁମା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଗତ ୫ ଦିନ ଧରି ଚାଲିଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗତସିଂହ ପୁର ସାଂସଦ ବିଭୁ ପ୍ରସାଦ ତରାଇ କହିଲେ ଯେ ଭାରତ ଇତିହାସରେ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ଚିର ସ୍ମରଣୀୟ। ଶିକ୍ଷା, କଳା ଓ ଯାତ୍ରା ଜଗତରେ ଜଗତସିଂହପୁର ଜିଲ୍ଲା ସାରା ଭାରତରେ ପ୍ରସିଦ୍ଧ। ଜିଲ୍ଲାର ପ୍ରତିଷ୍ଠିତ ବ୍ୟକ୍ତି ଙ୍କ ଇତିହାସର ବିବରଣୀ ପ୍ରଦାନ କରିଥିଲେ। ଏହି ମାଟିର ଅନେକ ସନ୍ତାନମାନେ ଓଡ଼ିଶାରେ ଦିଗ୍‌ଦର୍ଶନ ସୃଷ୍ଟି କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ଗମନାଗମନ କ୍ଷେତ୍ରରେ ଜିଲ୍ଲାର ବିକାଶ ତ୍ୱରାନିତ ହେବାକୁ ଯାଉଛି। ଯୁବପିଢି ଓ ଜନସାଧାରଣଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ଚେଷ୍ଟା ରହିଲେ ଜିଲ୍ଲା ବିକଶିତ ହୋଇପାରିବ। ଏହି କଲ୍ଲୋଳ ମହୋତ୍ସବରେ ସ୍ୱୟଂ ସହାୟକ ଗୋଷ୍ଠୀର ମା’ମାନେ ବିଭିନ୍ନ ଦ୍ରବ୍ୟ ନେଇ ଆସିବା ପ୍ରସଙ୍ଗ ସ୍ୱଦେଶୀ ଜାଗରଣର ଆଧାର। ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା କହିଲେ ଯେ ଜଗତସିଂହ ପୁର ଜିଲ୍ଲା ସଂସ୍କୃତି ଓ ପର୍ଯ୍ୟଟନର ଜିଲ୍ଲା। କଲ୍ଲୋଳ ମହୋତ୍ସବ ଆମ ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିଛି। ଆମେ ଏକତ୍ରିତ ହୋଇ ଆମ ଜିଲ୍ଲା ର ଉନ୍ନତି ପାଇଁ ଚେଷ୍ଟା କରିଲେ ୨୦୩୬ ରେ ଭାରତ ମାନଚିତ୍ରରେ ଆମ ଜିଲ୍ଲା ସ୍ୱତନ୍ତ୍ର ସ୍ଥାନ ନିଶ୍ଚିତ ହାସଲ କରିବ। ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ଯେ ଓଡ଼ିଶାର ମାନଚିତ୍ରରେ ଜଗତସିଂହପୁର ଜିଲ୍ଲା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କଲ୍ଲୋଳ ମହୋତ୍ସବ ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତିକୁ ବଜାୟ ରଖିଛି। ଜିଲ୍ଲାର ମହତ୍ତ୍ୱ, ମହକ ଓ ମୂଲ୍ୟବୋଧ ବିଶ୍ୱ ଦରବାରରେ ସ୍ଥାନ ପାଇଁ ଆମେ ସର୍ବାଙ୍ଗୀନ ଚେଷ୍ଟା କରିବା। ଏହି ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଜେ ସୋନାଲ ଯୁବଶକ୍ତି କୁ ସତ୍ୟନିଷ୍ଠ, ନୀତି ପରାୟଣ ଓ ସାଧୁତାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଭବିଷ୍ୟତରେ ଜିଲ୍ଲା ପାଇଁ ଗର୍ବ ଆଣିବା ପାଇଁ ଯୁବପିଢୀଙ୍କୁ ପ୍ରୋତ୍ସାହିତ କରିଥିଲେ।

ସଭାର ପ୍ରାରମ୍ଭରେ ବ୍ଲକ୍ ଉନ୍ନୟନ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଓରମାସ ପଲ୍ଲୀଶ୍ରୀ ମେଳାରେ ସର୍ବୋଚ୍ଚ ବିକ୍ରୟ ପାଇଁ ବରଗଡ଼ ଜିଲ୍ଲାର ମା’ ଚମ୍ପେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ଶ୍ରେଷ୍ଠ ଇନୋଭେଟିବ ପ୍ରଡକ୍ଟ ପାଇଁ କଳାହାଣ୍ଡିର ନୀଳମାଧବ ପିଜି, ସୁନ୍ଦର ପ୍ରଦର୍ଶନ ପାଇଁ ମା’ ସାରଳା ଟେଲରିଂ ପିଜି, ଶ୍ରେଷ୍ଠ ଖାଦ୍ୟ ଷ୍ଟଲ ପାଇଁ ରାଜସ୍ଥାନୀ ଖାଦ୍ୟ ଷ୍ଟଲ, ବେଷ୍ଟ ଡିସିପ୍ଲିନ ପାଇଁ ସୁନ୍ଦରଗଡ଼ର ବାବା ନାଗେଶ୍ୱର ଦିବ୍ୟାଙ୍ଗ ଗୋଷ୍ଠୀ, ବେଷ୍ଟ୍ ସେଲ୍ସ ମାନ ପାଇଁ ସମ୍ବଲପୁରର ସାଇ ରାମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। କଲ୍ଲୋଳ ମହୋତ୍ସବ ଉପଲକ୍ଷେ ପାରମ୍ପରିକ ଝୋଟି, ହୁଳହୁଳି, ପିଠା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କଲ୍ଲୋଳ ମହୋତ୍ସବ ର ସଫଳତା ପାଇଁ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲୁକା କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କଲ୍ଲୋଳ ମହୋତ୍ସବର ସଫଳତାରେ ଅଂଶ ଗ୍ରହଣ କରିଥିବା କର୍ମକର୍ତ୍ତା, କଲ୍ଲୋଳରେ ସାହାଯ୍ୟ କରିଥିବା ପୌର ପରିଷଦର କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ପରେ ଓଲିଉଡ ମ୍ୟୁଜିକାଲ୍ ନାଇଟ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।





# ମେଟ୍ରୋ ପ୍ରକଳ୍ପ ବାତିଲ ନିଷ୍ପତି ବିଜେପି ସରକାରଙ୍କ ହୀନମନ୍ୟତାର ପରିଚୟ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ ସରକାର ବାତିଲ କରିବା ନିଷ୍ପତ୍ତିକୁ ନେଇ ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, କଟକ ମେୟର ସୁବାଷ ସିଂ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ରାଜ୍ୟ ବିଜେପି ସରକାରଙ୍କ ମେଟ୍ରୋ ପ୍ରକଳ୍ପର ବାତିଲ ନିଷ୍ପତ୍ତିକୁ ବିରୋଧ କରିବା ସହିତ ଏହାର ପୁନଃବିଚାର କରିବା ପାଇଁ ଦାବି କରିଥିଲେ । ଅଶୋକ ପଣ୍ଡା କହିଛନ୍ତି, ରାଜଧାନୀ ଭୁବନେଶ୍ୱର ଓ କଟକ ସହରର ବାସିନ୍ଦାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦୁଇ ସହର ମଧ୍ୟରେ ଗମନା ଗମନର ଉନ୍ନତି ପାଇଁ ମେଟ୍ରୋ ପ୍ରକଳ୍ପକୁ ଆରମ୍ଭ କରାଯାଇଥିଲା । ଦୁଃଖ ଓ ପରିତାପର ବିଷୟ, ରାଜ୍ୟ ବିଜେପି ସରକାର ହିନମନ୍ୟତାର ପରିଚୟ ଦେଇ ଏଭଳି ନିଷ୍ପତ୍ତି ନେଇଛନ୍ତି । ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରାଯିବାକୁ ନେଇ ମନ୍ତ୍ରୀମାନେ ଭିନ୍ନ ଭିନ୍ନ କଥା କହୁଛନ୍ତି, ଏହା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ । ଅନନ୍ତ ନାରାୟଣ ଜେନା କହିଛନ୍ତି, ଦେଶର ୧୮ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ସଫଳତାର ସହିତ ଚାଲୁଛି । ଗମନାଗମନ କ୍ଷେତ୍ରରେ ମେଟ୍ରୋ ଏକ ମାଇଲଖୁଣ୍ଟ ହୋଇଥାନ୍ତା । ପୂର୍ବରୁ ଡିପିଆର ପ୍ରସ୍ତୁତ ହେବା ସମୟରେ ଏହା କ୍ଷତି ହେବ ବୋଲି ଆକଳନ ହୋଇନଥିଲା। ଏବେ କିପରି କ୍ଷତି ହେବ ବୋଲି କୁହାଯାଉଛି ? ମେଟ୍ରୋ ଚାଲିଲେ ବର୍ଷକୁ ଦୁଇ ହଜାର କୋଟି ଟଙ୍କା କ୍ଷତି ହେବ ବୋଲି ରାଜ୍ୟ ବିଜେପି ସରକାର କହୁଥିବା କଥା କେବଳ ମନଗଢା କାହାଣୀ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ, ନବୀନ ପଟ୍ଟନାୟକଙ୍କୁ ଶ୍ରେୟ ମିଳିବ ବୋଲି ବିଜେପି ସରକାର ଏଭଳି ନିଷ୍ପତ୍ତି ନେଇଛି । ରାଜ୍ୟବାସୀ ଓ ଭବିଷ୍ୟତ ପିଢ଼ିଙ୍କ ପ୍ରତି ଡବଲ ଇଞ୍ଜିନ ସରକାରଙ୍କ ଏହା ଚରମ ପ୍ରତାରଣା । ସୁବାଷ ସିଂ କହିଛନ୍ତି, ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ, କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ଏକ ଜଏଣ୍ଟ ଭେଞ୍ଚର କମ୍ପାନୀ । ଗ୍ଲୋବାଲ ଟେଣ୍ଡର ମାଧ୍ୟମରେ ୬୨୫୫.୯୪ କୋଟି ଟଙ୍କାର ମେଟ୍ରୋ ପ୍ରକଳ୍ପ ନବୀନ ବାବୁ ଆରମ୍ଭ କରିଥିଲେ । ମେଟ୍ରୋ ପ୍ରକଳ୍ପ ବନ୍ଦ ନିଷ୍ପତ୍ତିକୁ ରାଜ୍ୟବାସୀ କେବେ କ୍ଷମା ଦେବେ ନାହିଁ । ୨୦୦୭ ମସିହାରୁ ରାଜ୍ୟରେ କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ଚଳାଚଳ ପାଇଁ ଦାବି ହୋଇ ଆସୁଥିଲା । କେନ୍ଦ୍ର ସରକାର ସହାୟତା ନ ଦେବାରୁ ନବୀନ ସରକାର ନିଜସ୍ୱ ସମ୍ବଳରେ ୨୦୨୩ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ । ସୁଲୋଚନା ଦାସ କହିଛନ୍ତି, ମେଟ୍ରୋ ପ୍ରକଳ୍ପ କେବଳ ଭୁବନେଶ୍ୱର ଓ କଟକ ବାସିନ୍ଦାଙ୍କ ପାଇଁ ନୁହେଁ ବରଂ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ଗର୍ବର ବିଷୟ ଥିଲା । ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଉଥିବା ସରକାର ୨୦୩୬ ମସିହାରେ ବିକଶିତ ଓଡିଶା ଗଠନ କଥା କହୁଛନ୍ତି । ମେଟ୍ରୋ ପ୍ରକଳ୍ପ ବିନା ବିକଶିତ ଓଡିଶା ଗଠନ ସ୍ୱପ୍ନ ଦେଖିବା କେତେଦୂର ଯୁକ୍ତିଯୁକ୍ତ। ଭୁବନେଶ୍ୱର, କଟକ, ପୁରୀ, ପାରାଦ୍ୱୀପ ଅର୍ଥନୈତିକ ରିଜିଅନ ପାଇଁ ମେଟ୍ରୋ ଏକ ନୂତନ ସମ୍ଭାବନା ହେବାକୁ ଯାଉଥିଲା । ତେଣୁ ରାଜ୍ୟ ସରକାର ମେଟ୍ରୋ ରେଳ ପ୍ରକଳ୍ପର ବାତିଲ ନିଷ୍ପତିର ପୁନର୍ବିଚାର କରନ୍ତୁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ଏକ ଦେଶ...

ସମ୍ବୋଧିତ କରି ମୋଦୀ କହିଛନ୍ତି ଯେ, ସରକାର ଉଭୟ ପ୍ରସଙ୍ଗରେ ସକାରାତ୍ମକ ଦିଗରେ ଗତି କରୁଛନ୍ତି। 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଲୋକସଭା ଓ ବିଧାନସଭା ନିର୍ବାଚନକୁ ସମକାଳୀନ କରିବାକୁ ଚେଷ୍ଟା କରୁଥିବାବେଳେ ୟୁସିସି ବିବାହ, ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଉତ୍ତରାଧିକାର ଭଳି ପ୍ରସଙ୍ଗରେ ଏକ ସାଧାରଣ ଆଇନ ପ୍ରଣୟନ କରିବାକୁ ଲକ୍ଷ୍ୟ ରଖିଛି। ବିଜେପିର ରେକର୍ଡ ଉପରେ ଆଲୋକପାତ କରି ମୋଦୀ 'ପୁରୁଣା ଉପନିବେଶବାଦୀ ଯୁଗର ଆଇନକୁ ଉଚ୍ଛେଦ, ନୂତନ ସଂସଦ ଭବନ ନିର୍ମାଣ, ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ, ତିନି ତଲାକ ଉପରେ ନିଷେଧାଦେଶ, ନାଗରିକତା ସଂଶୋଧନ ଆଇନ ଓ ଅଯୋଧ୍ୟାରେ ରାମ ମନ୍ଦିର ଭଳି ପଦକ୍ଷେପ ତାଲିକାଭୁକ୍ତ କରିଛନ୍ତି।

## ଟ୍ରମ୍ପଙ୍କ ଧମକ...

ଟୋଲର ଏକ ଅଂଶ ବ୍ୟବହାର କରାଗଲେ ହିଁ ହର୍ମୁଜ ପ୍ରଣାଳୀ ଖୋଲିବ।

ଇରାନ ସଂସଦର ବାଚସ୍ପତି ଗାଲିବାଫ ଟ୍ରମ୍ପଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ ତାଙ୍କର ବେପରୁଆ କାର୍ଯ୍ୟ ସମଗ୍ର ଅଞ୍ଚଳକୁ ନିଆଁରେ ପୋଡ଼ି ଦେବ। ସେ ଏକ୍ସରେ ଲେଖିଛନ୍ତି: 'ତୁମର ବେପରୁଆ କାର୍ଯ୍ୟଗୁଡ଼ିକ ଆମେରିକାକୁ ପ୍ରତ୍ୟେକ ପରିବାର ପାଇଁ ଏକ ଜୀବନ୍ତ ନର୍କ ଆଡ଼କୁ ଟାଣି ନେଉଛି, ଏବଂ ଆମର ସମଗ୍ର ଅଞ୍ଚଳ ନିଆଁରେ ଜଳିଯିବ କାରଣ ତୁମେ ନେତାନ୍ୟାହୁଙ୍କ ନିର୍ଦ୍ଦେଶ ପାଳନ କରିବାରେ ଅଟଳ ଅଛ।'

ଇରାନକୁ ଏକ ଚରମବାଣୀ ଜାରି କରି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ ଯେ ଯଦି ସେମାନେ ମଙ୍ଗଳବାର ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କ ପାଖରେ ନା ଏକ କାର୍ଯ୍ୟକ୍ଷମ ବିଦ୍ୟୁତ କେନ୍ଦ୍ର ରହିବ ନା ଏକ ସୁରକ୍ଷିତ ସେତୁ। ଟ୍ରୁଥ ସୋସିଆଲରେ ଏକ ପୋଷ୍ଟରେ, ସେ ଏହା ମଧ୍ୟ ସୂଚିତ କରିଥିଲେ ଯେ ଆମେରିକା ଇରାନ ଉପରେ ବଡ଼ ଆକ୍ରମଣ କେବେ କରିବ। ଟ୍ରମ୍ପ ଲେଖିଛନ୍ତି: 'ମଙ୍ଗଳବାର ରାତି ୮ଟା ପୂର୍ବ ସମୟ (ବୁଧବାର ସକାଳ, ଭାରତୀୟ ମାନକ ସମୟ)।'

## ଦେଶରେ ମହଜୁଦ ...

ସରିବାର ସ୍ଥିତି ନାହିଁ। ଗତ ପାଞ୍ଚ ସପ୍ତାହରେ ପ୍ରାୟ ୧୮ କୋଟି ଘରକୁ ଏଲ୍‌ପିଜି ସିଲିଣ୍ଡର ପହଞ୍ଚାଯାଇଛି। ସେ କହିଛନ୍ତି ଯେ ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ଏଲ୍‌ପିଜି ଆୟାତ ପ୍ରଭାବିତ ହୋଇଛି, କାହିଁକି ଭାରତ ନିଜ ଆବଶ୍ୟକତାର ଏକ ବଡ଼ ଭାଗ ଏହି ଅଂଚଳରୁ ମଗାଯାଏ। ସରକାର ସମୟ ଥାଇ ଅତିରିକ୍ତ କାର୍ଗୋର ବ୍ୟବସ୍ଥା କରିନିଆ ଯାଇଛି। ଯାହାଫଳରେ ଘରୋଇ ଉପଭୋକ୍ତାଙ୍କୁ କୌଣସି ପ୍ରକାରର ସମସ୍ୟାର ସାମ୍ନା ନକରିବା ପଡ଼େ।

## ରାଜ୍ୟରେ ଏଲପିଜିର...

ପାଇଁ ଏଲପିଜି ଗ୍ୟାସ ପ୍ରଦାନ କରାଯାଉଛି। ଯେଉଁଠି ଅତି ଆବଶ୍ୟକ ଅଛି ସେଠାକୁ ୨୦ ପ୍ରତିଶତ ଏଲପିଜି ଆଗୁଆ ଯୋଗାଇ ଦିଆଯାଇଛି। ଜିଲ୍ଲା ସ୍ତରରେ ଏହାକୁ ମନିଟରିଂ କରିବାକୁ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଅଛି।

୫କେଜି ସିଲିଣ୍ଡରକୁ ନେଇ ତୈଳ କମ୍ପାନୀ ମାନେ ଇ-କେୱାଇସି କରିକି ଦେଉଛନ୍ତି । ତାହାର କୌଣସି ଅସୁବିଧା ନାହିଁ । ଶ୍ରମିକ ଓ ଛାତ୍ରଛାତ୍ରୀ ମାନେ ୫କେଜି ଗ୍ୟାସ ନେବାକୁ ହେଲେ ଆଇଡି ଦେଖାଇ ନେଇ ପାରିବେ । ତୈଳ କମ୍ପାନୀ ମାନେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ୫କେଜି ଗ୍ୟାସ ପ୍ରଦାନ କରାଯାଉଛି । କଟକଣା ସେହି ମାନଙ୍କ ପାଇଁ ଯିଏ ବିନା ଅନୁମତିରେ ବ୍ୟବସାୟ କରୁଛନ୍ତି । କଳାବଜାରୀ ରୋକିବା ପାଇଁ ହିଁ ଏହି ପଦକ୍ଷେପ ନିଆଯାଇଛି । ୩୧୦୫ଟି ଟାଙ୍କିକୁ ବିଭିନ୍ନ ସ୍ଥାନରେ ଚଢଉ କରି ଜବତ କରିଛି ବିଭାଗ। ଖାଦ୍ୟ ସାମଗ୍ରୀ ଉପରେ ବି ବିଭାଗର ନଜର ରହିଛି । ଦରବୃଦ୍ଧି ସହ ଅଭାବୀ କେମିତି ନ ହେବ ସେଥିପ୍ରତି ନଜର ରଖାଯାଇଥିବା ସଚିବ କହିଛନ୍ତି।

## ରାଷ୍ଟ୍ରପତିଙ୍କ ଠାରୁ ...

ଯାହା ଅଧିକାରୀମାନେ ସେମାନଙ୍କ ୟୁନିଫର୍ମର ବାମ ହାତରେ ପିନ୍ଧନ୍ତି।

ସୋମବାର ଏନେଇ ପୋଲିସ ଡ଼ିଜିଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ମିଟିଂ ଚାଲିଛି । ଯେଉଁଥିରେ ବହୁ ବରିଷ୍ଠ ଅଧିକାରୀ ଯୋଗଦାନ କରିଛନ୍ତି । ପୋଲିସ ସେବା ଭବନ ସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଅନୁଷ୍ଠିତ ହୋଇଥିଲା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ। ଏହି ବୈଠକରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ଏଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି କମ୍ୟୁନିକେସନ ଦୟାଲ ଗ୍ୟାଙ୍ଗୱାର, ଏଡିଜି ଆଣ୍ଟି ନକ୍ସଲ ଅପରେସନ ସଞ୍ଜୀବ ପଣ୍ଡା, ଏଡିଜି ରାଜେଶ କୁମାର, ଏଡିଜି ଏସ୍ ସାଇନି, ଏଚଆରପିସି ଯତୀନ୍ଦ୍ର କୋଏଲ, ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ , ଏଡିଜି ମୁଖ୍ୟାଳୟ ପ୍ରତୀକ ମହାନ୍ତି, ଆଇଜି ପ୍ରବୀଣ କୁମାର, ଆଇଜି କ୍ରାଇମବ୍ରାଞ୍ଚ ସାର୍ଥକ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତ ହେଲା...

ଚାଲିଥିଲା ଆମ ବୀର ଯବାନଙ୍କ ସଂଘର୍ଷ... ସରକାର ରଣନୀତି ପରେ ରଣନୀତି କରୁଥିଲେ ତଥାପି ଲାଲଗଡ଼ର ଦୁର୍ଗ ଭାଙ୍ଗି ପାରୁନଥିଲେ । ହେଲେ ଆଜି ସେ ଦିନ ଆଉ ନାହିଁ। ଦିନେ ଯେଉଁ ଲାଲବାହିନୀଙ୍କ ଡରରେ ଲୋକେ ଘରେ ଲୁଚୁଥିଲେ ଏବେ କିନ୍ତୁ ସେହି ନକ୍ସଲମାନେ ଜୀବନ ବିକଳରେ ଅନ୍ଧାରୀ ଜଙ୍ଗଲରେ ଲୁଚୁଛନ୍ତି । ପୋଲିସ ଓ ଯବାନଙ୍କ ଗୁଳିକୁ ଡରି ଆତ୍ମସମର୍ପଣ କରୁଛନ୍ତି । ଏକପ୍ରକାର କହିବାକୁ ଗଲେ ଲାଲଗଡ଼ ଭୁଶୁଡ଼ିଛି, ମାଓ ଶିବିର ଥରହର ହୋଇଛି ଆଉ ଭାରତ ମାଓମୁକ୍ତ ହୋଇଛି ।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ପ୍ରତିନିଧି ମଣ୍ଡଳୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳୀ ସୋମବାର ଅପରାହ୍ନରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ସାକ୍ଷାତ କରି ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଗଠନର ରାଜ୍ୟ ଅଧ୍ୟକ୍ଷ ରବି ରଥଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଉପସଭାପତି ସ୍ୱଦେଶ ଚନ୍ଦ୍ର ଦାସ, ଡ. ଜୀବନ କୁମାର ଦୀକ୍ଷିତ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡ଼ିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା କରିବା ସହ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ନିମନ୍ତେ ଏକ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ ପାଇଁ ଦାବି କରିଥିଲେ। ଭାରତବର୍ଷର ଅନ୍ୟ ରାଜ୍ୟ ଭଳି ସାମ୍ବାଦିକମାନଙ୍କୁ ପେନସନ, ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ରଗୁଡ଼ିକୁ ରାଜଧାନୀରେ କାର୍ଯ୍ୟାଳୟ ନିମନ୍ତେ ସରକାରୀ ଗୃହ ପ୍ରଦାନ, ସରକାରୀ ସ୍ୱୀକୃତି ନିମନ୍ତେ ପଡ଼ି ରହିଥିବା ସମ୍ବାଦପତ୍ରଗୁଡ଼ିକୁ ସ୍ୱୀକୃତି ଦେବା ପାଇଁ ବ୍ୟବସ୍ଥା କରିବା, ସର୍ବନିମ୍ନ ବିଜ୍ଞାପନ ଦର କଲମ ସି.ଏମ୍. ପିଛା ୨୫ ଟଙ୍କା ପ୍ରଦାନ କରିବା, କ୍ରମାଗତ ଭାବରେ ୫ ବର୍ଷ ଧରି ପ୍ରକାଶ ପାଉଥିବା ସମ୍ବାଦପତ୍ରମାନଙ୍କୁ ରାଜ୍ୟ ନିୟମ ଅନୁଯାୟୀ ଅନୁମୋଦନ ପ୍ରଦାନ କରିବା, ଆର.ଏନ୍.ଆଇ ପଞ୍ଜିକୃତ ଖବରକାଗଜଗୁଡ଼ିକର ସମ୍ପାଦକମାନଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନା ଅନ୍ତର୍ଭୁକ୍ତ କରିବା, ଡିଏଭିପି ଆଧାରରେ କ୍ଷୁଦ୍ର ଓ ମଧ୍ୟମ ଖବରକାଗଜମାନଙ୍କ ବିଜ୍ଞାପନ ଦର ନିର୍ଦ୍ଧାରଣ କରିବା ପ୍ରଭୃତି ଦାବି ସଂକ୍ରାନ୍ତରେ ବିସ୍ତୃତ ଭାବରେ ଏହି ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଏ ସଂକ୍ରାନ୍ତରେ ଯଥାଶୀଘ୍ର ଆବଶ୍ୟକୀୟ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ପୂର୍ବ ତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ସ୍କ୍ରାପ୍ ବିକ୍ରୟରୁ ରେକର୍ଡ ରାଜସ୍ୱ ଅର୍ଜନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ସ୍କ୍ରାପ୍ ବିନିଯୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏହାର ସର୍ବକାଳୀନ ସର୍ବାଧିକ ୨୯୦.୨୨ କୋଟି ରାଜସ୍ୱ ଆଦାୟ ରେକର୍ଡ। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳବାଇ ବୋର୍ଡର ୨୬୦ କୋଟି ଲକ୍ଷ୍ୟ ଠାରୁ ୩୦.୨୨ କୋଟି ଅଧିକ ଓ ୧୧.୬୨% ବୃଦ୍ଧି ଅଟେ । ଏହି ସଫଳତା ପୂର୍ବ ବର୍ଷର ପ୍ରାୟ ୨୬୯.୩ କୋଟି ଟଙ୍କାର ସର୍ବୋତ୍ତମ ସ୍କ୍ରାପ୍ ନିଷ୍କାସନ ରାଜସ୍ୱ ତୁଳନାରେ ୭.୭୭% ବୃଦ୍ଧିକୁ ଦର୍ଶାଉଛି, ଯାହା ସମ୍ବଳ ସଂଗ୍ରହ ଏବଂ ଦକ୍ଷ ପରିଚାଳନାରେ ଏହି ଜୋନର ନିରନ୍ତର ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି । 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅଧୀନରେ ଡିଭିଜନ, କର୍ମଶାଳା ଏବଂ ଲୋକୋ ସେଡ୍‌ଗୁଡ଼ିକରେ ନିରନ୍ତର ଓ କେନ୍ଦ୍ରିତ ଭାବେ ଚାଲିଥିବା ସ୍ୱଚ୍ଛତା ଅଭିଯାନର ଫଳସ୍ୱରୂପ ଏହି ସଫଳତା ହାସଲ ହୋଇଛି। ଏହି ପଦକ୍ଷେପଗୁଡ଼ିକ କେବଳ ରାଜସ୍ୱ ବୃଦ୍ଧିକୁ ତ୍ୱରାନ୍ୱିତ କରିନାହିଁ, ବରଂ ସ୍ୱଚ୍ଛ ପରିବେଶ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ପରିଚାଳନାଗତ କାର୍ଯ୍ୟକୁଶଳତା ବୃଦ୍ଧିରେ ମଧ୍ୟ ଉଲ୍ଲେଖନୀୟ ଭାବେ ସହାୟକ ହୋଇଛି। ଏହି ସଫଳତା ସମସ୍ତ ବିଭାଗ ଓ ଡିଭିଜନ ଗୁଡିକର ସମନ୍ୱିତ ପ୍ରୟାସ ସହିତ କ୍ଷେତ୍ରସ୍ତରୀୟ ୟୁନିଟ୍ ଏବଂ ମୁଖ୍ୟାଳୟରେ ଷ୍ଟୋର୍ସ ବିଭାଗର ଉତ୍ସର୍ଗୀକୃତ କାର୍ଯ୍ୟର ଏକ ସ୍ପଷ୍ଟ ପ୍ରମାଣ ଅଟେ। ସୁଚାରୁ ଯୋଜନା, ସୁସଂଗଠିତ ନିରୀକ୍ଷଣ ବ୍ୟବସ୍ଥା ଏବଂ ପାରଦର୍ଶୀ ଇ-ନିଲାମ ପ୍ରକ୍ରିୟା ସ୍କ୍ରାପ୍‌କୁ ଯଥେଷ୍ଟ ରାଜସ୍ୱରେ ପରିଣତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ରେକର୍ଡ ସଫଳତା ପଛରେ ୪୦,୩୪୨ ମେଟ୍ରିକ ଟନ୍‌ରୁ ଅଧିକ ପରିତ୍ୟକ୍ତ ରେଳ ଏବଂ ରେଳ ପଥ ସାମଗ୍ରୀ, ୫ ଲକ୍ଷରୁ ଅଧିକ ପି. ଏସ୍. ସି. ସ୍ଲିପର ଏବଂ ବହୁ ପରିମାଣର ଲୌହ ସ୍କ୍ରାପ୍ ନିଷ୍କାସନ ସାମଗ୍ରୀ ଅନ୍ତର୍ଭୁକ୍ତ। ଏହାବ୍ୟତୀତ, ବୈଦ୍ୟୁତିକ ଏବଂ ଡିଜେଲ ଇଞ୍ଜିନ, କୋଚ ଏବଂ ୱାଗନକୁ ନେଇ ଗଠିତ ରୋଲିଙ୍ଗ ଷ୍ଟକକୁ ଦକ୍ଷତାର ସହ ନିଲାମ କରାଯାଇଥିଲା। ପୂର୍ବତଟ ରେଳପଥ ପାଇଁ ଦକ୍ଷ ସ୍କ୍ରାପ୍ ନିଷ୍କାସନ ଏକ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇ ରହିଛି, କାରଣ ଏହା କେବଳ ମୂଲ୍ୟବାନ ଆର୍ଥିକ ସମ୍ବଳ ସୃଷ୍ଟି କରେ ନାହିଁ ବରଂ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ଅଧିକ ସଂଗଠିତ କାର୍ଯ୍ୟ ପରିବେଶକୁ ମଧ୍ୟ ପ୍ରୋତ୍ସାହିତ କରେ। ଏହି ସଫଳତା ପୂର୍ବ ତଟ ରେଳପଥର ପରିଚାଳନାଗତ ଉତ୍କର୍ଷତା, ଆର୍ଥିକ ସତର୍କତା ଏବଂ ପରିବେଶଗତ ସ୍ଥିରତା ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି , ଯାହା ଭାରତୀୟ ରେଳପଥର ଅନ୍ୟ ରେଳ ଜୋନ୍ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି।

# ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ଟିକେଟ୍ ଯାଞ୍ଚ ଆୟ ରେକର୍ଡ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ଟିକେଟ୍ ଯାଞ୍ଚ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରି ସମଗ୍ର ଜୋନ୍ ମଧ୍ୟରେ ସର୍ବାଧିକ ଆୟ ରେକର୍ଡ କରିଛି। ଉକ୍ତ ଅବଧିରେ ପ୍ରାୟ ୭.୩୮ ଲକ୍ଷ ଅନାଧିକୃତ ଓ ଅନିୟମିତ ଯାତ୍ରୀଙ୍କୁ ଠାରୁ ଭାଡ଼ା ଓ ଜରିମାନା ଆଦାୟ କରି ମୋଟ ୩୯.୭୧ କୋଟି ଟଙ୍କା ଆୟ ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୨୧% ବୃଦ୍ଧିକୁ ପ୍ରତିଫଳିତ କରୁଅଛି। ଏହି ସଫଳତା ବ୍ୟବସ୍ଥିତ ପରିକଳ୍ପନା ଓ ବାଣିଜ୍ୟ ବିଭାଗର ସୁଚିନ୍ତିତ କାର୍ଯ୍ୟଅନୁଷ୍ଠାନ ସହ ସୁରକ୍ଷା ବିଭାଗଙ୍କ ସମନ୍ୱିତ ପ୍ରୟାସର ଫଳସ୍ୱରୂପ ସମ୍ଭବ ହୋଇଛି। ବିଭାଗ ଅଧୀନର ବିଭିନ୍ନ ଟ୍ରେନ୍ ଓ ଷ୍ଟେସନ୍‌ଗୁଡ଼ିକରେ ପ୍ରାୟ ୩,୦୦୦ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ ଚାଲାଯାଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମ ଖୋର୍ଦ୍ଧା ରୋଡ୍ ମଣ୍ଡଳ ର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ ଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥିଲା। ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଯାତ୍ରୀମାନଙ୍କୁ ବୈଧ ଟିକେଟ୍ ସହ ଯାତ୍ରା କରିବାକୁ ଓ ରେଳବାଇକୁ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି, ଯାହା ଫଳରେ ସତ୍ୟନିଷ୍ଠ ଯାତ୍ରୀମାନଙ୍କ ପାଇଁ ଉତ୍ତମ ସେବା ସୁନିଶ୍ଚିତ ହେବ। ଦୈନିକ ଯାତ୍ରୀମାନଙ୍କୁ ଗରଗଟ/ ଲୋକାଲ୍ ଟ୍ରେନ୍‌ରେ ନିୟମିତ ଯାତ୍ରା ପାଇଁ ମ୍‌ଏସ୍‌ଟି/ କ୍ୟୁଏସ୍‌ଟି/ ୱାଇଏସ୍‌ଟି ପରି ରିଆତି ସୁବିଧା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଅନାଧିକୃତ ଯାତ୍ରାକୁ ରୋକିବା ସହିତ ଶୃଙ୍ଖଳିତ ଯାତ୍ରା ପରିବେଶ ସୁନିଶ୍ଚିତ କରିବା ପାଇଁ ବିଭାଗ ଟିକେଟ୍ ଯାଞ୍ଚ ଅଭିଯାନକୁ ଆହୁରି ତୀବ୍ର କରାଯାଇଛି ।

# ଷଷ୍ଠରୁ ଦଶମ ଛାତ୍ରଛାତ୍ରୀ ପଢିବେ ଆର୍ଥିକ ସାକ୍ଷରତା ପାଠ

# ୭୩୬ ପିଏମ୍ ଶ୍ରୀ ବିଦ୍ୟାଳୟରେ ଚାଲିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମ୍‌ଶ୍ରୀ ସ୍କୁଲ ଗୁଡିକରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସାକ୍ଷରତା ଉପରେ ଶିକ୍ଷା ଦିଆଯିବ। ସେମାନେ ବିଭିନ୍ନ ଆର୍ଥିକ ଯୋଜନା ଉପରେ ଜ୍ଞାନ ଆହରଣ କରିବେ । ଏଥିପାଇଁ ଜାତୀୟ ଆର୍ଥିକ ଶିକ୍ଷା କେନ୍ଦ୍ର (ଏନ୍‌ସିଏଫ୍‌ଇ) ସହ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ( ପିଏସଏସଏସ) ମଧ୍ୟରେ ଏକ ଚୁକ୍ତିନାମା ସୋମବାର ସ୍ୱାକ୍ଷରିତ ହୋଇଛି।

ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ପ୍ରମୁଖ ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକଙ୍କ ଉପସ୍ଥିତିରେ ପଂଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଏହାର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକ ଶ୍ରୀମତୀ ଅନନ୍ୟା ଦାସ ଓ ଏନସିଏଫ୍‌ଇ ପକ୍ଷରୁ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ଚନ୍ଦ୍ର ଜେନା ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁସାରେ, ଜାତୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ ରଖି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୭୩୬ଟି ବିଦ୍ୟାଳୟରେ ପ୍ରଚଳନ କରାଯିବ । ଏହି କାର୍ଯ୍ୟକ୍ରମର ବ୍ୟାପକ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ପ୍ରଚାର କରିବା ସହ ସେମାନଙ୍କ ମଧ୍ୟରେ ଆର୍ଥିକ କାରବାର ପରିଚାଳନା ଦକ୍ଷତାର ବିକାଶ କରିବା ଯାହାଦ୍ୱାରା ସେମାନଙ୍କର ଉଦ୍ୟୋଗିକ ଦକ୍ଷତା ବୃଦ୍ଧି ପାଇବ ।

ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକସ୍ତରରୁ ଟଙ୍କା, ସଂଚୟ, ବଜେଟ୍ ପରିଚାଳନା, ବ୍ୟାଙ୍କିଂ, ନିବେଶ, ଟିକସ, ଅର୍ଥ କାରବାର ଓ ଆର୍ଥିକ ଦାୟିତ୍ୱବୋଧ ସମ୍ପର୍କିତ ଜ୍ଞାନ ଆହରଣ କରିବେ। ଏହା ତାଙ୍କୁ ଭବିଷ୍ୟତରେ ସଚେତନ ଓ ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ି ତୋଳିବ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟରେ ଲାଗୁ ହେବା ପୂର୍ବରୁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆର୍ଥିକ ସାକ୍ଷରତା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ । ଏହାଦ୍ୱାରା ସେମାନେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଭାବରେ ଶିକ୍ଷା ଦାନ କରିପାରିବେ । ଏନସିଏଫ୍‌ଇ ଅଧୀନରେ ଚିହ୍ନଟ ବିଦ୍ୟାଳୟଗୁଡ଼ିକୁ "ମନି ସ୍ମାର୍ଟ ସ୍କୁଲ୍" ଭାବେ ପ୍ରମାଣିତ କରାଯିବାର ବ୍ୟବସ୍ଥା ରହିଛି। ଏହି ସହଯୋଗ ଓଡ଼ିଶା ସରକାରଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଦକ୍ଷତାରେ ସଶକ୍ତ କରିବାରେ ଆଉ ଗୋଟିଏ ମାଇଲଖୁଂଟ। ଏହି ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ପିଏସଏସଏସର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀମତୀ ରାଜ ଲକ୍ଷ୍ମୀ ଦାଶ ଉପସ୍ଥିତ ଥିଲେ ।

# ଚୌଦ୍ୱାର ଜେଲର ସ୍ୱତନ୍ତ୍ର ସେଲ୍‌ରେ କୁଖ୍ୟାତ ଡକାୟତ ରାଜା ସାହାଣୀ

**କଟକ, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିଥିବା ଅନ୍ୟତମ ଅଭିଯୁକ୍ତ ରାଜା ସାହାଣୀ (୩୯)କୁ କମିସନରେଟ ପୁଲିସ ଗୁରୁବାର ଉତ୍ତରାଖଣ୍ଡର ରଷିକେଶରୁ ଗିରଫ କରିଥିଲା। ଆଜି ତାକୁ ଭୁବନେଶ୍ୱର ଅଣାଯିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅପରାହ୍ଣରେ କଟକ ଜେଏମଏଫସି କୋର୍ଟରେ ହାଜର କରାଯାଇଥିଲା। ସନ୍ଧ୍ୟାରେ ତାକୁ ଚୌଦ୍ୱାର ମଣ୍ଡଳ କାରାଗାର ପଠାଇ ଦିଆଯାଇଛି। ଜେଲ୍‌ରେ ରାଜାକୁ ଏକ ସ୍ୱତନ୍ତ୍ର ସେଲ୍‌ରେ ରଖାଯାଇଛି। ସେଠାରେ କ୍ୟାମେରା ସହ ସେନ୍‌ସର ଲଗାଯାଇଛି। ପାଳି କରି ଜଗିବା ପାଇଁ ୩ ଜଣ ଓ ତନଖି ପାଇଁ ଅଧିକ ୨ ଜଣଙ୍କୁ ମୁତୟନ କରାଯାଇଛି। ରାଜା ପୂର୍ବରୁ ଏଠାରେ ରହିଥିବାରୁ ଜେଲ୍‌ର ଭୌଗୋଳିକ ସ୍ଥିତି ତାକୁ ବେଶ୍ ଜଣା। ତେଣୁ ଅନ୍ୟ ଜେଲ୍‌କୁ ତାକୁ ସ୍ଥାନାନ୍ତର କରାଯିବା ସକାଶେ ଜେଲ୍ କର୍ତ୍ତୃପକ୍ଷ ବିଚାରବିମର୍ଶ କରୁଛନ୍ତି। ତଦନ୍ତରେ ସହଯୋଗ ଓ ଅଧିକ ପଚରାଉଚରା ପାଇଁ ପୁଲିସ ପକ୍ଷରୁ ଅଦାଲତରେ ୭ ଦିନିଆ ରିମାଣ୍ଡ ଆବେଦନ କରାଯାଇଥିବା ଜଣାପଡ଼ିଛି। ଆଜି ଛୁଟି ଦିବସ ଥିବାରୁ ଆସନ୍ତାକାଲି ଅଦାଲତ ଖୋଲିବା ପରେ ରିମାଣ୍ଡ ଅବଧି ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି। ଅନ୍ୟତମ ଅଭିଯୁକ୍ତ ମଧୁକାନ୍ତକୁ ଜେରା ବେଳେ ପୁଲିସ ଅନେକ ତଥ୍ୟ ହାସଲ କରିଥିଲା। ତେବେ ରାଜା ସମ୍ପର୍କରେ ସେ ମୁହଁ ଖୋଲିନଥିଲା। ଏବେ ରାଜା ଗିରଫ ହୋଇଥିବାରୁ ସେମାନଙ୍କର କଳା ସାମ୍ରାଜ୍ୟ ଉପରୁ ପରଦା ହଟିବ ବୋଲି ପୁଲିସ ଆଶା ରଖିଛି। ପ୍ରକାଶଥାଉ କି, ଚୌଦ୍ୱାର ଜେଲ୍‌ରୁ ରାଜା ଫେରାର ହେବା ପରେ କର୍ଣ୍ଣାଟକରେ ୧୦ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟିଥିଲା। ତା'ର ସହଯୋଗୀମାନଙ୍କ ସହ ଏହି ଲୁଟ କରିଥିବା ବେଳେ ସେଠାରୁ ଫେରାର ହୋଇଯାଇଥିଲା। ଅନ୍ୟତମ ସହଯୋଗୀ ମଧୁକାନ୍ତ ରାଣା ଗିରଫ ହେବା ପରେ ରାଜା ଜାଣି ନେଇଥିଲା ପୁଲିସ ତା ପଛରେ ପଡ଼ିଛି। ସେଥିପାଇଁ ସେ କିଛିଦିନ ଅନ୍ତରରେ ସ୍ଥାନ ପରିବର୍ତ୍ତନ କରୁଥିଲା। ଉତ୍ତର ପ୍ରଦେଶ, ଦିଲ୍ଲୀ, ମୁମ୍ବଇ, ବିହାର, ଝାଡ଼ଖଣ୍ଡରେ ସେ ଅଧିକ ଦିନ ରହୁଥିଲା। କିଛିଦିନ ହେବ ସେ ଉତ୍ତରାଖଣ୍ଡରେ ରହୁଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ଉତ୍ତରାଖଣ୍ଡ ପୁଲିସ ସହଯୋଗରେ ରଷିକେଶରୁ ତାକୁ ଗିରଫ କରାଯାଇଥିଲା। ରାଜା ସାହାଣୀ ଗ୍ୟାଙ୍ଗରେ ୨୦୦୦ରୁ ଉର୍ଦ୍ଧ୍ୱ ସହଯୋଗୀ ଥିବାବେଳେ ଦେଶର ମୋଷ୍ଟ ୱାଣ୍ଟେଡ ଡକାୟତ ଭାବରେ ବିଭିନ୍ନ ରାଜ୍ୟର ପୁଲିସ ତାକୁ ଖୋଜୁଥିଲା। ରାଜା ଓ ମଧୁକାନ୍ତ ଗ୍ୟାଙ୍ଗର ମୁଖ୍ୟ ରହୁଛି ନେପାଳରେ। ସେଠାରୁ ରହି ସେ ଅପରାଧିକ କାର୍ଯ୍ୟ ପରିଚାଳନା କରେ। କାହାକୁ କେଉଁ କାମ ଦିଆଯିବ ତାହା ସେ ସ୍ଥିର କରୁଥିଲା। ଗ୍ୟାଙ୍ଗରେ ଟେକ୍ନିକାଲ ଟିମ୍ ମଧ୍ୟ ରହିଥିଲେ। ବିଶେଷକରି ବ୍ୟାଙ୍କ, ଅଳଙ୍କାର ଦୋକାନକୁ ସେମାନେ ଟାର୍ଗେଟ କରୁଥିଲେ। ସୁନା ଲୁଟ ସମୟରେ ଯେଉଁ ଗାଡ଼ିରେ ସୁନା ନେଇଥାନ୍ତି, ମୋବାଇଲ ଯେପରି ଟ୍ରାକ ହୋଇପାରିବ ନାହିଁ; ସେଥିପାଇଁ ଗାଡ଼ିରେ ଜାମର ବ୍ୟବହାର କରୁଥିଲେ। ଏହାସହ ସମସ୍ତେ ଜିପିଏସ ଏବଂ ହାଇ ଟେକ୍ନୋଲୋଜି ଆପ୍ଲିକେସନ୍ ଜରିଆରେ କଥାବାର୍ତ୍ତା କରିଥାନ୍ତି। ଡକାୟତି ପରେ ରାଜା ଓ ମଧୁକାନ୍ତ ସୁନାକୁ ନେପାଳ ଓ ଅନ୍ୟ ଦେଶରେ ଥିବା ଗ୍ୟାଙ୍ଗ୍ ସଦସ୍ୟଙ୍କୁ ବିକ୍ରି ପାଇଁ ପଠାଇଥାନ୍ତି। ଏହି ଉପାୟରେ ସେମାନେ କୋଟିକୋଟି ଟଙ୍କା ରୋଜଗାର କରୁଥିଲେ ବୋଲି ପୁଲିସ କମିସନର ଏସ. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ସୂଚନା ଥାଉକି, ୨୦୨୫ ଜାନୁଆରୀ ୪ରେ ପାଣିକୋଇଲି ଛକରେ ଏକ ଅଳଙ୍କାର ଦୋକାନରୁ ଲୁଟ ଓ ହତ୍ୟା ଘଟଣାରେ ଯାଜପୁର ପୁଲିସ ବିହାର ସାରନ ଜିଲାର ସିଂହ ଓରଫ ମଧୁକାନ୍ତ ରାଣା ଓ ରାଜା ସାହାଣୀକୁ ଗିରଫ କରିଥିଲା। ପରେ ଉଭୟଙ୍କୁ ଯାଜପୁରରୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ୨୦୨୫ ଅକ୍ଟୋବର ୩ ତାରିଖ ଭୋର ସମୟରେ ଉଭୟ ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିଲେ। ସୁଉଚ୍ଚ ପାଚେରିରେ କପଡ଼ାକୁ ବାନ୍ଧି ଉଭୟ ଖସି ପଳାଇଥିଲେ। ୪ମାସ ପରେ ଗତ ଫେବୃଆରୀ ୧୩ ତାରିଖରେ କମସିନରେଟ ପୁଲିସ ମଧୁକାନ୍ତକୁ ବୃନ୍ଦାବନର ଏକ ମଠରୁ ଗିରଫ କରିଥିଲା। ମଧୁକାନ୍ତ ଏବେ ଝାରପଡ଼ା ଜେଲରେ ରହିଛି। ଅନ୍ୟତମ ଅଭିଯୁକ୍ତ ରାଜାକୁ କମିସନରେଟ ପୁଲିସ ଉତ୍ତରାଖଣ୍ଡର ରଷିକେଶରୁ ଗିରଫ କରିଥିଲା।

# ଓଡ଼ିଆ ପକ୍ଷ ଅବସରରେ ବିଏମ୍‌ସି ପାଳିଲା ସ୍ୱଚ୍ଛ ଓଡ଼ିଶା ଦିବସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର ଆଉ ଏକ ପଦକ୍ଷେପ । ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା 'ଓଡିଆ ପକ୍ଷ' ଅବସରରେ ଆଜି ଥିଲା "ସ୍ୱଚ୍ଛ ଓଡିଶା ଦିବସ" । ଏହି ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏକା ସାଙ୍ଗରେ ୬ଟି ସ୍ଥାନରେ ଗଣ ସଫେଇ ହୋଇଥିଲା । ଏହି ଗଣସଫେଇ ଅଭିଯାନର ଶୁଭାରମ୍ଭ ହୋଇଥିଲା ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ପ୍ରାଙ୍ଗଣରୁ । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ରତ୍ନାକର ସାହୁ, କର୍ପୋରେଟର ଅଜୟ ବେହେରା, ଶିବ ପ୍ରସାଦ ରାୟ, ଶିବପ୍ରସାଦ ବେହେରା, ଚନ୍ଦ୍ର ଶେଖର ମଲ୍ଲିଆ, ଗ୍ରୀଭାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ବିନୟିନୀ ଜେନା, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁଙ୍କ ସହ ବହୁ ବରିଷ୍ଠ ଅଧିକାରୀ ମଞ୍ଚାସୀନ ଥିଲେ । ଏହି ଗଣସଫେଇ କାର୍ଯ୍ୟକ୍ରମରେ ଟିମ୍ ବିଏମ୍‌ସି ସହ ବିଭିନ୍ନ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ପରିମଳ ନିରୀକ୍ଷକ ଏବଂ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ ।

ଓଡିଆ ପକ୍ଷକୁ ସଶକ୍ତ କରିବା ସହ ସ୍ୱଚ୍ଛ ସର୍ବେକ୍ଷଣକୁ ଆଉ ପାଦେ ଆଗେଇ ନେବା ପାଇଁ ସ୍ୱଚ୍ଛ ଓଡିଶା ଦିବସକୁ ଧୁମ୍ ଧାମରେ ପାଳନ କରାଯାଇଥିଲା। ଏକା ସାଙ୍ଗରେ ନନ୍ଦନକାନନ ଜୁଲୋଜିକାଲ ଗାର୍ଡେନ, ପଟିଆ ଜଗନ୍ନାଥ ମନ୍ଦିର, ବରମୁଣ୍ଡା ବସଷ୍ଟାଣ୍ଡ, ଖଣ୍ଡଗିରି ଓ ଉଦୟଗିରି, ଭୁବନେଶ୍ୱର ରେଳବାଇ ଷ୍ଟେସନ ଓ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଗଣସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରତ୍ୟେକ ସ୍ଥାନରେ ୧୫୦ରୁ ଅଧିକ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଏସ୍.ଆଇଙ୍କ ସହ ଟିମ୍ ବିଏମ୍‌ସି ରହିଥିବା ବେଳେ ଲିଙ୍ଗରାଜଙ୍କ ମନ୍ଦିର ପ୍ରାଙ୍ଗଣରେ ମେୟର ଓ କମିଶନର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ ୪୦୦ କର୍ମୀଙ୍କ ସହ ସାଧାରଣ ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।


OFFICE OF THE MUNICIPAL COUNCIL : JAGATSINGHPUR 13001/41/2627
No. 2087 Dt.31/03/2026

COMPETITIVE BIDDING THROUGH e-Procurement

NOTICE INVITING TENDER
Bid Reference No. JSPURM-02/2025-26/Dt.

On behalf of the Jagatsinghpur Municipality, on-line e-tender **Item Rate Bids** are invited bid Executive Officer, Jagatsinghpur Municipality from the intending **registered suppliers manufacturers/agencies** and eligible category of bidders in conformity with the Detailed Tender Call Notice for execution of the work **"Exterior Glass Paneling work for Office Building of Jagatsinghpur Municipality"** a mentioned in the DTCN.

1. Total No. of works for which Tenders invited: 01 No.
2. Place of Execution: Inside of Jagatsinghpur Municipality.
3. Eligible Class of Contractors: **Registered suppliers/ manufacturers/agencies** as indicated against each work mentioned in the Tender Call Notice.
4. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from 11 A.M on 02.04-2026 to 5 P.M on 16.04-2026 for online bidding.
6. Bids received online will be opened at **11 A.M on 17.04.2026.**
7. The bidder must possess valid and compatible **Digital Signature Certificate (DSC).**
8. The DTCN for 01 No. of work shall be available in the e-procurement portal https://www.tendersodisha.gov.in for on-line bidding.

Sd/- Executive Officer
Jagatsinghpur Municipality

OIPR-13001/13087/1/26-27/0001



GOVERNMENT OF ODISHA 19001/11/2627
PANCHAYATIRAJ & D.W. DEPARTMENT
OFFICE OF THE PANCHAYAT SAMITI, ERSAMA
'e' mail ID: ori-ersama@gramsat.nic.in
'e' Procurement Notice No.BDO-EPS-05 of 2025-26

1 Number of the work : 2 (Two) Nos.
2 Tender Amount (Approx.) : Rs.41.66 Lakh to 62.70 Lakh
3 EMD (online) : Rs.41,700.00 & Rs.62,800.00
4 Tender Paper Cost (online) (Non-Refundable) : Rs.6,000/- & Rs.10,000/-
5 Class of Contractor : "B" Class Contractor
6 Period of Completion : 10 (ten) Calendar Months

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of opening of the bid | Place of opening of Bid |
|---|---|---|---|---|---|---|
| | | From | To | | | |
| BLOCK DEVELOPMENT OFFICER, ERSAMA | BDO-EPS-05 / 2025-26 | 31.03.2026 at 10.00 Hours | 21.04.2026 at 17.30 Hours | 18.04.2026 upto 1.00 P.M during office hours on working days | 22.04.2026 upto 11.00 AM during office hours | O/o the Panchayat Samti Ersama |

Further details can be seen from the Govt. web site "https://tendersodisha.gov.in
All corrigendum / cancellation of tender if any, will only be uploaded in the above web site

OIPR-19001/19452/1/26-27/0002 Sd/- BLOCK DEVELOPMENT OFFICER, ERSAMA

ଭୁବନେଶ୍ୱର, ୦୭ ଅପ୍ରେଲ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ଦୀକ୍ଷାନ୍ତ ସମାରୋହ

# ସାଇବର ଓ ସଂଗଠିତ ଅପରାଧକୁ ମୁକାବିଲା କରିବା ପାଇଁ ଡିଜିପିଙ୍କ ପରାମର୍ଶ

**ଭୁବନେଶ୍ୱର, ୬/୦୪ ନ୍ୟୁଜ ବ୍ୟୁରୋ**

ସୋମବାର ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ୯ମ ବ୍ୟାଚ୍ ଡିଏସପି ପ୍ରୋବେସନରଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଡିଜିପି ନିଜ ବକ୍ତବ୍ୟରେ କହିଥିଲେ,, ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିବା ଗୁଣାତ୍ମକ ପ୍ରଶିକ୍ଷଣ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱବାନ, ସକ୍ଷମ ଓ ପେଶାଦାର ଭାବେ ଗଢ଼ି



ତୋଳିବ। ଆଗାମୀ ଦିନରେ ସାଇବର ଅପରାଧ, ସଂଗଠିତ ଅପରାଧ ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜକୁ ସାହସ ଓ ସତ୍ୟନିଷ୍ଠାର ସହିତ ମୁକାବିଲା କରିବା ପାଇଁ ଡିଜିପି ପରାମର୍ଶ ଦେଇଥିଲେ। ନବମ ବ୍ୟାଚର ୫ ଜଣ ଡିଏସ୍‌ପି ସଫଳତାର ସହ ମୌଳିକ ପ୍ରଶିକ୍ଷଣ ସମାପ୍ତ କରି ଏହି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ଏହି ଅବସରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଡିଜିପି କୃତୀ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ସୃଷ୍ଟି ପ୍ରଧାନଙ୍କୁ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ଗଭର୍ଣ୍ଣର ମେଡାଲ ଓ ଟ୍ରଫି ସହିତ ଇନଡୋର ବିଷୟରେ ସର୍ବୋଚ୍ଚ ନମ୍ବର ଓ ଏନ୍‌ଆଇସିଏଫ୍‌ଏସ୍ ମେଡାଲ୍ ଅର୍ଜନ କରିଥିଲେ। ସେହିପରି ସୌରଭ ରଞ୍ଜନ ପ୍ରଧାନ ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ସମ୍ମାନିତ ହେବା ସହ ଆଉଟଡୋର ବିଷୟରେ ସର୍ବୋଚ୍ଚ ନମ୍ବର ପାଇଥିଲେ । ପଙ୍କଜ ମାଝୀ ଏଇଟି କୋର୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡାଇରେକ୍ଟର ଟ୍ରଫି ଲାଭ କରିଥିଲେ। ସମାରୋହରେ ଏକାଡେମୀର ନିର୍ଦ୍ଦେଶିକା ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ୍ ସାଇନି, ବରିଷ୍ଠ ପୁଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ପ୍ରଶିକ୍ଷାର୍ଥୀଙ୍କ ପରିବାରବର୍ଗ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ସମ୍ପନ୍ନ

**ପୁରୀ, ୬/୦୪ ନ୍ୟୁଜ ବ୍ୟୁରୋ**



ଅକ୍ଷୟ ତୃତୀୟାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ । ପରମ୍ପରା ମୁତାବକ ଚନ୍ଦନ ଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହୋଇଥାଏ । ଏହି କ୍ରମରେ ଶ୍ରୀମନ୍ଦିରରେ ସୋମବାର ପଇତା ଲାଗି ନୀତି ଅନୁଷ୍ଠିତ ହୋଇଯାଇଛି । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗରେ ଦୈନନ୍ଦିନ ଲାଗି ହେଉଥିବା ଚନ୍ଦନକୁ ବାସୁଙ୍ଗାପାଟରେ ପ୍ରସ୍ତୁତ ଏହି ପଇତା ସୁରକ୍ଷା ଦେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ସନ୍ଧ୍ୟାରୁ ଚାରି ଘଣ୍ଟା ଧରି ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ପରେ ଏହି ଗୁପ୍ତ ନୀତି ସମ୍ପାଦିତ ହୋଇଥିଲା। ପରମ୍ପରା ଅନୁସାରେ, ଗୋଷ୍ଠୀଗତ ଭାବରେ ଏହି ନୀତିକୁ ଦଇତାପତି ସେବାୟତମାନେ ସମ୍ପାଦିତ କରିଥିଲେ । ନୀତି ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ବାସୁଙ୍ଗା ପାଟ ନେଇ ପାଟରା ସେବକମାନେ ଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି ପାଟ ପଇତା ବୋଳିଥିଲେ। ପରେ ପ୍ରସ୍ତୁତ ପଇତାକୁ ଦେଉଳ-କରଣଙ୍କୁ ଯୋଗାଇଥିଲେ। ଏହାପରେ ସେହି ବାସୁଙ୍ଗା ପାଟରେ ପ୍ରସ୍ତୁତ ପଇତାକୁ ଶ୍ରୀବିଗ୍ରହଙ୍କୁ ଲାଗି କରାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଏହି ପଇତା ଲାଗିର ପରମ୍ପରା ରହିଆସିଛି। ତେବେ ବନକ ଲାଗି, ପଇତା ଲାଗି ଓ ଚିତାଲାଗି ଆଦି ନୀତି ବିଶେଷତଃ ଚତୁର୍ଦ୍ଧାମୂର୍ତ୍ତିଙ୍କର ଶ୍ରୀମୁଖ ଓ ଶ୍ରୀଅଙ୍ଗ ଶୃଙ୍ଗାର ନୀତି ହୋଇଥାଏ। ଏହା ବିଶେଷ ତିଥିରେ ଅନୁଷ୍ଠିତ ହୁଏ । ଏହାକୁ ନିର୍ଦ୍ଦିଷ୍ଟ ସେବାୟତ ବର୍ଗ ସମ୍ପାଦନ କରିଥାନ୍ତି । ଏହି ନୀତି ବେଳେ କିଛି ଘଣ୍ଟା ପାଇଁ ସାମୟିକ ଦର୍ଶନ ବ୍ୟବସ୍ଥାକୁ ବନ୍ଦ ରଖାଯାଏ। ଏହା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଶ୍ରଦ୍ଧାଳୁଙ୍କ ଅବଗତ ମଧ୍ୟ କରିଥାଏ ବୋଲି ସୂଚନା ମିଳିଛି।

## ଦଳବିରୋଧୀ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ

# ମୁକ୍ତିକାନ୍ତ ମଣ୍ଡଳ ଓ ମଞ୍ଜୁଲତା ମଣ୍ଡଳ ବିଜେଡିରୁ ନିଲମ୍ବିତ



**ଭୁବନେଶ୍ୱର, ୬।୪ ନ୍ୟୁଜ ବ୍ୟୁରୋ**

ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ସେହିପରି ମୁକ୍ତିକାନ୍ତଙ୍କ ପତ୍ନୀ ତଥା ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କୁ ମଧ୍ୟ ବିଜେଡିରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କ ବିରୋଧରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନବୀନଙ୍କ ନିର୍ଦ୍ଦେଶ କ୍ରମେ ଉଭୟଙ୍କୁ ନିଲମ୍ବନ କରାଯାଇଛି। ମୁକ୍ତିକାନ୍ତ ମଣ୍ଡଳ ୨୦୧୪ରେ ଧାମନଗର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ମଞ୍ଜୁଲତା ମଣ୍ଡଳ ୨୦୧୯ ଲୋକସଭା ଆସନରେ ବିଜେଡିରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

# ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା : ଦୁର୍ନୀତି ଅଭିଯୋଗର ସିବିଆଇ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୬/୦୪**

ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏବଂ ତାଙ୍କ ପରିବାରର ସଦସ୍ୟଙ୍କ ନାମରେ ଆସିଥିବା ବ୍ୟାପକ ଦୁର୍ନୀତି ଏବଂ ସ୍ୱଜନପ୍ରୀତି ଅଭିଯୋଗକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି। ସୋମବାର ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାରେ ସିବିଆଇର ପ୍ରାଥମିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ରହିଛି ଯେ, ଖାଣ୍ଡୁ ନିଜ କ୍ଷମତାର ଅପବ୍ୟବହାର କରି ନିଜ ପରିବାର ଓ ସମ୍ପର୍କୀୟଙ୍କ ବିନା ଖୋଲା ଟେଣ୍ଡରରେ ପ୍ରାୟ ୧,୨୭୦ କୋଟି ଟଙ୍କାର ସରକାରୀ ଠିକା ପ୍ରଦାନ କରିଛନ୍ତି। ଏନଜିଓ 'ଭୋଲୁଣ୍ଟାରୀ ଅରୁଣାଚଳ ସେନା' ଏବଂ 'ସେଭ୍ ମୋନ୍ ରିଜିଅନ୍ ଫେଡେରେସନ୍' ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ନେହା ରାଠୀ ଏହି ଆବେଦନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜାନୁଆରୀ ୨୦୧୫ରୁ ଡିସେମ୍ବର ୩୧, ୨୦୨୫ (ଦୀର୍ଘ ୧୦ ବର୍ଷ) ମଧ୍ୟରେ ରାଜ୍ୟରେ ସ୍ୱଚ୍ଛ ତଥା ଖୋଲା ଟେଣ୍ଡର ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଇ ଖୋଲାଖୋଲି ଭାବେ ବ୍ୟାପକ ଦୁର୍ନୀତି ଏବଂ ସ୍ୱଜନପ୍ରୀତି କରାଯାଇଛି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ଶୁଣାଣି କରି ସିବିଆଇକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ ସିବିଆଇ ଏହି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିବ ଏବଂ ଆସନ୍ତା ୧୬ ସପ୍ତାହ ମଧ୍ୟରେ ସିବିଆଇକୁ ନିଜର ବିସ୍ତୃତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି। ବିଶେଷ କରି ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ, ତାଙ୍କ ଭାଇ ସେରିଙ୍ଗ୍



ତାଶି ଏବଂ ସାବତ ମା' ରିଞ୍ଚିନ୍ ଡ୍ରେମା ତଥା ସେମାନଙ୍କ ସହ ଜଡ଼ିତ ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକୁ ମିଳିଥିବା ସରକାରୀ ଠିକାର ସ୍ୱତନ୍ତ୍ର ଯାଞ୍ଚ କରିବାକୁ କୋର୍ଟ ଗୁରୁତ୍ୱାରୋପ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହି ପ୍ରାଥମିକ ତଦନ୍ତ କେବଳ ଅଭିଯୋଗର ସତ୍ୟତା ଜାଣିବା ପାଇଁ ଉଦ୍ଦିଷ୍ଟ। ଏହି ୧୦ ବର୍ଷ ମଧ୍ୟରେ କିପରି ସରକାରୀ ଠିକା ପ୍ରଦାନ କରାଯାଇଥିଲା, ଖୋଲା ଟେଣ୍ଡର ବ୍ୟବସ୍ଥାକୁ କାହିଁକି ବାଦ୍ ଦିଆଯାଇଥିଲା, ସରକାରୀ ନିୟମ ପାଳନ ହୋଇଛି କି ନାହିଁ ଏବଂ ପାଣ୍ଠି କେଉଁଠିକି ଯାଇଛି, ସେସବୁର ଖୋଳତାଡ଼ ସିବିଆଇ କରିବ। ଆବଶ୍ୟକ ପଡ଼ିଲେ ବେଆଇନ କାରବାରର ମୂଳ ତଥା ହିତାଧିକାରୀଙ୍କ ସମ୍ପର୍କ ଖୋଜିବା ପାଇଁ ସିବିଆଇ ୨୦୧୫ ପୂର୍ବର ତଥ୍ୟ ମଧ୍ୟ ଯାଞ୍ଚ କରିପାରିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅରୁଣାଚଳ ପ୍ରଦେଶ ସରକାର ଏବଂ ଏହାର ସମସ୍ତ ବିଭାଗ ସିବିଆଇକୁ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ସିବିଆଇକୁ ସମସ୍ତ ପ୍ରଶାସନିକ ଅନୁମୋଦନ, ଟେଣ୍ଡର କାଗଜପତ୍ର, ୱାର୍କ ଅର୍ଡର, ବିଲ୍, ଭାଉଚର, ବ୍ୟବହାର ପ୍ରମାଣପତ୍ର ଏବଂ ଇ-ପ୍ରୋକ୍ୟୁରମେଣ୍ଟ ସମ୍ପର୍କିତ ଡାଟା ପ୍ରଦାନ କରିବାକୁ କୁହାଯାଇଛି। ସିବିଆଇ ସହ ସମନ୍ୱୟ ରକ୍ଷା କରିବା ପାଇଁ ଗୋଟିଏ ସପ୍ତାହ ମଧ୍ୟରେ ଜଣେ 'ନୋଡାଲ୍ ଅଫିସର' ନିଯୁକ୍ତ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ବିଭାଗଗୁଡ଼ିକ ମଧ୍ୟ ସିବିଆଇକୁ ସମସ୍ତ ରେକର୍ଡ ଦେବା ପାଇଁ ନିଜର ନୋଡାଲ୍ ଅଫିସର ନିଯୁକ୍ତ କରିବେ।

# କବି ସ୍ୱୟଂପ୍ରଭା ରଥଙ୍କ କବିତା ପୁସ୍ତକ 'ଶବ୍ଦ ଫୁଲର ତର୍ପଣ' ଅନ୍ତର୍ଜାତୀୟ ମଞ୍ଚରେ ଉନ୍ମୋଚିତ

**ଡେନଭର, ଆମେରିକା/୬/୦୪**

ପ୍ରସିଦ୍ଧ କବି ଏବଂ ଲେଖିକା ସ୍ୱୟଂପ୍ରଭା ରଥଙ୍କ କବିତା ପୁସ୍ତକ 'ଶବ୍ଦ ଫୁଲର ତର୍ପଣ' ଆମେରିକାର ଡେନଭରରେ ଥିବା ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାର ରକି ମାଉଣ୍ଟେନ୍ ଚାପ୍ଟର ଦ୍ୱାରା ଆୟୋଜିତ "ଓଡ଼ିଆ ପକ୍ଷ"ଉତ୍ସବରେ ଉନ୍ମୋଚିତ ହୋଇଛି। କଲୋରାଡୋ ଏବଂ ପଡ଼ୋଶୀ ଆମେରିକାର ରାଜ୍ୟର ସମୃଦ୍ଧ ଓଡ଼ିଆ ସମ୍ପ୍ରଦାୟ ବହୁ ସଂଖ୍ୟାରେ ଏଠାରେ ଉପସ୍ଥିତ ଥିଲେ । ଓଡ଼ିଶାର ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନରେ ଅଂଶଗ୍ରହଣ କରିଥିଲେ। ପୁସ୍ତକ ଉନ୍ମୋଚନ ପରେ ଶ୍ରୀମତୀ ରଥ ତାଙ୍କର କିଛି କବିତା ମଧ୍ୟ ପାଠ କରିଥିଲେ ଏବଂ ଓଡ଼ିଶାର ଗୌରବମୟ ପରମ୍ପରା ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବିଷୟରେ କହିଥିଲେ। ସେ ଓଡ଼ିଆ ସମ୍ପ୍ରଦାୟର ବୃତ୍ତିଗତ ଅବଦାନ, ଜୀବନର ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ଏବଂ ଓଡ଼ିଶାର ପରମ୍ପରାକୁ ଏକ ଦୂର ଦେଶରେ ଜୀବନ୍ତ ରଖିବା ପାଇଁ ପ୍ରୟାସ କରିଥିଲେ। ଓଡ଼ିଶୀ ନୃତ୍ୟ ସମେତ ଅନେକ ସାଂସ୍କୃତିକ ଉପସ୍ଥାପନା ଉତ୍ସବକୁ ମୁଖରିତ କରିଥିଲା। ଏହି ଅବସରରେ ଓଏସ୍ଏ-ରକି ମାଉଣ୍ଟେନ୍ ଚାପ୍ଟରର ସଭାପତି



ଏବଂ କୋଷାଧ୍ୟକ୍ଷ ଯଥାକ୍ରମେ ରଜତ ପ୍ରଧାନ ଏବଂ ବିଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକଟି ଡେନଭରରେ ଓଡ଼ିଆ ସମ୍ପ୍ରଦାୟର ଅନ୍ୟତମ ବରିଷ୍ଠ ସଦସ୍ୟ ପ୍ରେମଲତା ପଣ୍ଡାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିଲା। ବ୍ୟବସାୟୀ ମହିଳା ଏବଂ ସାମାଜିକ କର୍ମୀ ସୋନାଲି ସୁଚରିତା ଆହୁଜାଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଟେକ୍ନୋକ୍ରାଟ୍ ଆନନ୍ଦ ମହାନ୍ତି ସ୍ୱୟଂପ୍ରଭା ରଥଙ୍କ ପରିଚୟ ପ୍ରଦାନ କରିଥିଲେ।

# ଏସ୍‌ସିବିରେ ଜନ୍ମିତ ୧୪ ଅସହାୟ ନବଜାତ ଶିଶୁଙ୍କ ପତ୍ତା ମିଳୁନି

**କଟକ, ୬/୦୪ ନ୍ୟୁଜ ବ୍ୟୁରୋ**

କଟକ ବଡ଼ ଡାକ୍ତରଖାନାରେ ଗଲା ୬ ବର୍ଷ ଭିତରେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ୧୬ ଜଣ ଅସହାୟ ତଥା ମାନସିକ ବିକାରଗ୍ରସ୍ତ ମହିଳା ସନ୍ତାନ ପ୍ରସବ କରିଛନ୍ତି। ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅବଶିଷ୍ଟ ୧୪ଜଣ ଶିଶୁଙ୍କ ପତ୍ତା ମିଳୁନାହିଁ। ଯେଉଁ ସାମାଜିକ ସଂଗଠନ ବା ବ୍ୟକ୍ତିବିଶେଷ ଏହି ଅସହାୟ ମହିଳାଙ୍କୁ ରାସ୍ତାରୁ କିମ୍ବା ବିଭିନ୍ନ ସ୍ଥାନରୁ ଆଣି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସେମାନଙ୍କ ହାତରେ ଏହି ନବଜାତ ଶିଶୁଙ୍କୁ ଟେକି ଦିଆଯାଇଛି। ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଏବେ ଏହି ଶିଶୁଙ୍କର କୌଣସି ଖୋଜଖବର ନାହିଁ। ଏଭଳି ତଥ୍ୟ ସୂଚନା ଅଧିକାର ଆଇନ ବଳରେ ସାମନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଏହି ଶିଶୁଙ୍କୁ ବିକ୍ରି କରାଯାଇଥିବା ସନ୍ଦେହ କରାଯାଉଛି।



ଏସ୍‌ସିବି ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ଅସହାୟ ଓ ଅପରିଚିତ ମାନସିକ ବିକାରଗ୍ରସ୍ତ ମହିଳାମାନେ ବିଭିନ୍ନ ସମୟରେ ସନ୍ତାନ ପ୍ରସବ କରୁଛନ୍ତି। ସାଧାରଣତଃ ସାମାଜିକ କର୍ମୀଙ୍କ ମାଧ୍ୟମରେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଉଛି। ସନ୍ତାନ ପ୍ରସବ ପରେ ନବଜାତ ଶିଶୁଙ୍କୁ ମେଡିକାଲ ପକ୍ଷରୁ ନିୟମ ଅନୁଯାୟୀ ସିଡବ୍ଲୁସି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମାଧ୍ୟମରେ ଶିଶୁ ଯତ୍ନ ପ୍ରତିଷ୍ଠାନରେ ଥଇଥାନ କରିବା କଥା। କିନ୍ତୁ ଯେଉଁମାନେ ଏହି ମହିଳାଙ୍କୁ ମେଡିକାଲ୍ ଆଣିଥାନ୍ତି, ସେମାନଙ୍କୁ ନବଜାତ ଶିଶୁଙ୍କୁ ଟେକିଦିଆଯାଉଥିବା ଭଳି ଚାଞ୍ଚଲ୍ୟକର ତଥ୍ୟ ସୂଚନା ଅଧିକାର ଆଇନ ବଳରେ ପଦାକୁ ଆସିଛି। ଏହି ଶିଶୁମାନେ ଏବେ କେଉଁଠି ଅଛନ୍ତି ଏବଂ କିଏ ନେଇଛନ୍ତି ସେ ସମ୍ପର୍କରେ କୌଣସି ସୂଚନା ନାହିଁ। ଏଭଳି ଧାରା ଦୀର୍ଘବର୍ଷ ହେବ ଚାଲିଆସୁଛି। ନବଜାତ ଶିଶୁଙ୍କ ଜନ୍ମ ପଞ୍ଜୀକରଣ ପାଇଁ ମେଡିକାଲ କର୍ତ୍ତୃପକ୍ଷ କଟକ ମହାନଗର ନିଗମକୁ ପଠାଉ ନାହାନ୍ତି। ୧୯୬୯ ମସିହା ଜନ୍ମମୃତ୍ୟୁ ପଞ୍ଜୀକରଣ ବାଧ୍ୟତାମୂଳକ ଥିବା ବେଳେ ଏହାକୁ ମେଡିକାଲରେ କାର୍ଯ୍ୟକାରୀ କରାଯାଉନାହିଁ। ଏସ୍‌ସିବି ମେଡିକାଲ୍ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ୨୦୧୮ ଡିସେମ୍ବର ୨୬ରୁ ୨୦୨୫ ମାର୍ଚ୍ଚ ୨ ତାରିଖ ସୁଦ୍ଧା ୧୬ ଜଣ ଅସହାୟ ତଥା ଅପରିଚିତ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ପ୍ରସବ କରାଯାଇଛି। ଏଥିରୁ ୨ ଜଣଙ୍କର ମୃତ୍ୟୁ ହୋଇଛି। ଏସ୍‌ସିବି ପକ୍ଷରୁ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ଯେଉଁ ଅସହାୟ ଓ ଅପରିଚିତ ମାନସିକ ବିକାରଗ୍ରସ୍ତ ମହିଳା ସନ୍ତାନ ଜନ୍ମ ଦେଇଛନ୍ତି ସେହି ନବଜାତ ଶିଶୁଙ୍କ ସନ୍ତାନଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିବା ପାଇଁ କୌଣସି ପ୍ରକାର ସ୍କୋପ୍ ଅଫ୍ ରୁଲ୍ ନାହିଁ। ତେଣୁ ଯେଉଁ ସଂସ୍ଥା ବା ବ୍ୟକ୍ତି ଏହି ମହିଳାଙ୍କୁ ଆଣୁଥିଲେ ନବଜାତ ଶିଶୁଙ୍କୁ ସେମାନଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ସିବି ପକ୍ଷରୁ ଦର୍ଶାଯାଇଛି। ୨୦୨୬ ଫେବ୍ରୁୟାରୀ ୧୬ ତାରିଖ ସୁଦ୍ଧା ମେଡିକାଲ କର୍ତ୍ତୃପକ୍ଷ ଜଣେ ବି ମାନସିକ ବିକାରଗ୍ରସ୍ତ ମହିଳାଙ୍କ ସନ୍ତାନର ଜନ୍ମ ପଞ୍ଜୀକରଣ ପାଇଁ ପଠାଇ ନାହାନ୍ତି। ଏହାବାଦ୍ ୨୦୨୨ ଜାନୁଆରୀ ୧ରୁ ୨୦୨୨ ଡିସେମ୍ବର ୧ ପର୍ଯ୍ୟନ୍ତ କେହି ସେଭଳି ମାନସିକ ବିକାରଗ୍ରସ୍ତ ମହିଳା ପ୍ରସବ ପାଇଁ ଭର୍ତ୍ତି ହୋଇନାହାନ୍ତି ବୋଲି ଏସ୍‌ସିବି ପକ୍ଷରୁ ଦର୍ଶାଯାଇଛି। କିନ୍ତୁ ୨୦୨୨ ସେପ୍ଟେମ୍ବର ୮ ତାରିଖରେ ଜଣେ ଅସହାୟ ମହିଳା ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଥିବା ଜଣାପଡ଼ିଥିଲା। ସେପ୍ଟେମ୍ବର ୧୨ ତାରିଖରେ ଏହି ମହିଳା ଡିସ୍‌ଚାର୍ଜ ହୋଇଥିଲେ। ପରେ ତାଙ୍କୁ ଏକ ଥଇଥାନ କେନ୍ଦ୍ରରେ ରଖାଯାଇଥିଲା। ସେଠାରୁ ସେ ୨୦୨୫ ଏପ୍ରିଲ ୧୩ ତାରିଖରେ ଗାଏବ ହୋଇ ଯାଇଥିଲେ। ସେହିଦିନ ସିଆରଆରଆଇ ଥାନାରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ମହିଳା ଥଇଥାନ କେନ୍ଦ୍ରକୁ ଆସିବା ପୂର୍ବରୁ ନବଜାତ ଶିଶୁ କେଉଁଆଡ଼େ ଗାଏବ ହୋଇଯାଇଥିବା କୁହାଯାଉଛି। ସୂଚନା ଅଧିକାର କର୍ମୀ ଅଚ୍ୟୁତ କୁମାର ସାହୁ ଓ ଦୀପକ କୁମାର ଆଚାର୍ଯ୍ୟ ଏ ସଂକ୍ରାନ୍ତ ତଥ୍ୟ ସାମନାକୁ ଆଣିବା ପରେ ହଇଚଇ ସୃଷ୍ଟି ହୋଇଛି। ଏ ନେଇ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ମହିଳା ଓ ଶିଶୁ ସୁରକ୍ଷା ବିଭାଗ ସଚିବ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାର ତଦନ୍ତ ହେଲେ ଏକ ବଡ଼ଧରଣର ବେଆଇନ କାରବାର ସାମନାକୁ ଆସିପାରିବ ବୋଲି କୁହାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୬/୦୪/୨୦୨୬
୪,୩୭,୪୬୪/- ଟଙ୍କା
ସୁନା:-୧୦ଗ୍ରାମ୍୦୦୦ ମିଲିଗ୍ରାମ
ରୂପା:-୩୦ଗ୍ରାମ୍୫୦୦ ମିଲିଗ୍ରାମ


ରାଜ୍ୟରୁ ହଟୁନି କୁଷ୍ଠ କଳଙ୍କ: ୭ ବର୍ଷରେ ୫୫ ହଜାର ଆକ୍ରାନ୍ତ
ଚିହ୍ନାମାଟି ହରାଇ ପଳିଚନ୍ତି ଖୋଲୁଛନ୍ତି ଆଦିବାସୀ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କଟକ ରେଳ ଷ୍ଟେସନ୍‌ରୁ ୪୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**କଟକ, ୦୬/୦୪ ନ୍ୟୁଜ ବ୍ୟୁରୋ**

କଟକ ରେଳ ଷ୍ଟେସନ୍‌ରେ ନୂଆ କୌଶଳରେ ଗଞ୍ଜେଇ ଚାଲାଣ କାରବାରର ପର୍ଦ୍ଦାଫାସ ହୋଇଛି। ରଙ୍ଗ ଓ ଡିଜେଲ୍ ବାଲ୍‌ଟିରେ ଗଞ୍ଜେଇ ପ୍ୟାକିଂ କରି ଚାଲାଣ ବେଳେ ଆରପିଏଫ୍ ଧରିଛି। ୭ଟି ପ୍ଲାଷ୍ଟିକ୍ ବାଲ୍‌ଟିରୁ ୮୪ କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୪୨ ଲକ୍ଷ ୧୫ ହଜାର ଟଙ୍କା ହେବ। କିନ୍ତୁ ଗଞ୍ଜେଇ ଚାଲାଣ ପଛର କାର୍ଯ୍ୟଟଦାର ଷ୍ଟେସନ୍‌ରୁ ଫେରାର ହୋଇଯାଇଛନ୍ତି। ଏଭଳି କୌଶଳରେ ଗଞ୍ଜେଇ ଚାଲାଣ ଉଭୟ ରେଳବାଇ ଓ ଅବକାରୀ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ସୂଚନା ଅନୁଯାୟୀ, କଟକ ରେଳଷ୍ଟେସନ୍‌ରେ ୪ଟି ବାଲ୍‌ଟି ଗୋଟିଏ ସ୍ଥାନରେ ଓ ଅନ୍ୟ ୩ଟିକୁ ଟିକିଏ ଦୂରରେ ରଖାଯାଇଥିଲା। ଅନେକ ସମୟ ଧରି ଏହି ବାଲ୍‌ଟି ସେଠାରେ ରହିଥିବା ଦେଖିବାକୁ ମିଳିଥିଲେ ବି ସେଗୁଡ଼ିକର କେହି ଦାବିଦାର ନଥିଲେ। ସୂଚନା ପାଇ ଆରପିଏଫ୍ ତୁରନ୍ତ ସେଠାରେ ପହଞ୍ଚିଥିଲା। ୬ ପୁଲିସ କର୍ମଚାରୀ ଆମ୍ବୁସ୍‌ରେ ନିୟୋଜିତ ହୋଇଥିବା ବେଳେ ଦୁଇଜଣ ସାଦା ପୋଷାକରେ ଦିନ ୧୨ଟା ଯାଏଁ ଛକି ରହିଥିଲେ। ଘଟଣା ସମ୍ପର୍କରେ ଆରପିଏଫ୍ ପକ୍ଷରୁ ଜିଆରପି ଓ ଖୋର୍ଦ୍ଧାରେ ଥିବା ଡଗ୍‌ସ୍କ୍ୱାଡ୍‌କୁ ସୂଚନା ଦିଆଯାଇଥିଲା। ୭ଟି ପ୍ଲାଷ୍ଟିକ୍ ବାଲ୍‌ଟିରୁ ୪ଟି ଏକ ରଙ୍ଗ କମ୍ପାନିର ଡିସ୍‌ଟେମ୍ପର ଏବଂ ଅବଶିଷ୍ଟ ୩ଟି ମୋବିଲ୍ କମ୍ପାନିର ବୋଲି ଉଲ୍ଲେଖ ଥିଲା। ପ୍ରତି ବାଲ୍‌ଟି ୨୦ ଲିଟର କ୍ଷମତାବିଶିଷ୍ଟ ଥିଲା। ଗୋଟିଏ ବାଲ୍‌ଟି ଖୋଲିବା ପରେ ଏଥିରେ ରଙ୍ଗ ଭଳି ଦେଖାଯାଉଥିବା କିଛି ତରଳ ପଦାର୍ଥ ଥିଲା। ଖୋର୍ଦ୍ଧାରୁ ଡଗ୍ ସ୍କ୍ୱାଡ୍ ପହଞ୍ଚିବା ପରେ ବାଲ୍‌ଟି ଯାଞ୍ଚ କରାଯାଇଥିଲା। ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗଞ୍ଜେଇ କିଏ ଆଣିଲା ଓ କେଉଁଆଡ଼େ ଯିବାର ଥିଲା ଜଣାପଡ଼ିନାହିଁ। ସେହି ବାଲ୍‌ଟିର ତଳ ଭାଗରେ ପ୍ଲାଷ୍ଟିକ ଜରିରେ ଗଞ୍ଜେଇ ରଖାଯାଇଥିବା ବେଳେ ତାହା ଉପରେ ରଙ୍ଗ ରଖାଯାଇଥିବା ଦେଖିବାକୁ ମିଳିଥିଲା । ଆରପିଏଫ୍ ପକ୍ଷରୁ ଏ ସମ୍ପର୍କରେ କଟକ ଜିଲ୍ଲା ଅବକାରୀ ବିଭାଗକୁ ସୂଚନା ଦିଆଯାଇଛି। ଯେଉଁଠି ବାଲ୍‌ଟି ରଖାଯାଇଥିଲା ସେଠାରେ ରେଳବାଇର ନିର୍ମାଣ କାମ ଚାଲିଥିବାରୁ ସିସି କ୍ୟାମେରା କାମ କରୁନାହିଁ। ସେଥିପାଇଁ ଆଖପାଖରେ ଲାଗିଥିବା ସିସି କ୍ୟାମେରାକୁ ଆରପିଏଫ୍ ପକ୍ଷରୁ ଯାଞ୍ଚ କରାଯାଉଛି। କଟକରୁ କେଉଁଠାକୁ ଏହି ଗଞ୍ଜେଇ ଚାଲାଣ ହେଉଥିଲା ସେ ସଂପର୍କରେ ଜିଲ୍ଲା ଅବକାରୀ ବିଭାଗ ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି।



10001/18/2627

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/10003/2/26-27/0001